RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -130 ସଂଖ୍ୟା-୧୩୦
ଭୁବନେଶ୍ୱର, ଶନିବାର ୦୧ ଅଗଷ୍ଟ ୨୦୨୬
Bhubaneswar, Saturday 01 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଏଲ ନିନୋ ବିପଦକୁ ମାତ ଦେଲା ମୌସୁମୀ
### ଜୁଲାଇରେ ୧୦୧% ବର୍ଷିଲା, ଏବେ ଅଗଷ୍ଟ ଉପରେ ନଜର

ନୂଆଦିଲ୍ଲୀ,୩୧।୭(ନି.ପ୍ର.): ଜୁଲାଇ ମାସରେ ଭାରତର ଦକ୍ଷିଣ ପଶ୍ଚିମ ବାୟୁ ଜବରଦସ୍ତ କମବ୍ୟାକ କରିଛି। ଜୁଲାଇ ମାସରେ ମୌସୁମୀ ୧୦୧% ବର୍ଷିଛି। ଶକ୍ତିଶାଳୀ ଏଲ ନିନୋ ଯୋଗୁ ମୌସୁମୀ ଦୁର୍ବଳ ହୋଇଯିବ ବୋଲି ଅନେକ ପାଣିପାଗ ବିଶେଷଜ୍ଞ କହିଥିଲେ। ବିଭିନ୍ନ ମଡେଲ ମଧ୍ୟ ଦୁର୍ବଳ ମୌସୁମୀର ଆଶଙ୍କା କରିଥିଲେ। କିନ୍ତୁ ଜୁଲାଇ ମାସରେ ମୌସୁମୀ ସବୁ ଏଲନିନୋ ବିପଦକୁ ମାତ ଦେବାକୁ ସକ୍ଷମ ହୋଇଛି।

ଜୁଲାଇ ମାସରେ ମୌସୁମୀ ନାଟକୀୟ ଢଙ୍ଗରେ କମବ୍ୟାକ କରିବାରୁ ନିଅଣ୍ଟିଆ ବର୍ଷାର ବିପଦ କିଛି ମାତ୍ରାରେ ହ୍ରାସ ପାଇଛି। ଏଥିସହ ଚଳିତ ବର୍ଷ ମୌସୁମୀ ପ୍ରାୟ ସ୍ୱାଭାବିକ ରହିବ ବୋଲି ଆଶା ସୃଷ୍ଟି ହୋଇଛି। ତେବେ ପାଣିପାଗ ବିଶେଷଜ୍ଞମାନେ ଅଗଷ୍ଟ ଓ ସେପ୍ଟେମ୍ବର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ କହିଛନ୍ତି।

ବୃଷ୍ଟିପାତର ତଥ୍ୟ ଅନୁଯାୟୀ, ଜୁଲାଇ ୧ରୁ ଜୁଲାଇ ୩୧ ମଧ୍ୟରେ ଭାରତରେ ହାରାହାରି ୨୮୩ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ୨୮୦ ମିମି ବର୍ଷା ସାଧାରଣ ଭାବେ ହେବା କଥା। ଅର୍ଥାତ ଦୀର୍ଘ କାଳୀୟ ସମୟରେ ୧୦୧% ବର୍ଷା ରେକର୍ଡ କରାଯାଇଛି।

ମୌସୁମୀର ଏପରି କମବ୍ୟାକ ବେଶ ଆଶ୍ଚର୍ଯ୍ୟଜନକ। କାରଣ ଜୁଲାଇରେ ମୌସୁମୀ ସ୍ୱାଭାବିକ ଠାରୁ କମ୍ ବର୍ଷିବ ବୋଲି ଅଧିକାଂଶ ପାଣିପାଗ ମଡେଲ୍ ପୂର୍ବାନୁମାନ କରିଥିଲେ। ବିକଶିତ ହେଉଥିବା ସୁପର ଏଲ୍ ନିନୋର ପ୍ରଭାବ ପଡିବ ବୋଲି ସମସ୍ତେ ଦର୍ଶାଇଥିଲେ। କିନ୍ତୁ ଜୁଲାଇର ବର୍ଷା ସେହି ସବୁ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରିଛି।

ଜୁଲାଇ ଆରମ୍ଭରେ ଦେଶର ହାରାହାରି ୪୦% କମ ବର୍ଷା ହୋଇଥିଲା। କିନ୍ତୁ ମାସ ଶେଷ ସୁଦ୍ଧା ଏହା ୧୨.୬%କୁ ଖସି ଆସିଛି। ପାଣିପାଗ ବିଶେଷଜ୍ଞମାନଙ୍କ କହିବା କଥା ଯେ କେନ୍ଦ୍ରୀୟ ଭାରତରେ କ୍ରମାଗତ ସୃଷ୍ଟି ହେଉଥିବା ଲଘୁଚାପ କ୍ଷେତ୍ର ଓ ମୌସୁମୀ ଜନିତ ଅବପାତ ଯୋଗୁ ଦେଶର ଅନେକ ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିଛି।

ଏବେ ବି କେନ୍ଦ୍ରୀୟ ଭାରତ ଉପରେ ଥିବା ଗଭୀର ଅବପାତ ମୌସୁମୀ ବର୍ଷାକୁ ଆହୁରି ସକ୍ରିୟ କରିଛି। ବିଶେଷ କରି ଗୁଜରାଟରେ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି।

ଆସନ୍ତା ୨୪ରୁ ୩୬ ଘଣ୍ଟା ଦକ୍ଷିଣ ଗୁଜରାଟ ବିଶେଷକରି ସୁରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସେଠାରେ ୨୦୦ରୁ ୪୦୦ ମିମି ଯାଏ ବର୍ଷା ହୋଇପାରେ। ପାଣିପାଗ ବିଶେଷଜ୍ଞମାନେ ଗଭୀର ଅବପାତକୁ ଭାକ୍ୟୁମ୍ କ୍ଲିନର୍ ସହ ତୁଳନା କରିଛନ୍ତି। ସେମାନଙ୍କ କହିବା କଥା ଯେ ଏହା ଦେଶର ବିଭିନ୍ନ ଅଞ୍ଚଳରୁ ଆର୍ଦ୍ରତା ଓ ଘଡଘଡି ସହ ବର୍ଷା ନିଜ ଆଡ଼କୁ ଟାଣି ଆଣି ଏହାର ଚାରିପାଖରେ ପ୍ରବଳ ବୃଷ୍ଟିପାତରେ ସହାୟତା କରୁଛି। ତେବେ ମୌସୁମୀ ଋତୁ ଏଯାଏ ଶେଷ ହୋଇନାହିଁ। ଦେଶରେ ନିଅଣ୍ଟିଆ ବର୍ଷା ସ୍ଥିତି ଅଗଷ୍ଟ ଓ ସେପ୍ଟେମ୍ବର ମାସର ବୃଷ୍ଟିପାତ ହିଁ ନିର୍ଣ୍ଣୟ କରିବ। ବିଶେଷକରି ସେପ୍ଟେମ୍ବର ମାସରେ ଏଲ୍ ନିନୋର ପ୍ରଭାବ ସାଧାରଣତଃ ସର୍ବାଧିକ ରହିଥାଏ। ସେହିପରି ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ଶେଷ ପର୍ଯ୍ୟାୟ କୃଷି, ଜଳଭଣ୍ଡାର ଓ ଦେଶର ଜଳ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେମାନେ କହିଛନ୍ତି।

## ବନ୍ୟା ପରିସ୍ଥିତି ଗମ୍ଭୀର

ଭୁବନେଶ୍ୱର,୩୧।୭(ନି.ପ୍ର.): ରାଜ୍ୟରେ ଲଗାଣ ବର୍ଷା ଓ ନଦୀଗୁଡିକର ଜଳସ୍ତର ବୃଦ୍ଧି ଯୋଗୁ ବନ୍ୟା ପରିସ୍ଥିତି ଏବେ ସଙ୍ଗୀନ ରୂପ ଧାରଣ କରିଛି । ରାଜ୍ୟର ୧୫ଟି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡି ଫସଲ ନଷ୍ଟ କରିଥିବାବେଳେ ୮ଲକ୍ଷରୁ ଅଧିକ ଲୋକ ଏବେବି ଜଳବନ୍ଦୀ ହୋଇ ନାହିଁନଥିବା ଦୁରବସ୍ଥା ଭୋଗୁଛନ୍ତି । ହୀରାକୁଦ ଡ୍ୟାମର ୨୨ଟି ଗେଟ୍ ଦେଇ ୮ଲକ୍ଷ କ୍ୟୁସେକ୍ ଜଳ ଆସୁଥିବାରୁ ମହାନଦୀ ଓ ତା'ର ଶାଖା ନଦୀଗୁଡିକରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଯାହାକି ଏବେ ଚିନ୍ତା ବ?ାଇଛି। ମହାନଦୀ ଅବବାହିକାର ଜିଲ୍ଲାଗୁଡିକର ଜିଲ୍ଲାପାଳଙ୍କୁ ଅଧିକ ସତର୍କତା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସମ୍ବଲପୁର,ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ନୟାଗଡ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନଦୀଗୁଡିକର ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଉତ୍ତର ଓଡିଶା ସମେତ ଯାଜପୁରରେ ବନ୍ୟା ପରିସ୍ଥିତି ଏବେବି ସଙ୍ଗୀନ ହୋଇ ରହିଛି।



ଏସବୁ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ବସି ସ୍ଥିତିର ସମୀକ୍ଷା କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ପ୍ୟାକେଜ୍ ଯୋଗାଇ ଦିଆଯିବ ବୋଲି ଶ୍ରୀ ପୂଜାରୀ ଘୋଷଣା କରିବା ସହ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ଛିଡା ହୋଇଛନ୍ତି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ୪ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାତ୍ରିରେ ଭୁବନେଶ୍ୱର ଫେରି ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ଆକାଶମାର୍ଗରୁ ବନ୍ୟାଂଚଳ ପରିଦର୍ଶନରେ କରିବେ ବୋଲି ଜଣାପଡିଛି। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ଓ ରିଲିଫ କମିଶନର ମଧ୍ୟ ବନ୍ୟାଂଚଳର ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ୧୫ଟି ଜିଲ୍ଲାର ମୋଟ ୬୫ଟି ବ୍ଲକର ୪୯୨ଟି ପଂଚାୟତ ଅନ୍ତର୍ଗତ ୧୪୪୬ଟି ଗାଁ ଓ ୧୩ଟି ପୌରାଂଚଳର ୨୦୧ଟି ୱାର୍ଡର ମୋଟ୍ ପ୍ରାୟ ୮ ଲକ୍ଷ ୩୪ ହଜାର ୭୪୧ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏଥିମଧ୍ୟରୁ ୨ ଲକ୍ଷ ୬୬ହଜାର ୩୦୧ ଜଣ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ୧,୪୭,୦୬୫ ଜଣ ଓ ଯାଜପୁରରେ ୧,୪୩,୪୦୦ ଜଣ ପ୍ରଭାବିତ ହୋଇଥିବାବେଳେ ଭଦ୍ରକରେ ସ୍ଥିତି ବେହାଲ ରହିଛି । ସେଠାରେ ୪ ଲକ୍ଷ ୬୮ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି ଓ ପ୍ରାୟ ୧ ଲକ୍ଷ ୮୯ ହଜାର ଜଳବନ୍ଦୀ ଅଛନ୍ତି। କେନ୍ଦ୍ରାପଡା, ମୟୂରଭଞ୍ଜ ଓ ଖୋର୍ଦ୍ଧା ଭଳି ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ବନ୍ୟା ପାଣି ପଶିଛି। କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିଛି। ରାଜ୍ୟର ୨୬୯୪୨ ହେକ୍ଟର ଚାଷଜମି ପାଣିରେ ବୁଡି ରହିଥିବାବେଳେ କେବଳ ଯାଜପୁର ଜିଲ୍ଲାରେ ୨୦ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ସେହିପରି ରାଜ୍ୟରେ ମୋଟ ୧୦୮୨ଟି ଘର ଭାଙ୍ଗିଯାଇଛି ଓ ୧୩ଟି ଗୋରୁଗାଈ ପ୍ରାଣ ହରାଇଥିବା ଜଣାପଡିଛି।ଏବେସୁଦ୍ଧା ୨ ଲକ୍ଷ ୩୮ ହଜାର ୫୧୪ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱରରୁ ୩୩ ହଜାର ଓ ଯାଜପୁରରେ ପ୍ରାୟ ୪୩ ହଜାର ଲୋକ ସାମିଲ ଅଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ୫୦୯ଟି ରିଲିଫ୍ କ୍ୟାମ୍ପ ଓ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ଖାଇବା ଦିଆଯାଉଛି। ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୧୦୪୩ ମେଟ୍ରିକ୍ ଟନରୁ ଅଧିକ ଗୋଖାଦ୍ୟ ବଣ୍ଟନ କରାଯାଇଛି।

ବନ୍ୟାଂଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୭ଟି ଓଡ୍ରାଫ୍?, ୭ଟି ଏନଡିଆରଏଫ୍ ଓ ୧୨୯ଟି ଅଗ୍ନିଶମ ବାହିନୀ ସମେତ ମୋଟ ୧୫୩ଟି ଦଳ ମୁତୟନ ଅଛନ୍ତି। ଜରୁରୀକାଳୀନ ପରିଚାଳନା ପାଇଁ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୬ କୋଟି ଟଙ୍କା ଜିଲ୍ଲାଗୁଡିକୁ ପ୍ରଦାନ କରାଯାଇଛି।

### ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣା
## ଏମ୍‌କେସିଜିରେ ୫ ଜଣିଆ ତଦନ୍ତ କମିଟି ଗଠିତ

ଭୁବନେଶ୍ୱର,୩୧।୭(ନି.ପ୍ର.): ଅଲ୍ ଓଡିଶା ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣାରେ ତତ୍ପରତା ଦେଖାଇଛି ଏମ୍‌କେସିଜି ମେଡିକାଲ କଲେଜ। ରାଜ୍ୟରେ ପ୍ରଥମ ଥର ପାଇଁ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ପିଜି ପରୀକ୍ଷା ପରିଚାଳନା କରୁଥିବା ବେଳେ ପେପର ଲିକ୍ ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଓୟୁଏଚ୍‌ଏସ୍ ପକ୍ଷରୁ ଜରୁରୀ କାଳୀନ ବୈଠକ କରାଯାଇ ଏମ୍‌କେସିଜି ମେଡିକାଲ କଲେଜର ନୋଡାଲ ସେଣ୍ଟରରୁ ପ୍ରଶ୍ନ ପତ୍ର କିଭଳି ଲିକ୍ ହେଲା, ତାହା ଉପରେ ତଦନ୍ତ କରିବାକୁ କୁହାଯାଇଛି।

ତଦନ୍ତ କରିବା ପାଇଁ ଏମ୍‌କେସିଜି ମେଡିକାଲ ପକ୍ଷରୁ ଏକ ଅନ୍ତରୀଣ ତଦନ୍ତ ଟିମ୍ ଗଠନ କରାଯାଇଛି । ମେଡିକାଲ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏହି ଟିମ୍‌ରେ ମେଡିକାଲ ଅଧୀକ୍ଷକ ସୂଦେପା ଦାସ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ଡ.ଶ୍ୱେତ କୁମାର ଦାସଙ୍କ ସହ ୩ଜଣ ବରିଷ୍ଠ ପ୍ରଫେସରଙ୍କୁ ରଖାଯାଇଛି । କିଭଳି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ବାହାରକୁ ଗଲା, କେଉଁମାନେ ଏଥିରେ ସାମିଲ ଅଛନ୍ତି, ହ୍ୱାଟସଆପ୍ ଗ୍ରୁପ୍ କିଏ ତିଆରି କରିଥିଲା, ସେ କିଭଳି ପ୍ରଶ୍ନପତ୍ରର



ଫଟୋ ଉଠାଇ ବାହାରକୁ ପଠାଇଲେ- ଏସବୁର ତଦନ୍ତ କରିବ ଏହି ତଦନ୍ତକାରୀ ଟିମ୍। ତଦନ୍ତ କରି ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିବା ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ହରିକୃଷ୍ଣ ଦଳାଇ କହିଛନ୍ତି। ତଦନ୍ତ ରିପୋର୍ଟକୁ ଏମ୍‌କେସିଜି ଅଧ୍ୟକ୍ଷଙ୍କୁ ଦିଆଯିବ। ପରେ ଏହାକୁ ଡିଏମ୍‌ଇଟି, ସ୍ୱାସ୍ଥ୍ୟ ବିଭାଗ ଓ ଓୟୁଏଚ୍‌ଏସ୍‌କୁ ପଠାଇ ଦିଆଯିବ ।ଅନ୍ୟପକ୍ଷରେ ଏହି ଘଟଣା ପରେ ପିଜି ଡାକ୍ତରୀ ପରୀକ୍ଷାର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପରୀକ୍ଷା ଦେବା ସମୟରେ ପ୍ରଶ୍ନପତ୍ର ବାହାରକୁ ଆସିବା, ଏକ ହ୍ୱାଟସଆପ୍ ଗ୍ରୁପରେ ଉତ୍ତର ପଠାଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ପୂର୍ବତନ ଛାତ୍ର ବିସ୍ମୟ ପ୍ରକାଶ କରିଛନ୍ତି । ପିଜି ଡାକ୍ତରମାନେ ଏମ୍‌ବିବିଏସ୍ ପରେ ଗୋଟିଏ ଲେଖାଏ ବିଷୟରେ ସ୍ୱତନ୍ତ୍ର ଭାବେ ପଢ଼ନ୍ତି । ବହୁ ଆଶାୟୀ ଛାତ୍ରଙ୍କ ମଧ୍ୟରୁ ମାତ୍ର କିଛି ଛାତ୍ରଛାତ୍ରୀଙ୍କୁ ଏହା ମିଳିଥାଏ । ଏହା ପରେ ସେମାନେ ବିଶେଷଜ୍ଞ ଡାକ୍ତର ହୋଇଥା'ନ୍ତି। ଆଉ ସେହି ପରୀକ୍ଷାର ପ୍ରଶ୍ନପତ୍ର ଯଦି ଲିକ୍ ହୁଏ, ତେବେ ଯେଉଁ ଡାକ୍ତର ବାହାରିବେ ସେମାନେ ରୋଗୀଙ୍କ ଚିକିତ୍ସା ନକରିପାରି ମାରିଦେବେ ବୋଲି ଆଲୋଚନା ହେଉଛି।

## ବଢ଼ିଲା ପିଏମ କିଷାନ ଯୋଜନା ଅବଧି

ନୂଆଦିଲ୍ଲୀ,୩୧।୭(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟର ବଡ ନିଷ୍ପତ୍ତି। ବୃଦ୍ଧି ପାଇଛି ଦେଶରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା ପିଏ କିଷାନ ଯୋଜନାର ଅବଧି। ଏହି ଯୋଜନାର ଅବଧିକୁ ୨୦୨୬-୨୭ରୁ ୨୦୩୦-୩୧ ଯାଏ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି ।ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଏହି ଯୋଜନା ଅଧୀନରେ ଯୋଗ୍ୟ ଚାଷୀଙ୍କୁ ଡିବିଟି ମାଧ୍ୟମରେ ସରକାର ସିଧାସଳଖ ଆକ ସହାୟତା ପ୍ରଦାନ କରିବା ଜାରି ରଖିବେ।



୨୦୧୯ରେ କେନ୍ଦ୍ର ସରକାର ପିଏ କିଷାନ ଯୋଜନା ଲଞ୍ଚ କରିଥିଲେ। ଏହି ଯୋଜନା ଅନୁସାରେ ଯୋଗ୍ୟ ଚାଷୀଙ୍କୁ ୩ଟି କିସ୍ତିରେ ମୋଟ ୬ ହଜାର ଟଙ୍କା ଲେଖାଏ ମିଳୁଛି। ଆର୍ଥିକ ସହାୟତା ସିଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଛନ୍ତି କେନ୍ଦ୍ର ସରକାର।

ପିଏମ କିଷାନ ଯୋଜନା ଆଧାର ଭିତ୍ତିକ, ଡିଜିଟାଲ୍ ଯାଞ୍ଚ ଓ ସିଧାସଳଖ ଲାଭ ହସ୍ତାନ୍ତର ବ୍ୟବସ୍ଥା ମାଧ୍ୟମରେ କୃଷକ କଲ୍ୟାଣର ଏକ ସ୍ୱଚ୍ଛ ମଡେଲ୍ ଭାବେ ଉଭା ହୋଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି ।ଯୋଜନା ଆରମ୍ଭ ହେବା ପର ଠାରୁ କେନ୍ଦ୍ର ସରକାର ୨୩ଟି କିସ୍ତିରେ ଦେଶର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪.୪୭ ଲକ୍ଷ କୋଟିରୁ ଅଧିକ ଟଙ୍କା ପଠାଇଛନ୍ତି। ୨୩ତମ କିସ୍ତିରେ ୯.୪୯ କୋଟିରୁ ଅଧିକ କୃଷକଙ୍କୁ ୧୮,୯୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି ।କୋଭିଡ୍-୧୯ ମହାମାରୀ ସମୟରେ କୃଷକମାନଙ୍କୁ ସହାୟତା ପାଇଁ ଏହି ଯୋଜନା ଅଧୀନରେ ୧.୭୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଥିଲା। ମହିଳା ହିତାଧିକାରୀମାନେ ଏହି ଯୋଜନାରେ ୧.୦୬ ଲକ୍ଷ କୋଟିରୁ ଅଧିକ ଟଙ୍କା ସହାୟତା ପାଇଥିବାବେଳେ ପ୍ରତି ୪ ହିତାଧିକାରୀଙ୍କ ମଧ୍ୟରୁ ଜଣେ ମହିଳା ଚାଷୀ ବୋଲି ସରକାର କହିଛନ୍ତି ।ସରକାରଙ୍କ କହିବା କଥା ଯେ ପିଏମ କିଷାନ ଅଧୀନରେ ମିଳୁଥିବା ଆର୍ଥିକ ସହାୟତା କୃଷକମାନଙ୍କୁ ବିହନ, ସାର, ଜଳସେଚନ, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ କୃଷି ଉପକରଣରେ ବିନିଯୋଗ କରିବାରେ ସହାୟକ ହୋଇଛି। ଏହା ସହିତ ଅନୌପଚାରିକ ଋଣ ଉତ୍ସ ଉପରେ ନିର୍ଭରଶୀଳତା କମାଇ ଗ୍ରାମାଞ୍ଚଳର ପରିବାରମାନଙ୍କ ଆର୍ଥିକ ସ୍ଥିରତାକୁ ମଧ୍ୟ ସୁଦୃଢ଼ କରିଛି।

ସରକାର ନୀତି ଆୟୋଗର ଡେଭେଲପମେଣ୍ଟ ମନିଟରିଂ ଆଣ୍ଡ ଇଭାଲୁଏସନ୍ ଅଫିସ୍ ଦ୍ୱାରା କରାଯାଇଥିବା ଏକ ସର୍ଭେର ଉଲ୍ଲେଖ କରି ସରକାର କହିଛନ୍ତି ଯେ ୯୨ ପ୍ରତିଶତରୁ ଅଧିକ ହିତାଧିକାରୀ ଏହି ସହାୟତାକୁ କୃଷି କାର୍ଯ୍ୟ ଓ ଚାଷରେ ବିନିଯୋଗ ପାଇଁ ବ୍ୟବହାର କରିଛନ୍ତି। ପ୍ରାୟ ୮୫ ପ୍ରତିଶତ କୃଷକ କହିଛନ୍ତି ଯେ ସେମାନଙ୍କ କୃଷି ଆୟ ବଢ଼ିଛି ଓ ଅନୌପଚାରିକ ଋଣ ଉପରେ ନିର୍ଭରତା କମିଛି ।ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ଚାଷ ଜମିର ପରିମାଣ ପ୍ରାୟ ୯.୬୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କୃଷି ଉତ୍ପାଦନ କ୍ଷମତା ପ୍ରାୟ ୧୦.୫୩ ପ୍ରତିଶତ ବଢ଼ିଛି। ସେହିପରି ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୨୧.୧୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି।

## ଶ୍ରେଣୀଗୃହରୁ ଡାକି ଦଶମ ଶ୍ରେଣୀ ଛାତ୍ରଙ୍କୁ ଛୁରାମାଡ଼

ଜୟପୁର,୩୧।୭(ନି.ପ୍ର.): କୋରାପୁଟ ଜିଲ୍ଲା ଜୟପୁର ସହର ନିକଟସ୍ଥ ବାରିଣୀପୁଟ ଯୋଜନା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଘଟିଥିବା ଏକ ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବିଦ୍ୟାଳୟର ଦଶମ ଶ୍ରେଣୀର ଜଣେ ଛାତ୍ର ମହେଶ ବାଘଙ୍କୁ ଛୁରିରେ ଆକ୍ରମଣ କରାଯିବା ପରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ବିଦ୍ୟାଳୟ ଓ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିବା ବେଳେ ପରିବାର ଲୋକଙ୍କ କାନ୍ଦବୋବାଳିରେ ଫାଟିପଡୁଛି।

ସୂଚନା ଅନୁସାରେ ଆଜି ମଧ୍ୟାହ୍ନ ଭୋଜନ ସମୟରେ ବିଦ୍ୟାଳୟରେ ଘଟଣା ଘଟିଛି। ସେହି ସମୟରେ ଗତବର୍ଷ ବିଦ୍ୟାଳୟରୁ ପାସ୍‌ଆଉଟ୍ ହୋଇଥିବା ଜଣେ ପୂର୍ବତନ ଛାତ୍ର ରାଜକୁମାର ଶ୍ରେଣୀଗୃହକୁ ଆସି ମହେଶ ବାଘଙ୍କୁ ବାହାରକୁ ଡାକିଥିଲେ। ପରେ ତାଙ୍କୁ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ଏହାର ପ୍ରକୃତ କାରଣ ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତିକ୍ରିୟା ଦେଇ କହିଛନ୍ତି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବାବେଳେ ମୋଟ ୩୮୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦଶମ ଶ୍ରେଣୀରେ ୩୨ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଘଟଣାଟି ମଧ୍ୟାହ୍ନ ଭୋଜନ ବିରତି ସମୟରେ ଘଟିଥିଲା। ମହେଶ ଭଲ ପାଠପଢୁଥିଲେ। ଅଭିଯୁକ୍ତ ନାବାଳକ ଗତବର୍ଷ ଏହି ବିଦ୍ୟାଳୟରୁ ପାସ୍‌ଆଉଟ୍ କରିଥିଲା। ମହେଶଙ୍କ ବାପା ମୁରଲୀ ବାଘ କହିଛନ୍ତି, ସେ ଏକ ଦୋକାନରେ କାମ କରନ୍ତି। ସକାଳେ ପୁଅ ସ୍କୁଲକୁ ଯାଇଥିଲା। ଘଟଣାର ଖବର ପାଇ ସେ ତୁରନ୍ତ ମେଡିକାଲରେ ପହଞ୍ଚିଥିଲେ। ପୁଅର ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଘଟଣାର ଖବର ପାଇ ଏସଡିପିଓ ଅର୍ଚ୍ଚିତା ମିଉଲଙ୍କ ସହ ସଦର ଥାନା ପୁଲିସ ଘରୋଇ ମେଡିକାଲରେ ଉପସ୍ଥିତ ହୋଇ ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ଛାନଭିନ ଆରମ୍ଭ କରିଛନ୍ତି।

### ହଂସୁଆରେ ଭାସିଗଲେ ୨ ଯୁବକ

ଜଗତସିଂହପୁର: ଜଗତସିଂହପୁର ଜିଲ୍ଲା ଆମ୍ବିକି ନିକଟରେ ଅଘଟଣ। ହଂସୁଆ ନଦୀରେ ଗାଧୋଉଥିବା ବେଳେ ଭାସିଗଲେଦୁଇ ଜଣ ଯୁବକ। ନିଖୋଜ ଯୁବକ ଦ୍ୱୟ ହେଉଛନ୍ତି ଆମ୍ବିକ ଗାଁର ବୁଟୁ କାଣ୍ଡି ଓ କାହ୍ନା କାଣ୍ଡି ।ଅପରାହ୍ନପାଞ୍ଚ ଜଣ ସାଙ୍ଗଙ୍କ ସହିତ ସେମାନେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ସେମାନଙ୍କୁ ଖୋଜାଖୋଜି କରୁଛି।

### ବ୍ୟାଗରେ ମହିଳାଙ୍କ ମୃତଦେହ ଘଟଣାରେ ପୁଲିସକୁ ବଡ ସଫଳତା
## ବିଶାଖାପାଟଣାରୁ ଅଭିଯୁକ୍ତଙ୍କୁ ଗିରଫ କଲା ରାୟଗଡା ପୁଲିସ

ରାୟଗଡା, ୩୧/୭(ନି.ପ୍ର.): ଗତ ଜୁନ୍ ୧୭ ତାରିଖରେ ଚାନ୍ଦିଲି ଥାନା ଅନ୍ତର୍ଗତ ଖଲିଗୁଡା ଗ୍ରାମ ନିକଟରୁ ଏକ ବନ୍ଦ ବ୍ୟାଗ୍ ଭିତରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ରାୟଗଡା ଜିଲ୍ଲା ପୁଲିସକୁ ମିଳିଛି ବଡ ସଫଳତା ଓ ରାୟଗଡା ପୁଲିସ ଆନ୍ଧ୍ର ପ୍ରଦେଶ ପୁଲିସ ସହାୟତାରେ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡିଛି ଓ ଅଭିଯୁକ୍ତ ଜଣଙ୍କ ହେଲେ କାଞ୍ଚରାପାଲମ ପୁଲିସ ଷ୍ଟେସନ ଅଧୀନରେ ଥିବା ଦୁର୍ଗା ନଗର ଅଂଚଳର ବୋଲି ସେଟ୍ଟି ସୁରେଶ ୩୨ ବର୍ଷ ଓ ସେ ଜଣେ ଅଟୋ ଡ୍ରାଇଭର ଓ ବ୍ୟାଗରେ ମିଳିଥିବା ଯୁବତୀ ଜଣକ ସନ୍ଧ୍ୟା ଓ ଘରୋଇ କାମରେ ସାହାଯ୍ୟ ପାଇଁ ଅଭିଯୁକ୍ତ ସୁରେଶ ମୃତକ ସନ୍ଧ୍ୟାକୁ ଘରକୁ ଆଣିଥିଲେ ଓ କିନ୍ତୁ ପରବର୍ତ୍ତୀ ସମୟରେ ସୁରେଶ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ଓ ଯୁବତୀ ଜଣଙ୍କ ସୁରେଶଙ୍କୁ ବାହା ହେବା ପାଇଁ ଚାପ ପକାଇଥିଲେ ଓ କିନ୍ତୁ ସୁରେଶ କର୍ଣ୍ଣପାତ ନ କରିବାରୁ ଯୁବତୀ ଜଣଙ୍କ ଘରକୁ ଆସି ଘଟଣା ସମ୍ପର୍କରେ ଝଗଡା କରିଥିଲେ ଓ ସେତେବେଳେ ହିଁ ସୁରେଶ ସନ୍ଧ୍ୟା ଙ୍କୁ ପ୍ରବଳ ମାଡ ମାରିଥିଲେ ଏବଂ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା ଓ ବ୍ୟାଗ କିଣି ମୃତଦେହକୁ ଭର୍ତି କରି ଇଣ୍ଟରସିଟି ଟ୍ରେନ ଯୋଗେ ରାୟଗଡା ଆଣିଥିଲା ଓ ରାୟଗଡା ଷ୍ଟେସନରୁ ଅଟୋ ଯୋଗେ ବ୍ୟାଗ କୁ ନେଇ ଖଲିଗୁଡା ନିକଟସ୍ଥ ପଡିଆରେ ଫିଙ୍ଗି ଦେଇଥିଲେ।

ସୂଚନାରୁ ଜଣାପଡିଛି ମୃତଦେହ ଥିବା ବ୍ୟାଗଟି ଏକ ଅଟୋରିକ୍ସା ଯୋଗେ ଘଟଣାସ୍ଥଳକୁ ଆଣି ପକାଯାଇଥିବାର ପ୍ରମାଣ ମିଳିଥିଲା । ରାୟଗଡା ପୁଲିସ ଅଟୋ ଦ୍ୱାରା ଅଣାଯାଇ ବ୍ୟାଗ ଫିଙ୍ଗା ଯାଇଥିବା ସ୍ପଷ୍ଟ ହେବା ପରେ ରାୟଗଡା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ସହରରେ ଚଳାଚଳ କରୁଥିବା ସମସ୍ତ ଅଟୋ ସହ ଚାଳକଙ୍କୁ ଗୋଟିଏ ସ୍ଥାନକୁ ଡାକିଥିଲେ ଓ ଏହି ସୂରାକ ଆଧାରରେ ରାୟଗଡା ସହରର ବିଭିନ୍ନ ଅଟୋରିକ୍ସା ଚାଳକଙ୍କ ସହ ପୁଲିସ ପଚରାଉଚରା କରିବା ସମୟରେ ୨ଜଣ ଅଟୋ ଚାଳକ ଘଟଣାଦିନ ସନ୍ଦିଗ୍ଧଙ୍କୁ ଅଟୋରେ ନେଇଥିବା ସୂଚନା ପାଇଥିଲେ ଓ ଅଟୋ ଚାଳକଙ୍କ ସୂଚନା ଅନୁଯାୟୀ ସନ୍ଦିଗ୍ଧ ଜଣଙ୍କ ଏଟିଏମ ରୁ ପଇସା ଉଠାଇଥିବା ସୂଚନା ଦେଇଥିଲେ ଓ ପୁଲିସ ଏଟିଏମରେ ଥିବା ସିସି ଟିଭି ଫୁଟେଜରୁ ସନ୍ଦିଗ୍ଧ ର ଫୋଟ ପାଇ ଆନ୍ଧ୍ର ପୁଲିସର ସହାୟତା ନେଇ ଅଭିଯୁକ୍ତ ପାଖରେ ପହଞ୍ଚିଥିଲା ଓ ରାୟଗଡା ଜିଲ୍ଲା ଚାନ୍ଦିଲି ପୁଲିସର ଏକ ସ୍ୱତନ୍ତ୍ର ଟିମ ଅଭିଯୁକ୍ତ ସୁରେଶକୁ ରାୟଗଡା ଆଣିଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଜୁନ୍ ୧୭ ତାରିଖ ସକାଳେ ଖଲିଗୁଡା ଗ୍ରାମ ନିକଟରେ ଥିବା ଏକ କାର୍ ଶୋ'ରୁମ୍‌ର ମ୍ୟାନେଜର ଶୋ'ରୁମ୍ ଖୋଲିବା ବେଳେ ବାହାରେ ପଡ଼ିଥିବା ଏକ କଳା ରଙ୍ଗର ବ୍ୟାଗ୍‌ରୁ ଦୁର୍ଗନ୍ଧ ବାହାରୁଥିବା ଦେଖି ସନ୍ଦେହ କରିଥିଲେ। ସେ ଚାନ୍ଦିଲି ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟାଗଟି ଖୋଲିଥିଲା। ପ୍ରାଥମିକ ତଦନ୍ତରୁ ମହିଳାଙ୍କ ହାତ ବନ୍ଧା ଅବସ୍ଥାରେ ଥିବା ଜଣାପଡ଼ିଥିଲା। ଏନେଇ ଚାନ୍ଦିଲି ଥାନାରେ ମାମଲା ନଂ ୧୯୮/୨୦୨୬ ରୁଜୁ ହୋଇଥିବା ବେଳେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରହିଥିବା । ନେଇ ପ୍ରକାଶ କରିଛନ୍ତି ରାୟଗଡ଼ା ଏସ ପି ରାଜ୍ ପ୍ରସାଦ ।

### ତାହିର ହୁସୈନଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ,୩୧।୭: ଚର୍ଚ୍ଚିତ ୨୦୨୦ ଦିଲ୍ଲୀ ଦଙ୍ଗାରେ ଆଇବି ଅଧିକାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ମାମଲାରେ କଡ଼କଡ଼ୁମା କୋର୍ଟ ରାୟ ଶୁଣାଇଛନ୍ତି । ଶୁକ୍ରବାର କୋର୍ଟ ପୂର୍ବତନ କାଉନସିଲର୍ ତାହିର ହୁସୈନ, ନାଜିମ, କାସିମ, ଜାବେଦ ଓ ଅନସଙ୍କୁ ହତ୍ୟା ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ଅଦାଲତ ଏହାକୁ ଏକ ଗମ୍ଭୀର ମାମଲା ଭାବରେ ବର୍ଣ୍ଣନା କରିଛନ୍ତି । ଯାହା ସାରା ଦେଶକୁ ବିଚଳିତ କରିଦେଇଥିଲା । ତେବେ ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ସମସ୍ତ ୫ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲା ।ଯାହାକୁ ଅଦାଲତରେ ଆଜୀବନ ଦଣ୍ଡରେ ସୀମିତ ରଖିଛନ୍ତି ।

## ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ
### ନକ୍ସଲମୁକ୍ତ ଓଡ଼ିଶାଠୁ ଶିଳ୍ପାୟନ ଯାଏଁ ବଡ଼ ଆଲୋଚନା

ନୂଆଦିଲ୍ଲୀ୩୧।୭(ନି.ପ୍ର.): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ହୋଇଥିବା ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଜ୍ୟର ଆଇନ-ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ନକ୍ସଲ ଦମନ ସହ ବିକାଶ ଓ ଶିଳ୍ପାୟନ ନେଇ ବିସ୍ତୃତ ଆଲୋଚନା ହୋଇଛି।



ବୈଠକରେ ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଦିଗରେ ଚାଲିଥିବା ପଦକ୍ଷେପ ଏବଂ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ଉଭୟ ନେତା ଆଲୋଚନା କରିଥିଲେ। ନକ୍ସଲ ଦମନରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଥିବା ଜଣାପଡ଼ିଛି ।ଏହାସହ ରାଜ୍ୟରେ ଚାଲିଥିବା ବନ୍ୟା ସ୍ଥିତି ନେଇ ମଧ୍ୟ ଆଲୋଚନା ହୋଇଛି। ବନ୍ୟା ମୁକାବିଲା ପାଇଁ କେନ୍ଦ୍ରୀୟ ସହାୟତା ନେଇ ମଧ୍ୟ ରାଜ୍ୟ ପକ୍ଷରୁ ଆଲୋଚନା କରାଯାଇଛି।

ବିକାଶ ସହ ଶିଳ୍ପ ସୁରକ୍ଷା, ସମବାୟ କ୍ଷେତ୍ର ଏବଂ ବନ୍ଦ ପଡ଼ିଥିବା ଚିନି କଳଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ରୀୟ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ।ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଭେଟିଛନ୍ତି। ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପ, ରେଳ ସଂଯୋଗର ସମ୍ପ୍ରସାରଣ ଏବଂ ପରିବହନ ଭିତ୍ତିଭୂମିକୁ ମଜବୁତ କରିବା ନେଇ ଆଲୋଚନା ହୋଇଛି।

ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରର ନିରନ୍ତର ସହଯୋଗରେ ଓଡ଼ିଶା ସମୃଦ୍ଧ ଓ ବିକଶିତ ରାଜ୍ୟ ହେବା ଦିଗରେ ଆଗକୁ ବଢୁଛି। କେନ୍ଦ୍ର-ରାଜ୍ୟ ସମନ୍ୱୟ ଆହୁରି ବଢ଼ିଲେ ଭିତ୍ତିଭୂମି ବିକାଶ ଓ ରାଜ୍ୟର ସାମଗ୍ରିକ ବିକାଶକୁ ଅଧିକ ଗତି ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଆଞ୍ଚଳିକ ମନ୍ଥନ

ଶନିବାର, ୧ ଅଗଷ୍ଟ ୨୦୨୬, ଭୁବନେଶ୍ୱର Saturday, 1 Aujust 2026, Bhubaneswar





# ନବଜାତ ଶିଶୁର ମୃତଦେହ ସତ୍କାର କଲା ଯୁବ କୁଲୁତା ସମାଜ

ବଲାଙ୍ଗିର,୩୧।୭ :(ମନ୍ଥନ)ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ପକ୍ଷରୁ ପୁଣି ଏକ ମହତ ଓ ମାନବୀୟ କାର୍ଯ୍ୟ ଦେଖିବାକୁ ମିଳୁଛି । ଜଣେ ଅସହାୟ ପରିବାରର ଦୁଃଖ ସମୟରେ ଛିଡା ହୋଇ ମୃତ ନବଜାତ ଶିଶୁର ଶେଷ ସତ୍କାର କରି ସମାଜରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ । ମିଳିଥିବା ସୂଚନା ଅନୁଯାୟୀ ନୁଆପଡା ଜିଲ୍ଲା ସୁନାବେଡା ଗ୍ରାମର କୁନାଲ ଖମାରୀଙ୍କ ପତ୍ନୀ ସୁକାନ୍ତି ଗତକାଲି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ଆଜି ସକାଳେ ଶିଶୁ ପୁତ୍ରଟିର ମୃତ୍ୟ ଘଟିଥିଲା । ବଲାଙ୍ଗିର ସହରରେ କୌଣସି ସମ୍ପର୍କୀୟ ନ ଥିବାରୁ ଶିଶୁର ବାପା ଓ ମା ସମ୍ପୂର୍ଣ୍ଣ ନିରୁପାୟ ହୋଇପଡିଥିଲେ । କୌଣସି ମତେ ଖବର ପାଇବା ପରେ କୁନାଲ ଖମାରୀ ଫୋନ ମାଧ୍ୟମରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କୁ ସମସ୍ତ ବିଷୟ ଜଣାଇ ସହଯୋଗ ପ୍ରାର୍ଥନା କରିଥିଲେ । ଘଟଣାର ଗାମ୍ଭୀର୍ଯ୍ୟ ବୁଝି ସଭାପତି ଶ୍ରୀ ଭୋଇ ବିନା ଦ୍ୱିଧାରେ ନିଜ ବ୍ୟକ୍ତିଗତ ଗାଡି ଧରି ତୁରନ୍ତ ହସ୍ପିଟାଲ ପହଂଚି ଥିଲେ । ପରେ ସମାଜସେବୀ ଅସୀମ ଭୋଇ ମୃତ ଶିଶୁର ବାପା ଏବଂ ଯୁବ କୁଲୁତା ସମାଜର ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ ଓ



ପ୍ରଶାନ୍ତ ପ୍ରଧାନ ଙ୍କ ସହଯୋଗ ରେ ମୃତ ଶିଶୁ ପୁତ୍ର କୁ ଟିଟିଲାଗଡ ରାସ୍ତା ଚମଡା ଦୋଦାମ ନିକଟସ୍ଥ ଜଙ୍ଗଲରେ ସସମ୍ମାନ ଶେଷ ସତ୍କାର କରିଥିଲେ । ଯୁବ କୁଲୁତା ସମାଜର ଏହି ପରି ନିସ୍ୱାର୍ଥପର ଓ ମାନବୀୟ ସେବା ପାଇଁ ବଲାଙ୍ଗିରର ବିଭିନ୍ନ ମହଲ ସମେତ ଓଡିଶା ଓ ଛତିଶଗଡର କୁଲତା ସମାଜର ସମସ୍ତ ସଦସ୍ୟ ଓ ବୁଦ୍ଧିଜିବୀମାନେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ପରିତ୍ୟକ୍ତ ଅବସ୍ଥାରେ ସୁନାମୁହିଁ ନାଳ, ପୁନରୁଦ୍ଧାର ନିମନ୍ତେ ଦାବି

ଖଣ୍ଡପଡା, ୩୧।୭ :(ମନ୍ଥନ) ଖଣ୍ଡପଡା ସହରାଞ୍ଚଳ ଅଧୀନ ଦେଇ ଯାଇଥିବା ସୁନାମୁହିଁ ନାଳରପୁନରୁଦ୍ଧାର ନିମନ୍ତେ ଦାବି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ସୁନାମୁହିଁ କ୍ଷୁଦ୍ର ଜଳସେଚନପ୍ରକଳ୍ପର ଶାଖା କେନାଲ ଏବଂ ଜଳାଶୟର ଅତିରିକ୍ତ ଜଳ ଉକ୍ତ ନାଳ ଦେଇ ନିଷ୍କାସିତ ହୋଇଥାଏ ।ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀରୁ ବାହାରିଥିବା ନାଳ ବାଇପାସ ରାସ୍ତା, ଫରେଷ୍ଟ ଚେକ ଗେଟଦେଇ ସହରାଞ୍ଚଳ ଉପକଣ୍ଠରେ ଥିବା ଚାଷଜମିକୁ ନିଷ୍କାସିତ ହୋଇଥାଏ । ପରେ ଏହା ନିକଟରେ ଥିବାକୁସୁମି ନଦୀରେ ମିଶିଥିବା ନେଇ ସୂଚନା ମିଳିଛି । ମାତ୍ର ବର୍ଷ ବର୍ଷ ଧରି ଏହାର ପୁନରୁଦ୍ଧାର ନ ହେବାଯୋଗୁଁ ଧୀରେ ଧୀରେ ଗତିପଥ ବଦଳାଇବା ସହିତ ପରିତ୍ୟକ୍ତ ଅବସ୍ଥାକୁ ଗତି କରୁଥିବା ଅଭିଯୋଗହେଉଛି । ବିଶେଷକରି ମୌସୁମୀ ଋତୁ ବର୍ଷା ଅନିୟମିତତା ହେଲେ ଉକ୍ତ ନାଳର ପାଣି ସ୍ଥାନୀୟଚାଷୀଙ୍କ ନିମନ୍ତେ ଏକପ୍ରକାର ସଞ୍ଜିବନୀ ଭଳି କାମ କରିଥାଏ । ସମ୍ପୃକ୍ତ



ନାଳ କ୍ଷୁଦ୍ର ଜଳସେଚନବିଭାଗ ଅଧୀନରେ ଆସୁଥିବା ବେଳେ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଉନଥିବା ସ୍ଥାନୀୟବାସିନ୍ଦା କୁହନ୍ତି । ସେହିପରି ପୂର୍ବରୁ ଓସାର ଥିବା ନାଳଟି ସମୟକ୍ରମେ ଜବରଦଖଲ ଯୋଗୁଁସଂକୀର୍ଣ୍ଣ ହୋଇପଡିଥିବା ବେଳେ ଅନାବନା ଗଛ ଓ ଦଳରେ ଭର୍ତ୍ତି ହୋଇଗଲାଣି । ସେହିପରି ପୁନରୁଦ୍ଧାର ନ ହେବା ଯୋଗୁଁ ଅତ୍ୟଧିକ ବର୍ଷା ସମୟରେ ଜଳ ନିଷ୍କାସନରେ ମଧ ବାଧା ଉପୁଜୁଥିବାସହରାଞ୍ଚଳ ବାସିନ୍ଦା କୁହନ୍ତି । ରାଜ୍ୟ ସରକାର ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ନିମନ୍ତେ ଡ୍ରେନେଜ ବିଭାଗକୁ ଦାୟିତ୍ୱ ଦେଇଥିବା ବେଳେ ଏହାର ପୁନରୁଦ୍ଧାର ନିମନ୍ତେ ଦାବି କରିଛନ୍ତି ଅଞ୍ଚଳବାସୀ । ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀକୁଳ ଏବଂ ସହରବାସୀ ଦାବି କରିଛନ୍ତି ।

# ପ୍ରେସ ଲେଖା ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ ! ଟ୍ରାକ୍ଟର ଜବତ, ଜଣେ ଗିରଫ

ମାଲକାନଗିରି,୩୧।୭ :(ମନ୍ଥନ)କାଲିମେଲା ଥାନା ପୁଲିସ ବେଆଇନ ବାଲି ଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରି ଏକ ବାଲି ବୋଝେଇ ମହିନ୍ଦ୍ରା ଟ୍ରାକ୍ଟର ସହ ଟ୍ରଲିକୁ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ହେଲେ ଏହି ଘଟଣାର ସବୁଠାରୁ ଚର୍ଚ୍ଚିତ ଦିଗ ହେଉଛି, ଟ୍ରାକ୍ଟରରେ ଆଇନ ଅନୁଯାୟୀ ନମ୍ବର ପ୍ଲେଟ୍ ଲାଗିବା ପରିବର୍ତ୍ତେ ବଡ଼ ବଡ଼ ଅକ୍ଷରରେ 'ପ୍ରେସ' ଲେଖା ଥିଲା । ଏହାକୁ ନେଇ ପ୍ରେସର ପରିଚୟର ଅପବ୍ୟବହାର ହୋଇଥିବା ନେଇ ସାଧାରଣରେ ତୀବ୍ର ଚର୍ଚ୍ଚା ଆରମ୍ଭ ହୋଇଛି ।ପୁଲିସ ସୂଚନା ଅନୁଯାୟୀ, କାଲିମେଲା ଥାନାଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିବା ଏମ୍ ?ପିଭି-୩୩ ଗ୍ରାମ ନିକଟରେ ଯାଞ୍ଚ ବେଳେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏହି ଟ୍ରାକ୍ଟରକୁ ଅଟକାଯାଇଥିଲା । ଘଟଣାସ୍ଥଳରୁ ଗିର୍କାନପାଲ୍ଲୀ ଗ୍ରାମର ବିଷ୍ଣୁ ଝରାବାଲା ବୟସ ୨୩ ପୁଲିସ ଗିରଫ କରିଛି । ଜବତ ହୋଇଥିବା ଟ୍ରାକ୍ଟର, ଟ୍ରଲି ଓ ବାଲିର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ବୋଲି ପୁଲିସ କହିଛି ।ତେବେ ଘଟଣାଟି କେବଳ ବେଆଇନ ବାଲି ଚାଲାଣରେ ସୀମିତ ନୁହେଁ । ଏକ ଗାଡ଼ିରେ ବୈଧ ନମ୍ବର ପ୍ଲେଟ୍ ପରିବର୍ତ୍ତେ 'ପ୍ରେସ' ଲେଖାଯିବା ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି । ପ୍ରେସର ପରିଚୟକୁ ଢାଲ କରି ବେଆଇନ କାର୍ଯ୍ୟକଳାପ ଚଳାଯାଉଥିଲା କି କାହାର ପ୍ରୋତ୍ସାହନରେ ଏଭଳି ଗାଡ଼ି ଦୀର୍ଘଦିନ ଧରି ଚଳାଚଳ କରୁଥିଲା ଏହାର ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି ।ସାମ୍ବାଦିକତା ଏକ ସମ୍ମାନଜନକ ପେଶା । କିନ୍ତୁ ଯଦି କେହି 'ପ୍ରେସ' ନାମର ଦୁରୁପଯୋଗ କରି ବେଆଇନ କାର୍ଯ୍ୟକଳାପ କରନ୍ତି, ତେବେ ତାହା କେବଳ ଆଇନର ଉଲ୍ଲଂଘନ ନୁହେଁ, ବରଂ ସାମ୍ବାଦିକ ସମାଜର ଛବିକୁ ମଧ କ୍ଷୁଣ୍ଣ କରେ । ଏହି ଘଟଣାରେ ପୁଲିସ କେବଳ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଅଟକି ନରହି, 'ପ୍ରେସ' ଲେଖା କିପରି ବ୍ୟବହାର ହେଉଥିଲା ଓ ଏହା ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ମଧ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

# ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଦୋଭାୟା ଗାଁରେ ମ୍ୟାଲେରିଆ ନିରାକରଣ ଅଭିଯାନ

କୁଚିଣ୍ଡା,୩୧।୭ :(ମନ୍ଥନ) ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକର ଏକ ଛୋଟ ଦୁର୍ଗମ ପାହାଡିଆ ବସତି ଦୋଭାୟା ଗ୍ରାମ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ ପରିଦର୍ଶନ କରିଥିଲେ । ଯେଉଁଠାରେ ଏକ ୩ ଦିନିଆ ଶିବିର-ଭିତ୍ତିକ ସ୍ୱାସ୍ଥ୍ୟ ଅଭିଯାନ କରାଯାଉଛି । ଏହି ଶିବିରରେ ଦୁର୍ଗମ ଏବଂ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳରେ ମ୍ୟାଲେରିଆ ନିୟନ୍ତ୍ରଣ 'ଦମନ' ଏବଂ ନିରାକରଣ ।ମ୍ୟାଲେରିଆ ସ୍କ୍ରିନିଂ, ଚିକିତ୍ସା, ସ୍ୱାସ୍ଥ୍ୟ ସଚେତନତା ଏବଂ ଦୁର୍ବଳ ଆଦିବାସୀ ସମ୍ପ୍ରଦାୟ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚିବା ନିଶ୍ଚିତ କରିବା ପାଇଁ ପ୍ରତିଷେଧକ ପଦକ୍ଷେପ ଉପରେ ଧ୍ୟାନ ଦିଆଯାଇଛି । ଏହି ଅବସରରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ବକ୍ସମା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ରଶ୍ମୀ କୁସୁମ ଙ୍କ ସମେତ ବ୍ଲକ ର ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଏବଂ ସ୍ଥାନୀୟ ଆଶା କର୍ମୀ,ଅଙ୍ଗନଓ୍ୱାଡି କର୍ମୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ ।

# ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ,ପ୍ରଶାସନ ସଜାଗ

ଯାଜପୁର,ବଡଚଣା,୩୧।୭ :(ମନ୍ଥନ) ଯାଜପୁର ଜିଲ୍ଲାରେ ଚଳିତ ଲଗାଣ ବର୍ଷା ଓ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡ଼ଚଣା ଓ ବିଞ୍ଝାରପୁର ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ ବିଲବାଡ଼ି ଜଳ ପ୍ଲାବିତ ହୋଇଅଛି । ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଦଶରଥପୁର, ବରୀ, ବିଞ୍ଝାରପୁର ଅଞ୍ଚଳ ଗସ୍ତ କରି ବନ୍ୟା ସମସ୍ୟା ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି । ବନ୍ୟା ପରିସ୍ଥିତି କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭିନ୍ନ ବ୍ଲକ୍ ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ନିୟୋଜିତ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ଯୁଧିଷ୍ଠିର ନାଏକଙ୍କୁ ଦଶରଥପୁର ବ୍ଲକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁଙ୍କୁ ବରୀ ବ୍ଲକ୍, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଲମ୍ବୋଦର ଖୁଣ୍ଟିଆଙ୍କୁ ବିଞ୍ଝାରପୁର ବ୍ଲକ୍, ଉପ ଜିଲ୍ଲାପାଳ, ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କୁ ରସୁଲପୁର ବ୍ଲକ ଓ ଧର୍ମଶାଳା ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦଙ୍କୁ କୋରେଇ ବ୍ଲକ, ଦାନଗଦି ବ୍ଲକ, ସୁକିନ୍ଦା ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟି, ଅତିରିକ୍ତ ଉପ



ଜିଲ୍ଲାପାଳ, ପଲ୍ଲବୀ ରାଣୀ ରାଜଙ୍କୁ ବଡ଼ଚଣା ବ୍ଲକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦେବୀ ପ୍ରସାଦ ମହାନ୍ତିଙ୍କୁ ଯାଜପୁର ମ୍ୟୁନସିପାଲିଟିର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ନିୟୋଜିତ କରାଯାଇଛି । ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଶ୍ରୀମତୀ ପି. ଅନ୍‌ୱେଷା ରେଡ୍ଡୀ ବନ୍ୟା ପ୍ରଭାବିତ ବରୀ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି ।ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି । ସମୁଦାୟ ୯୭ ଟି ଗ୍ରାମ ପଞ୍ଚାୟତ, ୨୭୫ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି । ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୩୭,୦୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୫,୫୭୨ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୯୧ ଟି ରିଲିଫ ସେଣ୍ଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ସମୁଦାୟ ୫୨,୮୩୫ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୦,୨୦୬.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛ ।୨୯୮.୮୩ କ୍ୱିଣ୍ଟାଲ୍ ଚୁଡ଼ା, ୪୪.୧୩ କ୍ୱିଣ୍ଟାଲ୍ ଗୁଡ଼ ୧୬ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଣ୍ଟା ସରିଛି । ୦୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୦୪ ଟି ଭେଟେନାରି ଟିମ୍ ନିୟୋଜିତ କରାଯାଇଛି । ୦୧ ଟି ଏନ୍.ଡି.ଆର୍.ଏଫ୍ ଟିମ୍, ୦୪ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି ।ନଦୀଗୁଡ଼ିକର ଜଳସ୍ତରକୁ ନେଇ ଆଶ୍ୱସ୍ତିକର ଖବର ମିଳିଛି । ବୈତରଣୀ ନଦୀର ଜଳସ୍ତର ଆଜି ଅପରାହ୍ଣ ୪ଟାରେ ଅଖୁଆପଦାଠାରେ ୧୮.୦୦ ମିଟରକୁ ହ୍ରାସ ପାଇ ବିପଦ ସଙ୍କେତ (୧୮.୩୩ ମିଟର) ତଳକୁ ଖସିଆସିଛି । ସେହିପରି ବ୍ରାହ୍ମଣୀ ନଦୀର ଜଳସ୍ତର ଅପରାହ୍ଣ ୩ଟାରେ ଜେନାପୁରଠାରେ ୬୫.୯୦ ଫୁଟ୍ ରହିଛି, ଯାହାକି ବିପଦ ସଙ୍କେତ (୬୭ ଫୁଟ୍) ଠାରୁ କମ୍ । ନଦୀଗୁଡ଼ିକରେ ଜଳସ୍ତର କମୁଥିଲେ ହେଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି ।

# ବାୟୋମେଟ୍ରିକ ଉପସ୍ଥାନ ନଥିବା କର୍ମଚାରୀଙ୍କ ଦରମା ବନ୍ଦ

କେନ୍ଦ୍ରାପଡ଼ା,୩୧।୭ :(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ବାୟୋମେଟ୍ରିକ ଉପସ୍ଥାନ ପକାଉନାହାନ୍ତି । ସରକାର କାର୍ଯ୍ୟାଳୟକୁ ଆସିବା ଓ ଫେରିବା ପାଇଁ ଯେଉଁ ସମୟ ଧାର୍ଯ୍ୟ କରିଛନ୍ତି ତାହାକୁ କର୍ମଚାରୀମାନେ ମାନୁନାହାନ୍ତି । ଏହିଭଳି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିବା ପରେ ବାୟୋମେଟ୍ରିକ ଉପସ୍ଥାନ ନଥିବା କର୍ମଚାରୀଙ୍କ ଦରମା ବନ୍ଦ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା-୧୩୧୩ ତା ୨୮.୦୭.୨୦୨୬ରିଖରେ ଜାରି ହୋଇଥିବା ଏହି ନିର୍ଦ୍ଦେଶ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଚିକିତ୍ସା ଅଧିକାରୀ(ଏମ ଆଣ୍ଡ ଏସ)ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ, କେନ୍ଦ୍ରାପଡା ପୌରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜରୁରୀ ଅଧିକାରୀ, ଜିଲ୍ଲାର ସମସ୍ତ ତହସିଲଦାର, ସମସ୍ତ ବିଡିଓ ଏବଂ ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକମାନଙ୍କୁ ପ୍ରଦାନ କରାଯାଇଛି । ଏହି ନିଦର୍ଦେଶରେ ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି ଯେ ସରକାର ଓ ଜିଲ୍ଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଉପରୋକ୍ତ କାର୍ଯ୍ୟାଳୟ ଗୁଡିକର ଅନେକ କର୍ମଚାରୀ ଆଧାର ସଂଯୋଗ ଥିବା ବାୟୋମେଟ୍ରିକ ଉପସ୍ଥାନ ପକାଉନଥିବା ପ୍ରମାଣ ମିଳିଛି । ଯେଉଁ କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେଉନାହାନ୍ତି । କର୍ମଚାରୀମାନଙ୍କ ଏଭଳି ମନୋଭାବ ପ୍ରଶାସନିକଶୃଙ୍ଖଳା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱବୋଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାଦ୍ୱାରା ସାଧାରଣ ଜନତା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ।

# ସମ୍ଭାବ୍ୟ ବନ୍ୟା ଜନିତ ପରିସ୍ଥିତି ର ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ଜଗତସିଂହପୁର ,୩୧।୭ :(ମନ୍ଥନ)ଉପର ମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ସହ ଗେଟ୍ ଖୋଲିବା ଯୋଗୁ ତଳ ଅଞ୍ଚଳ ରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ରାତି ସୁଦ୍ଧା ନରାଜ ଠାରେ ୯ ଲକ୍ଷ ରୁ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ଏବଂ ଏହା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ପ୍ରବାହିତ ହେବାଦ୍ୱାରା ଜଗତସିଂହପୁର ଜିଲ୍ଲା ରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।ଏହି ସମ୍ଭାବି ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ, ଆଜି ପୂର୍ବାହ୍ନ ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଙ୍କ ସମେତ ସମସ୍ତ ବରିଷ୍ଠ ପ୍ରାଶାସନିକ ବିଭାଗୀୟ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ସଦଭାବନା ସଭାଗୃହ ଠାରେ ସମୀକ୍ଷା କରିଥିଲେ ଓ କ୍ଷତ୍ରିୟ ଅଧିକାରୀ ମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଜିଲ୍ଲାର ତିର୍‌ତୋଲ, ବିରିଡି, କୁଜଙ୍ଗ ବ୍ଲକ ରେ ବନ୍ୟା ପରିସ୍ଥିତି ଯୋଗୁଁ ଲୋକମାନେ ପ୍ରଭାବିତ ହୋଇଛନ୍ତି । ସମୀକ୍ଷା କରି ଜିଲ୍ଲାପାଳ କହିଲେ ଯେ, ପ୍ରତ୍ୟେକ ଟି ଜୀବନ ମୂଲ୍ୟବାନ । ତେଣୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆଶ୍ରୟ ସ୍ଥଳୀ କୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ ଓ ଏଥିସହିତ ସମସ୍ତ ଆଶ୍ରୟ ସ୍ଥଳୀ ରେ ଆବଶ୍ୟକୀୟ ସୁବିଧା ଯେପରି ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ବୟସ୍କ, ମହିଳା, କିଶୋରୀ, ଶିଶୁ ସମସ୍ତଂକ ଭିନ୍ନ ଭିନ୍ନ ଆବଶ୍ୟକତା କୁ ଦୃଷ୍ଟି ରେ ରଖି ଯଥା ସମ୍ଭବ ଔଷଧ, ପାନୀୟ ଜଳ, ସାପ କାମୁଡା ଔଷଧ,ଅତ୍ୟାବଶ୍ୟକ ସୁବିଧା ଯୋଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଗର୍ଭବତୀ ମହିଳା , ବିଶେଷ କରି ଯେଉଁମାନେ ସମ୍ବେଦନଶୀଳ ସ୍ଥିତି ରେ ଅଛନ୍ତି ତାଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସି ଏଚ୍ ସି, ପି ଏଚ୍ ସି, ଡି ଏଚ୍ ଏଚ୍ ବା ମା ଗୃହ କୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲେ ।ସେହିପରି ଗୃହପାଳିତ ପଶୁ ମାନଙ୍କୁ ନିକଟସ୍ଥ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରି ସେମାନଙ୍କ ପାଇଁ ଗୋଖାଦ୍ୟ ର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୁଲା ପ୍ରାଣୀ ମାନଙ୍କୁ ମଧ ଉଚ୍ଚ ଯାଗାରେ ରଖିବା ପାଇଁ ପରାମର୍ଶ ଦେଇଥିଲେ, କାରଣ ସମସ୍ତଙ୍କର ଜୀବନ ମୂଲ୍ୟବାନ । ସ୍ଥାନାନ୍ତରଣ ସମୟରେ ହୁଏତ ଲୋକମାନେ ନିଜ ଘର ଦ୍ୱାର ମୂଲ୍ୟବାନ ସାମଗ୍ରୀ ଛାଡ଼ି ଯିବାପାଇଁ ଅରାଜି ହୋଇପାରନ୍ତି, କିନ୍ତୁ ସେମାନଙ୍କୁ ବୁଝାଇ ଶୁଝାଇ ଓ ଆବଶ୍ୟକ ସ୍ଥଳେ ବାଧ କରି ବ୍ଲକ୍ ଓ ପୋଲିସ ପ୍ରଶାସନ ଏବଂ ସ୍ଥାନିୟ ଜନ ପ୍ରତିନିଧି ମାନଙ୍କର ମିଳିତ ଉଦ୍ୟମ ରେ ଏହି କାର୍ଯ୍ୟ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ ।କୌଣସି ଅଭାବନୀୟ ଜରୁରୀ ପରିସ୍ଥିତି ଆସିଲେ ତୁରନ୍ତ ନିକଟସ୍ଥ କଣ୍ଟ୍ରୋଲ ରୁମ୍ କୁ ଜଣାଇବା ପାଇଁ ସେ କହିଥିଲେ । ମିଳିଥିବା ସୂଚନା ଅନୁଯାୟୀ



ଜିଲ୍ଲାର ବିରିଡି ବ୍ଲକ୍ ର ଉତ୍ତର ଶାସନ, ପୂରଣ ଓ ଗେଲପୁର୍ ଗ୍ରାମ ର ୨୫ ଜଣ, ତିର୍ତୋଲ୍ କୋଟକଣ, ଆଦିବାସୀ ସାହି, ମଣିଜଙ୍ଗା ର ୬୩୩ ଜଣ, କୁଜଙ୍ଗ ବ୍ଲକ ର ରାହାମା ବଜାର ନିକଟରେ ୧୧ ଜଣ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲା ରେ ବର୍ତ୍ତମାନ ପରିସ୍ଥିତି ସ୍ଥିର ଥିଲେ ମଧ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ପୂର୍ବରୁ କିଛି ଜାଗାରେ ଲୋକମାନେ ନିଜେ ବନ୍ଧ କାଟି ଘାଇ ସୃଷ୍ଟି କରିବାର ନଜିର ରହିଥିବାରୁ ବିଡ଼ିଓ ତହସିଲଦାର ମାନେ ସ୍ଥାନୀୟ ଆଇଆଇସି, ଜନ ପ୍ରତିନିଧି ମାନଙ୍କର ସହଯୋଗ, ପ୍ରତ୍ୟେକ ବ୍ଲକ୍ ପାଇଁ ନିୟୋଜିତ ନୋଡାଲ ଏନ୍ ଜି ଓ ଙ୍କ ସହ ଯୋଗାଯୋଗ ସହ ନାଇଟ୍ କ୍ଷବଷ୍କ୍ଷକ୍ଷସଭଶ କରିବାକୁ ଜିଲ୍ଲାପାଳ ଓ ଏସପି ପରାମର୍ଶ ଦେଇଥିଲେ । ପାଣି ଜମି ରହିଥିବା ଜାଗାରୁ ପାଣି ନିଷ୍କାସନ ପାଇଁ ମୋଟର ବ୍ୟବସ୍ଥା, ଆବଶ୍ୟକ ସ୍ଥାନରେ ସ୍ଥାନାନ୍ତରିତ ପାଇଁ ବୋଟ୍ ସେବା, ମତ୍ସ୍ୟଜୀବୀ ମାନଙ୍କ ସୁରକ୍ଷା ନିମନ୍ତେ ସମୁଦ୍ର କୁ ଯିବାରେ କଟକଣା, ସମୁଦ୍ର କୂଳରେ ସ୍ଥାନିୟ ନୋଳିଆ, ସାଗର ମିତ୍ର, ଆପଦ ମିତ୍ର, ସ୍ୱକ୍ଷ୍ମରମସବକ୍ଷ ପୋଲିସ ଫୋର୍ସ ନିୟୋଜନ, ଆଶ୍ରୟ ସ୍ଥଳୀ ରେ ଡାକ୍ତର, ଅଙ୍ଗନୱାଡି ଓ ଆଶାକର୍ମୀ ଙ୍କ ପରିଦର୍ଶନ ବିଷୟରେ ଆଲୋଚନା ଓ ସମୀକ୍ଷା ହୋଇଥଲା । ଉକ୍ସଛ କ୍ଷବଷ୍ପସକ୍ଟଭ ଯୋଗାଇବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟେକ ବ୍ଲକ୍ ରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ସତର୍କ ହୋଇ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲାରେ କୁଜଙ୍ଗ ଓ ତିର୍ତ ?ଲ ବ୍ଲକ୍ ର ୫ ଟି ଗାଁ ର ୬୯୦ ଟି ଲାର୍ଜ ପଶୁ ଓ ୩୫୨ ଛୋଟ ପଶୁ ପ୍ରଭାବିତ ହୋଇଥିବା ବେଳେ ୧୨୦ ଗୃହପାଳିତ ପଶୁ ଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ।୨୭.୫ କ୍ୱିଣ୍ଟାଲ ଗୋଖାଦ୍ୟ ଓ ୩୯ କ୍ୱିଣ୍ଟାଲ ସବୁଜ ଖାଦ୍ୟ ଦିଆଯାଇ ଥିବାର ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି ୭୫୦୦ ହେକ୍ଟର ଧାନ ଜମିରୁ ଆନୁମାନିକ ୨୭୪୦ ହେକ୍ଟର ଓ ଧାନ ତଳିଘର ୬୫୦୦ ହେକ୍ଟର ଜମି ରୁ ଆନୁମାନିକ ୩୨୦୦ ହେକ୍ଟର ଜମି ପାଣିଘେରରେ ରହିଥିବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି । କୁଜଙ୍ଗ ବ୍ଲକ ର ୭ ପଂଚାୟତ ର ୮୦ ହେକ୍ଟର ପରିବା ଚାଷ ଜମି, ନାଉଗାଁ ର ୩୦ ଏକର, ରଘୁନାଥପୁର ର ୫ ଏକର ପରିବା ଚାଷ ଜମି ଜଳମଗ୍ନ ହୋଇପଡିଛି ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବଣ୍ଟନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍.ଡି.ଆର୍.ଏଫ୍ ଟିମ୍ ନିୟୋଜିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ବଳ ଏବଂ ଜଳମଗ୍ନ ଥିବା ବ୍ରିଜ ରେ ଭାରିଯାନ ଚଳାଚଳ ଓ ଯାତାୟାତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ଆବଶ୍ୟକୀୟ ଔଷଧ କିଟ୍ ମହଜୁଦ ରଖିବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ । ଶୁଖିଲା ରେଶନ ମହଜୁଦ୍ ରଖିବା, ଯୋଗାଇବା ସହ ମାର୍କେଟ ସର୍ଭ ? କରି ଅତ୍ୟାବଶ୍ୟକ ସାମଗ୍ରୀ ର କଳାବଜାରୀ ଉପରେ ନଜର ରଖିବାକୁ ଜିଲ୍ଲାପାଳ ଯୋଗାଣ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ରାତିରେ ମହାନଦୀ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ବିରିଡି , ତିର୍ତୋଲ, ନାଉଗାଁ, କୁଜଙ୍ଗ ବ୍ଲକ୍ ର କିଛି ଅଂଶ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ପରେ ଜିଲ୍ଲାପାଳ ନାଉଗାଁ ଓ ବାଲିକୁଦା ବ୍ଲକର ସାମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ, ଓ ପୋଲିସ ପ୍ରଶାସନ ର ମିଳିତ ସହଯୋଗ ରେ ସମ୍ଭାବ୍ୟ ପରିସ୍ଥିତି ର ମୁକାବିଲା କରିହେବ ବୋଲି କହିଥିଲେ । NH 12, NH 53, SH 12 ଭଳି ରାଜ ପଥ ଉପରେ ବୁଲା ଗୋରୁଗାଇ ମାନଙ୍କର ମୁଭମେଣ୍ଟ କୁ ନିୟନ୍ତ୍ରଣ କରିବା ପାଇଁ ଉପଦେଶ ଦେଇଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସମ୍ବିତ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ସଧାରଣ ଜ୍ୟୋତି ଶଙ୍କର ରାୟ,ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଓ ଆଭାସୀ ମାଧ୍ୟମରେ କ୍ଷେତ୍ରୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୪୯ ବର୍ଷରେ ପାଦ ଥାପିଲା ବୁଗୁଡା ପିପୁଲ୍ସ କଲେଜ , ପ୍ରତିଷ୍ଠା ଦିବସରେ କଲେଜର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ , କୃତି ଛାତ୍ରଛାତ୍ରୀ ପୁରସ୍କୃତ

ବୁଗୁଡ଼ା,୩୧।୭ :(ମନ୍ଥନ) ସ୍ଥାନୀୟ ପିପୁଲ୍ସ କଲେଜର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜର ସମ୍ମିଳନୀ କକ୍ଷରେ ଆଇକ୍ୟୁଏସି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସଦସ୍ୟ ଡାକ୍ତର ଦୟାନିଧି ରାଉତ ଯୋଗ ଦେଇଥିବା ବେଳେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ମଞ୍ଚାସୀନ ରହିଥିଲେ । ଏ ଅବସରରେ ଓଡିଆ ବିଭାଗ ଅଧ୍ୟାପକ ଡ.ସଞ୍ଜୟ କୁମାର ପ୍ରଧାନଙ୍କ ସମ୍ପାଦନାରେ ପ୍ରସ୍ତୁତ ସ୍ମରଣିକା 'ଶୁଭଙ୍କର ୨୦୨୫-୨୬' ଉନ୍‌ମୋଚିତ ହୋଇଥିଲା । ଗତ ୧୯୭୮ ମସିହା




ଜୁଲାଇ ୩୦ ତାରିଖ ଦିନ ପ୍ରତିଷ୍ଠିତ ଉକ୍ତ କଲେଜର ପ୍ରତିଷ୍ଠାତା ସଦସ୍ୟ କାଳୀ ଚରଣ ନାୟକ,ବୀର କିଶୋର ଦାଶ, ରେବତୀ ମୋହନ ନାୟକ, ସୁଶାନ୍ତ ରାଉତ, ଗୌତମ ଜେନା , କାଳୀ ଚରଣ ସ୍ୱାଇଁ , ନବଘନ ନାୟକ , ଆଦିକନ୍ଦ ଆରୁଖ ଓ ରାମ ନାରାୟଣ ସାହୁ ପ୍ରମୁଖଙ୍କ ଅବଦାନ ସମ୍ପର୍କେ ଆଲୋଚନା କରାଯାଇଥିଲା । ଦୀର୍ଘ ୪୮ବର୍ଷ ମଧ୍ୟରେ କଲେଜର ସାମଗ୍ରିକ ବିକାଶ ସମ୍ପର୍କେ ଆଲୋଚନା ସାଙ୍ଗକୁ ଆଦର୍ଶମୟ ଶୈକ୍ଷିକ ବାତାବରଣ ଏବଂ ପୁନଃ ନାକ୍ ମାନ୍ୟତା ହାସଲ ଦିଗରେ ସଙ୍କଳ୍ପବଦ୍ଧତା ପୂର୍ବକ ସାମୂହିକ ଅଦମ୍ୟ ଉଦ୍ୟମ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା । ଏଥି ସହ ବୁଗୁଡା ଅଞ୍ଚଳର ଏହି ପ୍ରଥମ କଲେଜର ଅବିସ୍ମରଣୀୟ ଅତୀତ ଏବଂ ପରିକଳ୍ପିତ ଭବିଷ୍ୟତ ସମ୍ପର୍କେ ଆଲୋକପାତ କରାଯାଇଥିଲା । ଏ ଅବସରରେ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ୩୮ତମ ପାହାଚ ପ୍ରାପ୍ତକରି କୃତକାର୍ଯ୍ୟ ହୋଇଥିବା କଲେଜର ପ୍ରାକ୍ତନ ଛାତ୍ରୀ କସ୍ତୁରୀ ଆଚାରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ ସାଙ୍ଗକୁ କଲେଜର ବିଭିନ୍ନ ବିଭାଗରେ ସର୍ବାଧିକ ମାର୍କ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସହିତ କ୍ରୀଡା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଇକ୍ୟୁଏସି କୋଅର୍ଡିନେଟର ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ ଡ.ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ , ଆଇକ୍ୟୁଏସି କୋ-କୋଅର୍ଡିନେଟର ଆତ୍ମ ପ୍ରକାଶ ନାୟକ ମହାବିଦ୍ୟାଳୟର ସଂକ୍ଷିପ୍ତ ବିବରଣୀ ପଠନ ଏବଂ ପରିଶେଷରେ ଅଧାପକ ଶଙ୍କର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।



# ରଷିକୂଲ୍ୟା ନଦୀ ସେତୁ ପାଇଁ ଚିହ୍ନଟ ହେଲା ନୂଆ ସ୍ଥାନ

## ମା' ତାରାତାରିଣୀ ଓ ମା' ରାମଚଣ୍ଡୀ ପୀଠକୁ ଯାତାୟାତ ହେବ ସହଜ

ଗଞ୍ଜାମ,୩୧।୭ :(ମନ୍ଥନ)ବହୁ ବର୍ଷ ଧରି ଅପେକ୍ଷାରେ ଥିବା ରଷିକୂଲ୍ୟା ନଦୀ ଉପରେ ନୂତନ ସେତୁ ନିର୍ମାଣ ପ୍ରକଳ୍ପ ଦିଗରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପ୍ରସ୍ତାବିତ ସେତୁ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିବା ବେଳେ, କାଇଁଚପୁରରୁ ସେତୁ ଆରମ୍ଭ ହୋଇ ବଡ଼ଶଙ୍ଖ ନିକଟରେ ସଂଯୋଗ ହେବ ବୋଲି ଜଣାପଡ଼ିଛି। ଏହି ସେତୁ ନିର୍ମାଣ ହେଲେ ଗଞ୍ଜାମ ସହର,ଗଞ୍ଜାମ ବ୍ଲକର କାଇଁଚପୁର ,ରାଜପୁର ,କରପଡା ପ୍ରମୁଖ ପଞ୍ଚାୟତ ସମେତ ,ଛତ୍ରପୁର ପୌରପରିଷଦ ଏବଂ ଛତ୍ରପୁର ବ୍ଲକ ର ବିଭିନ୍ନ ପଞ୍ଚାୟତ ସହ ସିଧାସଳଖ ସଡ଼କ ସଂଯୋଗ ସ୍ଥାପିତ ହେବ। ପୂର୍ବରୁ ପୁରୁଣା ପୋଲ ନିକଟରେ ମାଟି ପରୀକ୍ଷା କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ରେଳ ବିଭାଗ ପକ୍ଷରୁ ନୂତନ ରେଳ ଲାଇନ ପ୍ରସ୍ତାବ ଥିବାରୁ ଉକ୍ତ ଜାଗାକୁ ସ୍ଥାନାନ୍ତର କରାଯାଇ ବର୍ତ୍ତମାନ କାଇଁଚପୁର ଠାରେ ନୂତନ ଜାଗା ଚିହ୍ନଟ ହୋଇଛି। ଏହାସହ କାଇଁଚପୁର ରେଲୱେ ଲେବଲ କ୍ରସିଂରେ ନୂଆ ଓଭରବ୍ରିଜ୍ ନିର୍ମାଣ ସହ ଅନ୍ୟ ଦୁଇଟି ରେଲୱେ ଲାଇନ ଯୋଡ଼ାଯିବାର ପ୍ରସ୍ତାବ ମଧ୍ୟ ରହିଛି।ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମା' ତାରାତାରିଣୀ ପୀଠ ଓ ମା' ରାମଚଣ୍ଡୀଙ୍କ ପୀଠକୁ ଯାତାୟାତ ଅଧିକ ସୁଗମ ହେବା ସହ ଚାଷୀ, ବ୍ୟବସାୟୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କ ପାଇଁ ଦୈନନ୍ଦିନ ଯାତାୟାତରେ ବ୍ୟାପକ ସୁବିଧା ସୃଷ୍ଟି ହେବ। ଯାହାଫଳରେ ଛତ୍ରପୁର,ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସାହାୟକ ହୋଇପାରିବ । ବର୍ତ୍ତମାନ ବିକଳ୍ପ ରାସ୍ତାରେ ପ୍ରାୟ ୧୦ କିଲୋମିଟର ବୁଲି ଯିବାକୁ ପଡୁଥିବାରୁ ସମୟ ଓ ଅର୍ଥର ଅପଚୟ ହେଉଥିବା ବେଳେ, ନୂତନ ସେତୁ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବ ବୋଲି ସ୍ଥାନୀୟବାସୀ ଆଶା ପ୍ରକାଶ କରିଛନ୍ତି। ଜାଗା ଚିହ୍ନଟ ବେଳେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ପୂର୍ତ୍ତ) ବ୍ରହ୍ମପୁର ଦାମୋଦର କୈବର୍ତ୍ତ, ଡେପୁଟି ଚିଫ୍ ଇଞ୍ଜିନିୟର (ରେଳବାଇ) ଏସ୍. କେ. ରାଉତ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ସନ୍ଦିପ୍ତ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ (ରେଳବାଇ) ମୁକୁତ ସିଂହ, କନିଷ୍ଠ ଯନ୍ତ୍ରୀ (ରେଳବାଇ) ବିଜୟ କୁମାର ଯାଦବ, ଇଞ୍ଜିନିୟର ବିନୋଦ କୁମାର ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସ୍ୱାଇଁ ଏବଂ



ରାଜସ୍ୱ ନିରୀକ୍ଷକ ସୁନୀଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।ସୂଚନାଯୋଗ୍ୟ ଯେ, ଏହି ସେତୁ ନିର୍ମାଣ ପାଇଁ ୨୦୨୧ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇ ସର୍ଭେ କାର୍ଯ୍ୟ ସମ୍ପନ୍ନ ହେବା ପରେ କିଛି କାରଣରୁ ପ୍ରକଳ୍ପଟି ଅଟକି ଯାଇଥିଲା। ପରେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଗଞ୍ଜାମ ଗସ୍ତ ସମୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅନ୍ୟପକ୍ଷରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରେଳମନ୍ତ୍ରୀଙ୍କ ସହ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ପରବର୍ତ୍ତୀ ପଦକ୍ଷେପ ନେଇଥିଲେ।ଉଲ୍ଲେଖଯୋଗ୍ୟ ଯେ, ୧୯୩୦ ମସିହାରେ ବ୍ରେଥୱେଟ୍ ଆଣ୍ଡ୍ କୋ. (ଇଣ୍ଡିଆ) ଲିମିଟେଡ୍ ?ର ସହଯୋଗରେ ତତ୍କାଳିନ ଖଲ୍ଲିକୋଟ ରାଜାଙ୍କ ଉଦ୍ୟମରେ ଏହି ସ୍ଥାନରେ ପ୍ରଥମ ସେତୁ ନିର୍ମାଣ କରାଯାଇଥିଲା କ୍ଷ ଯାହା ପରବର୍ତ୍ତୀ ସମୟରେ ୫ ନମ୍ବର ଜାତୀୟ ରାଜପଥର ଅଂଶ ହୋଇଥିଲା। ନୂଆ ଜାତୀୟ ରାଜପଥ ସେତୁ ନିର୍ମାଣ ପରେ ପୁରୁଣା ସେତୁଟି ବାଇପାସ୍ ରାସ୍ତାରେ ପରିଣତ ହୋଇ ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣା ଅଭାବରୁ ୨୦୦୩ ମସିହାରେ ଭାଙ୍ଗିପଡ଼ିଥିଲା ଏବଂ ଭାଙ୍ଗିବା ପୂର୍ବରୁ ଏହାକୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ଏଠାରେ ନୂତନ ସଡକ ପୋଲ ନିର୍ମାଣ ନେଇ ପଦକ୍ଷେପ ନିଆଯାଇନଥିଲା । ଏହାପରେ ଗଞ୍ଜାମ ବ୍ଲକର କରପଡ଼ା ପଞ୍ଚାୟତ ସହ ଛତ୍ରପୁର ବ୍ଲକର କିଛି ପଞ୍ଚାୟତର ସଂଯୋଗ ବାଧାପ୍ରାପ୍ତ ହୋଇଥିଲା। ସେହି ଦିନଠାରୁ ପ୍ରତ୍ୟେହ ଶହ ଶହ ଲୋକେ ବିପଦ ସଂକୁଳ ଭାବେ ରେଳ ପୋଲ ଉପରେ ଯିବାଆସିବା କରିବା ଲକ୍ଷ କରାଯାଇଛି । ବର୍ତ୍ତମାନ ରଷିକୂଲ୍ୟା ନଦୀ ଉପରେ ଥିବା ଦୁଇଟି ରେଳଧାରଣାର ସଂକୀର୍ଣ୍ଣ ପାର୍ଶ୍ୱ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଜୀବନକୁ ବାଜି ଲଗାଇ ଯାତାୟାତ କରୁଥିବାରୁ ଏକ ସ୍ଥାୟୀ ସେତୁ ନିର୍ମାଣ ଦାବି ଉଠିଆସୁଥିଲା। ନୂତନ ସେତୁ ନିର୍ମାଣ ହେଲେ ଛତ୍ରପୁର,ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳର ଲୋକ ସିଧାସଳଖ ଯାତାୟାତ ସୁବିଧା ପାଇବା ସହ ଅଞ୍ଚଳର ସାମାଜିକ, ଆର୍ଥିକ, ଶିକ୍ଷା ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ନୂତନ ଦିଗ ମିଳିବ ବୋଲି ଆଶା କରାଯାଉଛି।

# ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଏଲ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଅନୁଗୋଳ, ୩୧।୭ :(ମନ୍ଥନ) ଗତକାଲି ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଏଲ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ସଂଯୋଜକ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଅଧ୍ୟକ୍ଷତା କରି କୌଣସି ପ୍ରକାରରେ କେହି ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନ ପଡନ୍ତି, ସମସ୍ତ ଯୋଗ୍ୟ ବିବେଚିତ ଭୋଟରଙ୍କୁ ତାଲିକା ମୁକ୍ତ କରିବା ପାଇଁ ବୈଠକରେ ସମସ୍ତ ବିଏଲ-୨ ମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଶାନ୍ତନୁ କୁମାର ନାୟକ ଯେଉଁ ଯୁବକଯୁବତୀ ୧୮ ବର୍ଷ ଛୁଇଁଛି ତାଙ୍କୁ ଭୋଟର ତାଲିକା ମୁକ୍ତ କରିବା ପାଇଁ ଆବଶ୍ୟକ ଫର୍ମ ଜରିଆରେ ଆବେଦନ କରିବାକୁ ଆହ୍ୱାନ ଦେଇଥିଲେ। ଯୁବକ ଯୁବତୀ ମାନେ ଦେଶର ଭବିଷ୍ୟତ, ସେମାନଙ୍କୁ ମୁଖ୍ୟ



ସ୍ରୋତକୁ ଆଣିବା ପ୍ରତ୍ୟେକ କର୍ମୀର ଦାୟିତ୍ୱ ହେବା ଉଚିତ। ଯୁବକ ଯୁବତୀ ମାନଙ୍କୁ ସମସ୍ତ ଗଠନମୂଳକ ପରାମର୍ଶ କରାଇଆରେ ସେମାନଙ୍କୁ ତାଲିକା କରିବା ପାଇଁ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ କହିଥିବା ଭୋଟରମାନେ କିଭଳି ତାଲିକା ଯୁକ୍ତ ହେବେ, କିଭଳି ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇ ପାରିବା ତାହିଁ ବିଏଲ-୨ ମାନଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତପନ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିରଞ୍ଜନ ନାଏକ, ସହଦେବ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ସୌମେନ୍ଦ୍ର ଦେହୁରୀ, ଲୋକନାଥ ପ୍ରଧାନ, ଅରୁପ ସାମଲ, ଭଜମାନ ସାହୁ, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା ଅରୁଣ ଦାସ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଯୁବକ ଗିରଫ

ଅନୁଗୋଳ,୩୧।୭ :(ମନ୍ଥନ) ଆଥର ଏନର୍ଜି କମ୍ପାନୀର ଡିଲରସିପ୍ ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନଲାଇନରେ ଅନୁଗୋଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ୫ ହଜାର ୫୦୦ ଟଙ୍କା ଠକେଇ ଅଭିଯୋଗରେ ଅନୁଗୋଳ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୁଲିସ ରାଉରକେଲା ରଘୁନାଥପାଲି ଥାନାଜାମିଆ କଲୋନୀର ମହମ୍ମଦ



କାଲାମୁଦ୍ଦିନଙ୍କ ପୁଅ ମହମ୍ମଦ ଚାନ୍ଦ ଆଲାମ (୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଠାରୁ ଗୋଟିଏ ମୋବାଇଲ୍ ଫୋନ, ଗୋଟିଏ ଲାପଟପ, ବିଭିନ୍ନ ବ୍ୟାଙ୍କ ପାସବୁକ୍, ଏସବିଆଇ ବ୍ୟାଙ୍କ ଚେକ୍, ଡେବିଟ୍ କାର୍ଡ, ଗୋଟିଏ କ୍ରେଡିଟ୍କାର୍ଡ ପ୍ରଭୃତି ଜବତ କରାଯାଇଛି। ଅଭିଯୋଗକାରୀ ଆଥର ଏନର୍ଜି ଡିଲରସିପ୍ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଠକମାନେ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ତାଙ୍କ ସହ ଯୋଗାଯୋଗ କରିଥିଲେ। ପଞ୍ଜୀକରଣ ଏବଂ ଲାଇସେନ୍ସ ଫି ବାହାନାରେ ତାଙ୍କୁ ଠକେଇ କରିଥିଲେ ଓ ଏ ନେଇ ଅଭିଯୋଗ ପରେ ଅନୁଗୋଳ ଏସପି ରାହୁଲ ଜୈନଙ୍କତତ୍ତ୍ୱାବଧାନରେ ଇନ୍ସପେକ୍ଟର ଆୟେଶକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ତଦନ୍ତ ଟିମଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

# ମଦଭାଟିରେ ବେଆଇନ ମଦ ପ୍ରସ୍ତୁତି ନେଇ ବୁଗୁଡା ଥାନାରେ ଦଣ୍ଡପାଣି ପାତ୍ରଙ୍କ ଅଭିଯୋଗ

ବୁଗୁଡ଼ା, ୩୧।୭ :(ମନ୍ଥନ)ସ୍ଥାନୀୟ ପୋଲିସ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର, କରଚୁଲି ଓ ପାଙ୍ଗିଡ଼ି ଆଦି ଗ୍ରାମସ୍ଥ ମଦଭାଟିରେ ବେଆଇନ ଭାବେ ୟୁରିଆ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରି ମଦ ପ୍ରସ୍ତୁତ ହେଉଥିବା ଏବଂ ସେହି ମଦ ସେବନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟୟ ହୋଇପଡୁଥିବା ନେଇ ଜୁଲାଇ ୩୦ ତାରିଖ ଦିନ ବୁଗୁଡା ଥାନାରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ରାଜ୍ୟ ସଂଯୋଜକ ବି. ଦଣ୍ଡପାଣି ପାତ୍ର ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକାରୀ ତାଙ୍କର ଲିଖିତାଭିଯୋଗରେ ଦର୍ଶାଇଛନ୍ତି ଯେ, ଲକ୍ଷ୍ମୀପୁର, କରଚୁଲି ଓ ପାଙ୍ଗିଡ଼ି ଆଦି ଗ୍ରାମରେ ଥିବା ମଦ ଉତ୍ପାଦନ ୟୁନିଟ୍ (ଭାଟି)ଗୁଡିକରେ ମହୁଲ ଫୁଲ ଭଳି ପାରମ୍ପରିକ ଏବଂ ଆଇନଗତ କଞ୍ଚାମାଲ ବ୍ୟବହାର କରିବା ପରିବର୍ତ୍ତ ? ଏହି ସଂସ୍ଥାର ମାଲିକ ଏବଂ ପରିଚାଳକମାନେ କିଣ୍ୱନକୁ ତ୍ୱରାନ୍ୱିତ କରିବା ପାଇଁ ୟୁରିଆ ଭଳି ହାନିକାରକ ରାସାୟନିକ ପଦାର୍ଥ ବିନିଯୋଗ କରୁଥିବାରୁ ମଦ୍ୟପାନ କରୁଥିବା ବ୍ୟକ୍ତିଗଣ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ମଦ୍ୟପାନକାରୀ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଅନ୍ଧତ୍ୱ, ବୃକକ୍ ଓ ଯକୃତ ପୀଡା ଭଳି ରୋଗର ଶିକାର ହେଉଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଛି। ଏହାକୁ ଯଦି ବନ୍ଦ ନକରାଯାଏ ତେବେ ନିକଟ ଭବିଷ୍ୟତରେ ବହୁ ସଂଖ୍ୟକ ମଦ୍ୟପାନକାରୀଙ୍କ ଜୀବନହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଏଣୁ, ପୋଲିସ ପ୍ରଶାସନ ବେଆଇନ ମଦ ପ୍ରସ୍ତୁତିରେ ଲଗାମ ଲଗାଇବା ଲକ୍ଷ୍ୟରେ ସମ୍ପୃକ୍ତ ଭାଟିଗୁଡିକ ଉପରେ ଚଢାଉ କରି ହାନିକାରକ ରାସାୟନିକ ପଦାର୍ଥ ଏବଂ ଭେଜାଲ ମଦକୁ ଜବତ କରି ନମୁନାକୁ ମାନ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାରକୁ ପଠାଇବା ସହ ହାନିକାରକ ମଦ୍ୟପାନ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସୁରକ୍ଷାର ପ୍ରତିକାର ବ୍ୟବସ୍ଥା ସାଙ୍ଗକୁ ଭେଜାଲ ମଦ ପ୍ରସ୍ତୁତକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# କୁଚିଣ୍ଡା ବିଜେଡି ପକ୍ଷରୁ ସୁଶାନ୍ତ ସିଂ ଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

କୁଚିଣ୍ଡା,୩୧।୭ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଙ୍କ ପାଇଁ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭା କୁଚିଣ୍ଡା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦଳର ସ୍ଥାନୀୟ ବରିଷ୍ଠ ନେତୃବୃନ୍ଦ, କର୍ମକର୍ତ୍ତା, ଏବଂ ବହୁ ସଂଖ୍ୟାରେ ସମର୍ଥକ ଯୋଗଦେଇ ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସଭାର ଆରମ୍ଭରେ ଅମର ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା ପାଳନ କରାଯାଇଥିଲା। ଦଳୀୟ ନେତାମାନେ ନିଜ ନିଜ ବକ୍ତବ୍ୟରେ ଦଳ ପ୍ରତି ଏବଂ ପଶ୍ଚିମ ଓଡିଶା ର ଜଣେ ବରିଷ୍ଠ ନେତୃତ୍ୱ ତଥା ବିଜୁ ଜନତା ଦଳ ର ଦୃଢ଼ ସଂଗଠକ ଓ ତାଙ୍କ ଜୀବନ କାଳ ମଧ୍ୟ ରେ କରିଯାଇଥିବା ଲୋକ ସେବା, ଉନ୍ନୟନ ମୂଳକ କାର୍ଯ୍ୟ,ଭାଇ ଚାରା ଓ ସମର୍ପଣ ଭାବ ଚିର ଦିନ ଅମର ରହିବ କ୍ଷ ଆଞ୍ଚଳିକ ବିକାଶ କ୍ଷେତ୍ରରେ ଅମର ନେତା ସୁଶାନ୍ତ ସିଂ ଙ୍କ ଅବଦାନ ଓ ନିଷ୍ଠାପର ସେବାକୁ ସ୍ମରଣ କରିଥିଲେ। ତାଙ୍କର ନୀତି, ଆଦର୍ଶ ଓ ସମାଜସେବା ଆଗାମୀ ଦିନରେ ନେତା ଓ କର୍ମୀଙ୍କ ପାଇଁ ଏକ ମାର୍ଗଦର୍ଶକ ହୋଇ ରହିବ ବୋଲି ବକ୍ତାମାନେ ସଭା ର ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଯୋଗଦେଇ ପୁଷ୍ପଗୁଚ୍ଛ ଦେଇ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମଗ୍ର ସଭା ସ୍ଥଳରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ସଭାରେ ବିଜେଡି ର ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାଏକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, ପୂର୍ବତନ ବିଧାୟକ କିଶୋର ନାଏକ,ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ,ତନୟା ଧୁରୁଆ, ପୂର୍ବତନ ବିଜେଡି ସଭାପତି ଅମୂଲ୍ୟ ମିଶ୍ର ଏବଂ ଅନ୍ୟାନ୍ୟ ବିଜୁ ପ୍ରେମୀ ଗଣ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ଜି.ପି.ଆର. କଲେଜ କୁନ୍ତୁରା ରେ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ

କୁଚିଣ୍ଡା,୩୧।୭ :(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ତହସିଲ ଅନ୍ତର୍ଗତ ପ୍ରତିଷ୍ଠିତ ଗୋକୁଳ-ପାର୍ବତୀ ଗ୍ରାମୀଣ (ଜି.ପି.ଆର.) ମହାବିଦ୍ୟାଳୟ, କୁନ୍ତୁରା ପରିସରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ରାଜ୍ୟସ୍ତରୀୟ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଲେଜ ପରିସରରେ ଛାତ୍ରୀମାନଙ୍କର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ସେମାନଙ୍କୁ ଆତ୍ମରକ୍ଷା କୌଶଳରେ ନିପୁଣ କରି ସଶକ୍ତ କରିବା ।ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ କଲେଜର ମହିଳା ଅଭିଯୋଗ ପ୍ରକୋଷ୍ଠ, ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍କ୍ରସ୍ ୟୁନିଟ୍ର ମିଳିତ ସହଯୋଗରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ଶ୍ରୀ ତରୁଣ କୁମାର ପୃଷ୍ଟେଠଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଶକ୍ତିଶ୍ରୀ ସାଥି ଭାବରେ କଳା ତୃତୀୟ ବର୍ଷର ଛାତ୍ରୀ ସମ୍ପ୍ରତା ଛତ୍ରିଆ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ଲକ୍ଷ୍ମୀ ଓରାମ୍ ?ଙ୍କୁ ଚୟନ କରାଯାଇଥିଲା। ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଉକ୍ତ ସଭାରେ ଉପସ୍ଥିତ ରହି ସଭାକୁ ସଫଳ କରିଥିଲେ। ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ମଧ୍ୟରେ ଦୀପିକା ବେହେରା, ଯୋଗେନ୍ଦ୍ର ମୁଦୁଲି, ଶିବ ଶଙ୍କର ମଲ୍ଲିକ, ରୁଦ୍ରଦତ୍ତ ପଟେଲ, ପୂଜା ବନଛୁର ଓ ରାଜେଶ ମକର ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଂଯୋଜିକା ଭାବରେ ବର୍ଷା ମୁଦୁଲି ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା

ଗଞ୍ଜାମ,୩୧।୭ :(ମନ୍ଥନ)ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ର ପାଳିବନ୍ଧରେ ପଞ୍ଚାୟତ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବରେ ହେନ୍ତାଳ ବନ ନଷ୍ଟ ହୋଇଯାଉଥିବା ବେଳେ ପୁରୁଣା ପୋଡାମପେଟା ଗ୍ରାମଟି ସମୁଦ୍ରର ଆଁ ମଧ୍ୟରେ ଲୀନ ହୋଇଗଲାଣି ।ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ତଥା ଭିୟୁଷ ଅନୁଷ୍ଠାନ ର କୋଡିନେଟର ଜେ. ଟିଟୁ ଙ୍କ ତତ୍ତ୍ୱାବଧାନରେ ଭିୟୁଷ ଅନୁଷ୍ଠାନର ଫେସିଲିଟର ସି.ଏଚ ପଦ୍ମିନୀଙ୍କ ସଭାପତିତ୍ୱରେ ଭିୟୁଷ ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ମହଲା ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୋଡ଼ମପେଟା ଓ ଡ଼ି ଆର ପି କଲୋନୀ ସ୍ଥିତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଏକ ସୁସ୍ଥ ମାନବ ସମାଜ ଗଠନ କରିବାପାଇଁ ପରିବେଶ ସୁରକ୍ଷା ର ଆବଶ୍ୟକତା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଜନ ସମୁଦାୟ କୁ ନେଇ ଉକ୍ତ




କାର୍ଯ୍ୟକ୍ରମରେ ଯୁବକ ଓ ଯୁବତୀ ମାନଙ୍କୁ ନେଇ ସଚେତନତା ମୂଳକ ନାଟକ ଓ ନୃତ୍ୟ ସଙ୍ଗୀତ ମାଧ୍ୟମରେ ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଓ ଜଳବାୟୁ ପରିବର୍ତ୍ତନ ର ପ୍ରଭାବ, ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ପରିବେଶ ପ୍ରତି ସମସ୍ତଙ୍କ ଦାୟିତ୍ୱ ସମ୍ପର୍କରେ ବାର୍ତ୍ତା ଦିଆଯାଇ ଜନ ସଚେତନତା ସୃଷ୍ଟି କରାଯାଇଥିଲା ।ଶେଷରେ ଗ୍ରାମରେ ଯୁବକ ମାନଙ୍କ ଦ୍ୱାରା ପ୍ଲା କାର୍ଡ ଧରି ପରିବେଶ ସୁରକ୍ଷା ସମ୍ପର୍କିତ ନାରା ଦିଆଯାଇ ଏକ ଶୋଭାଯାତ୍ରା ସି ଏଚ ପଦ୍ମିନୀ ଙ୍କ ନେତୃତ୍ୱ ରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା । ସମ୍ମାନିତ ଅତିଥିଭାବେ ଦକ୍ଷିଣ ଫାଉଣ୍ଡେସନର ସି ଏଚ ପ୍ରତିମା,ୱାର୍ଡ ମେମ୍ବର ଏନ. ଲକ୍ଷ୍ମୀ ଓ ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା କେବଳ ଜଣେ ବ୍ୟକ୍ତି କିମ୍ବା ଗୋଟିଏ ସଂସ୍ଥାର ନୁହେଁ ବରଂ ଏହା ସମସ୍ତଙ୍କ ସାମୂହିକ ଦାୟୀତ୍ୱ ବୋଲି ମତ ପ୍ରକାଶ କରିଥିଲେ । ଯୁବକ ମାନଙ୍କ ସକ୍ରିୟ ଅଂଶ ଗ୍ରହଣ ସହ ଆୟୋଜିତ ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ୨୫୦ ରୁ ଉର୍ଦ୍ଧ ଲୋକ ଅଂଶ ଗ୍ରହଣ କରିଥିଲେ ।

# ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକ ଙ୍କ ବିୟୋଗ ରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ଶୋକ

ଅନୁଗୋଳ,୩୧।୭ :(ମନ୍ଥନ)ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ପଞ୍ଚାୟତର ଖୋଲୁଆ ଗ୍ରାମର ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକ (୨୬) କାର୍ଯ୍ୟରତ ଅବସ୍ଥାରେ କେନ୍ଦୁଝର ଠାରେ ବୁଧବାର ଏକ ଅଭାବନୀୟ ଅବସ୍ଥାରେ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି । ଏ ବିଷୟରେ ଜାଣିବା ପରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କର କାର୍ଯ୍ୟରତ ଅବସ୍ଥାରେ ଏକ ଅଭାବନୀୟ ଦୁର୍ଘଟଣାରେ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ଏହି କଠିନ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛି ବୋଲି ଶ୍ରୀଯୁକ୍ତ ପ୍ରଧାନ ଏକ ଶୋକ ବାର୍ତ୍ତା ରେ ପ୍ରକାଶ କରିଛନ୍ତି ।ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଶୋକ ପ୍ରକାଶ କରିବା ସହ କହିଛନ୍ତି, ଓଡ଼ିଶାର ନିଷ୍ଠାବାନ ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଗଭୀର ଶୋକ ପ୍ରକାଶ କରୁଛି ।ଉଦ୍ଧାର କାର୍ଯ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ସେବାମୂଳକ ଦାୟିତ୍ୱ ତୁଲାଉଥିବା ସମୟରେ ତାଙ୍କର ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ତାଳଚେର ବ୍ଲକ୍ ଅନ୍ତର୍ଗତ ଗୁରୁଜାଙ୍ଗୁଲି ଗ୍ରାମ ପଞ୍ଚାୟତର ଖୋଲୁଆ ଗ୍ରାମର ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ଚନ୍ଦନଙ୍କର ଏହି ସାହସିକତା ଓ ଜନସେବା ସଦା ସର୍ବଦା ସ୍ମରଣୀୟ ରହିବ ।ଅମର ଆତ୍ମାର ସଦ୍ଗତି କାମନା କରିବା ସହ ଏହି କଠିନ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରିବା ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛି ବୋଲି ପ୍ରକାଶ କରିଛନ୍ତି କ୍ଷବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ସଂଜୀବ ସାହୁ, ଅନୁପ ସାଏ ଓ ପ୍ରତିମା ମିଶ୍ର, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲ୍ଲା ବିଜେପି ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି ।

# ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରାଧୀନ, ସମସ୍ତ ପ୍ରକାର ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ- ଜିଲ୍ଲାପାଳ

କେନ୍ଦୁଝର,୩୧।୭ :(ମନ୍ଥନ) କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଆଜି ମିନି କନଫରେନ୍ସ ହଲ୍ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବର୍ତ୍ତମାନର ସ୍ଥିତି, ରିଲିଫ୍ କାର୍ଯ୍ୟ ଏବଂ ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଛନ୍ତି ଯେ ଚମ୍ପୁଆ, ସ୍ୱାମପାଟଣା ଏବଂ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଆନନ୍ଦପୁରଠାରେ ଜଳସ୍ତର ୩୫.୩୫ ମିଟର ରହିଥିଲା, ଯାହା ବିପଦ ସଙ୍କ ?ତ (୩୮.୩୬ ମିଟର)ଠାରୁ ଯଥେଷ୍ଟ ତଳେ ରହିଛି। ସେହିପରି ଚମ୍ପୁଆ ଏବଂ ସ୍ୱାମପାଟଣାଠାରେ ମଧ୍ୟ ନଦୀର ଜଳସ୍ତର ନିଜ ନିଜର ବିପଦ ସଙ୍କେତ ଠାରୁ ତଳେ ରହିଛି ଏବଂ କ୍ରମାଗତ ଭାବେ ହ୍ରାସ ପାଉଛି ।କାନପୁର ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି ଯେ, ବର୍ତ୍ତମାନ କଫର ଡ୍ୟାମ୍ ଉପରେ ପାଣି ପ୍ରବାହିତ ହେଉଛି ଏବଂ ସର୍ବାଧିକ ସୁରକ୍ଷିତ ସ୍ତର ୪୪୦.୦୦ ମିଟର ତୁଳନାରେ ଜଳଭଣ୍ଡାରର ଜଳସ୍ତର ୪୩୦.୪୦ ମିଟର ରେକର୍ଡ କରାଯାଇଛି। ଏହି ପ୍ରକଳ୍ପକୁ ପ୍ରତି ସେକେଣ୍ଡରେ ୪୦.୧୬୨ କ୍ୟୁମେକ (ଘନ ମିଟର) ଜଳ ପ୍ରବେଶ କରୁଥିବା ବେଳେ ୫୮୭.୯୮ କ୍ୟୁମେକ ଜଳ ନିଷ୍କାସିତ ହେଉଛି। ସେ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନର ଜଳ ନିଷ୍କାସନ ଯୋଗୁଁ କୌଣସି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ନାହିଁ ଏବଂ ପ୍ରଶାସନ ପକ୍ଷରୁ ନିମ୍ନମୁଖୀ ବ୍ଲକ ଯଥା ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ସଦର ଏବଂ ପାଟଣାର ସ୍ଥିତି ଉପରେ କ୍ରମାଗତ ଭାବେ ନଜର ରଖାଯାଇଛି ।ଜିଲ୍ଲାପାଳ ଦର୍ଶାଇଛନ୍ତି ଯେ ବିଗତ କିଛି ଦିନର ପ୍ରବଳ ବର୍ଷା ଯୋଗୁଁ ୧୩ଟି ବ୍ଲକର ୯୪ଟି ଗ୍ରାମ ପଞ୍ଚାୟତ ଏବଂ ୭୨୭ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ ୪୮ଟି ଗ୍ରାମ ଜଳବନ୍ଦୀ ହୋଇ ରହିଥିଲା, କିନ୍ତୁ ବର୍ତ୍ତମାନ କୌଣସି ଗ୍ରାମ ଜଳବନ୍ଦୀ ହୋଇ ରହିନାହିଁ। ଫସଲ କ୍ଷତିର ଆକଳନ ଅନୁଯାୟୀ ୧୮୭ ହେକ୍ଟର ଧାନ ଜମି ଏବଂ ୭୦ ହେକ୍ଟର ଅଣଧାନ ଚାଷ ଜମି ନଷ୍ଟ ହୋଇଛି। ଜିଲ୍ଲାରେ ୫୨୩ଟି ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି, ଯେଉଁଥିରେ ୫୨୦ଟି ଆଂଶିକ କ୍ଷତିଗ୍ରସ୍ତ ଏବଂ ୩ଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଘର ସାମିଲ ଅଛି, ଏହା ବ୍ୟତୀତ ୩୮ଟି ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜନିତ ବିଭିନ୍ନ ଦୁର୍ଘଟଣାରେ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି—ଜଣେ କାନ୍ଥ ଭୁଶୁଡ଼ିବା ଯୋଗୁଁ, ଦୁଇ ଜଣ ପାଣିରେ ବୁଡ଼ିଯିବା ଯୋଗୁଁ ଏବଂ ଜଣେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି—ଏହା ସହିତ ୧୪ଟି ଗୋରୁଗାଈଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ସୂଚନା ମିଳିଛି ।ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବାବ ୧୮ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଥିଲା, ଯେଉଁଥିରୁ ବର୍ତ୍ତମାନ ୨ଟି କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ମୋଟ ୬,୯୧୮ ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ୬୦ ଜଣଙ୍କୁ ଖାଦ୍ୟ ପରଷା ଯାଇଛି। ପ୍ରଶାସନ ପକ୍ଷରୁ ୧,୮୧୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୯୨ ଜଣ ଗର୍ଭବତୀ ମହିଳାଙ୍କୁ 'ମା' ଗୃହ'କୁ ସ୍ଥାନାନ୍ତର କରାଯାଇଛି। ଏହାବ୍ୟତୀତ ୧ଟି ଆଶ୍ରୟସ୍ଥଳୀ, ୧୦ଟି ଗୋପାଳନ ଶିବିର (କ୍ୟାଟଲ କ୍ୟାମ୍ପ), ୧୦ଟି ମେଡିକାଲ ଟିମ୍, ୨୬ଟି ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏବଂ ୧୦ଟି ପ୍ରାଣୀଧନ ଚିକିତ୍ସା ଟିମ୍ ନିୟୋଜିତ କରାଯିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ୫୬୯ଟି ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି ।ଜନସାଧାରଣଙ୍କୁ ସତର୍କ ଓ ସଜାଗ ରହିବାକୁ ନିବେଦନ କରି ନାଗରିକମାନେ କେବଳ ଭାରତୀୟ ପାଣିପାଗ ବିଭାଗଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି କରାଯାଉଥିବା ସଠିକ୍ ସୂଚନା ଉପରେ ଭରସା କରିବାସହ କୌଣସି ଗୁଜବ କିମ୍ବା ସୋସିଆଲ ମିଡିଆର ଅସତ୍ୟ ବାର୍ତ୍ତା ଉପରେ ବିଶ୍ୱାସ ନକରନ୍ତୁ କିମ୍ବା ତାହାକୁ ସେୟାର ନକରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ଯେ, । ବଢ଼ି ପାଣି ଥିବା ନଦୀ, ନାଳ, ଡ୍ୟାମ୍ କିମ୍ବା ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବାକୁ ଏବଂ ବନ୍ୟା ପାଣି ପାଖରେ ସେଲଫି ନେବା କିମ୍ବା କୌଣସି ବିପଜ୍ଜନକ କାର୍ଯ୍ୟ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପ୍ରଶାସନକୁ ସୂଚନା ଦେବାକୁ ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି।

# ଦୁଇ ଦିନ ପରେ ମିଳିଲା ପ୍ରଖର ସୁଅରେ ଭାସି ଯାଇଥିବା ବ୍ୟବସାୟୀଙ୍କ ମୃତ ଦେହ

ଯାଜପୁର,୩୧।୭ :(ମନ୍ଥନ) ଦୁଇ ଦିନ ପରେ ମିଳିଲା ପ୍ରଖର ସୁଅରେ ଭାସି ଯାଇଥିବା ବ୍ୟବସାୟୀଙ୍କ ମୃତ ଦେହ। ଯାଜପୁର ବ୍ଲକ୍ ଜାଫରପୁର ପଂଚାୟତ ସଇପୁର ଗାଁ ନିକଟରେ ପ୍ରଖର ବନ୍ୟାଜଳରେ ଜଣେ ପରିବା ବ୍ୟବସାୟୀ ଦୁଇ ଦିନ ତଳେ ଭାସିଯାଇଥିଲେ। ଉକ୍ତ ପଂଚାୟତ ମୁଗୁଡ଼ି ଗାଁର ଅଜୟ ସାହୁ ପରିବା ବ୍ୟବସାୟ କରି ସଂଧ୍ୟାରେ ଘରକୁ ଫେରୁଥିବା ବେଳେ ବନ୍ୟାଜଳରେ ଭାସି ଯାଇଥିଲେ। ଉକ୍ତ ସ୍ଥାନରେ ୫ ଫୁଟରୁ ଅଧିକ ଉଚ୍ଚର ପାଣି ପ୍ରଖର ସ୍ରୋତରେ ପ୍ରବାହିତ ହେଉଥିବା ବେଳେ ଦୁଇ ଦିନ ଧରି ଅଗ୍ନିଶମ ଓ ଓଡ୍ରାଫ ଟିମ ଖୋଜାଖୋଜି କରୁଥିଲେ। ଆଜି ଅଜୟଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଚଳିତ ବନ୍ୟାରେ ଜିଲ୍ଲାରେ ଏହା ପ୍ରଥମ ମୃତ୍ୟୁ।

# ଯାଜପୁର ଜିଲ୍ଲାରେ ବନ୍ୟା ଜନିତ ପରିସ୍ଥିତି ର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

ଯାଜପୁର,୩୧।୭ :(ମନ୍ଥନ)ବୈତରଣୀରେ ବନ୍ୟା ଫଳରେ ବେହାଲ ଯାଜପୁର। ବୈତରଣୀ ନଦୀରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇଥିଲେ ମଧ୍ୟ ଏବେବି ବିପଦ ଟଳିନି। ଦଶରଥପୁର ବ୍ଲକ ଡୋଭାବିଲ ପାଟଣାରେ ବୈତରଣୀର ଶାଖା କାଣୀ ନଦୀରେ ଘାଇ ସୃଷ୍ଟି ହୋଇ ବନ୍ୟା ବିପଦ ଆହୁରି ବଢ଼ିଯାଇଛି। ଫଳରେ ଶହ ଶହ ଗାଁ ଜଳବନ୍ଦୀ ହୋଇରହିଛି। ଅନେକ ପରିବାର ବନ୍ଧ ଉପରେ ଆଶ୍ରା ନେଇ ଥିବା ବେଳେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବହୁ ଲୋକ ପ୍ରତିନିଧି ମାନେ ସେମାନଙ୍କ ସାହାଯ୍ୟର ହାତ ବଢ଼ାଇଛନ୍ତି। ସେମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରୁଥିବା ବେଳେ ବୋଟ ଯୋଗେ ଶୁଖିଲା ଖାଦ୍ୟ ଓ ପାଲ ପଠାଯାଉଛି।

ଶନିବାର ୦୧ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Saturday 01 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କେନ୍ଦ୍ର-ରାଜ୍ୟ ସମନ୍ୱୟ

ତାମିଲନାଡୁ ଦେଶର ଏଭଳି ଏକ ରାଜ୍ୟ ଯାହା ସର୍ବଦା ଦେଶର ସଂଘୀୟ ବ୍ୟବସ୍ଥାକୁ ଚାଲେଞ୍ଜ କରି ଆସିଛି। ରାଜ୍ୟରେ ଇଂରାଜୀ ଭଳି ଏକ ବିଦେଶୀ ଭାଷାକୁ ଗ୍ରହଣ କରାଯାଉଛି, କିନ୍ତୁ ହିନ୍ଦି ଭାଷାର ବ୍ୟବହାର ଉପରେ କଟକଣା। ଏହାକୁ କହନ୍ତି ଅସହିଷ୍ଣୁତା। କେବଳ ବିଜେପିକୁ ଚାଲେଞ୍ଜ କର ଷ୍ଟାଲିନ ରାଜ୍ୟରେ ହିନ୍ଦି ଭାଷାର ବ୍ୟବହାରକୁ ବିରୋଧ କରୁଥିଲେ। ଏବେ ନୂଆ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ମଧ୍ୟ ସମାନ ନୀତି ଆପଣାଇଛନ୍ତି। ଯେମିତିକି ହିନ୍ଦି ହେଉଛି କେବଳ ବିଜେପିର ଭାଷା। ଏହା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ବଡ଼ ବିପଦ। ଭାରତ ହେଉଛି ଏକ ରାଜ୍ୟମାନଙ୍କର ସଂଘ। ସଂଘୀୟ ବ୍ୟବସ୍ଥା ଦ୍ୱାରା ଭାରତ ପରିଚାଳିତ। କେନ୍ଦ୍ର ସରକାର ରାଜ୍ୟର ବିକାଶକୁ ସବୁ ବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ନିକଟରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଆବଶ୍ୟକତା ରହିଛି। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର-ରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମଧ୍ୟ ସମାନ ଅଭିଯୋଗ କରି ଆସୁଛି। ମମତାଙ୍କର ମଧ୍ୟ ଏହା ଏକ ଧାରାବାହିକ ଅଭିଯୋଗ ଥିଲା। ତେଣୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସବୁ ବେଳେ ଟକ୍କର ଦେଖିବାକୁ ମିଳୁଛି। କିଛି ରାଜ୍ୟ ଅବଶ୍ୟ ମାତ୍ରାଧିକ ଅଭିଯୋଗ କରୁଛନ୍ତି। କିନ୍ତୁ କିଛି ମାତ୍ରାରେ ଅଭିଯୋଗ ମଧ୍ୟ ସତ୍ୟ। କେନ୍ଦ୍ର ସରକାର ରାଜନୈତିକ ଦୃଷ୍ଟିରୁ ବିଚାର ନକରି ସବୁ ରାଜ୍ୟର ସମାନ୍ତରାଳ ବିକାଶ ପ୍ରତି ଗୁରୁତ୍ୱ ଦେବା ଉଚିତ। ନିତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ଯେଉଁ ସଂଘୀୟ ବ୍ୟବସ୍ଥା ଏବଂ ଏକତା କଥା କହିଛନ୍ତି ତାହା ଯଥାର୍ଥ। କିନ୍ତୁ ଏଥିରେ କେନ୍ଦ୍ରର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରମାନେ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ନିଷ୍ପତ୍ତି ନେବା କଥା। ରାଜ୍ୟର ସ୍ୱାର୍ଥ ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ରାଷ୍ଟ୍ରର ଏକତା ଏବଂ ଆର୍ଥିକ ସୁଦୃଢ଼ୀକରଣ ସମ୍ଭବ ହେବ। ରାଷ୍ଟ୍ରର ଏକତାରେ ଭାଷା କଦାପି ପ୍ରତିବନ୍ଧକ ହେବା ଅନୁଚିତ।

# ମହଙ୍ଗା ମାଡ଼, ଜଗି ରଖି ସଂସାର ଚଳାନ୍ତୁ

**ସୁକାନ୍ତ ଛାଟୋଇ**

ସଂସାର ଚଳାଇବା କ୍ଷେତ୍ରରେ ଅନେକ ଆର୍ଥିକ ଆହ୍ୱାନକୁ ସାମ୍ନା କରିବାକୁ ପଡ଼ିଥାଏ। ସଂସାର ଚଳାଇବା ଏକ ସହଜସାଧ୍ୟ ଜୀବନ ଆଦୌ ନୁହେଁ। ଏହାକୁ ସାମ୍ନା ନକରି ପାରି ଅନେକ ଲୋକଙ୍କର ଜୀବନ ଡଙ୍ଗା କେବଳ ଦୋହଲି ଯାଏନା ଭାଙ୍ଗି ଯାଏ ମଧ୍ୟ। ଅନେକ ଆଲୋଚନା କରନ୍ତି ଯେ ବର୍ତ୍ତମାନର ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଯାହା ବି କିଣିବେ ସବୁ ମହଙ୍ଗା। କ୍ଷୀର ଠାରୁ ପେଟ୍ରୋଲ ଡିଜେଲ, ପରିବା ଠାରୁ ପିଲାଙ୍କ ପାଠପଢ଼ା, ଔଷଧପତ୍ର ଠାରୁ ଜମିବାଡ଼ି ସବୁକିଛିର ଦରଦାମ ବଢୁଛି। ଏ ସବୁ ଭିତରେ ବର୍ଦ୍ଧିତ ଆମଦାନୀ ଶୁଳ୍କ, ସୁନା ଓ ରୂପାର ମୂଲ୍ୟ ବଢ଼ାଇ ଦେଇଛି ଆପଣ ରୋଷେଇ ଘର ଦେଖନ୍ତୁ କିମ୍ବା ଯିବା ଆସିବା ବ୍ୟବସ୍ଥା ସବୁଠି ଦର ବୃଦ୍ଧିର ସମସ୍ୟାର ପାହାଡ଼। ତେବେ ଅନେକଙ୍କ ଅଭିଯୋଗ ଏୟା ଯେ ଏ ସବୁ ଖର୍ଚ୍ଚକୁ ଦେଖିଲେ ଦରମା ସେହିପରି ବଢୁନାହିଁ। ଏ ସବୁ ଭିତରେ ପ୍ରତ୍ୟେକ ପରିବାର ଟିକିଏ କଷ୍ଟରେ ଘର ଖର୍ଚ୍ଚ ପରିଚାଳନା କରୁଛନ୍ତି। ତେବେ ଏଭଳି ସମୟରେ କଟକଣା ଭିତରେ ନୁହେଁ ବରଂ ସବୁ ଦିଗକୁ ଚିନ୍ତା କରି ଟଙ୍କା ଖର୍ଚ୍ଚ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ତେବେ କେଉଁ କେଉଁ ଦିଗ ଉପରେ ଖର୍ଚ୍ଚ ପରିଚାଳନାର ସତର୍କ ଦୃଷ୍ଟି ଦେଖିବେ ସେ ସମ୍ପର୍କରେ ଛୋଟିଆ ଅର୍ଥନୈତିକ ସଚେତନଧର୍ମୀ ଆଲୋଚନାଟି ରଖୁଛୁ।

ଅନେକଙ୍କ ଘରେ ପାରିବାରିକ କାର୍ଯ୍ୟ ବ୍ୟସ୍ତତା ଭିତରେ ସମୟ ଅଭାବକୁ ଦେଖି ଘରୋଇ ରୋଷେଇ ପରିବର୍ତ୍ତେ ଖାଦ୍ୟ ଅର୍ଡ଼ର କରିଥାନ୍ତି। ତେବେ ବ୍ୟବସ୍ଥାର ଆଳ କରି ଏହାକୁ ଅଭ୍ୟାସରେ ପରିଣତ କରିଦେଲେ ଆପଣଙ୍କ ମାସିକ ସଞ୍ଚୟ ଉପରେ ପ୍ରଭାବ ପକାଇଥାଏ। ଆମକୁ ମନେ ରଖିବାକୁ ହେବ ଯେ ଘରୋଇ ପ୍ରସ୍ତୁତ ଖାଦ୍ୟର ଦୁଇଟି ଲାଭ ଦାୟକ ଦିଗ ରହିଛି। ପ୍ରଥତଃ ଘରୋଇ ଖାଦ୍ୟ ଦେହ ପାଇଁ ସ୍ୱାସ୍ଥ୍ୟକର ଓ ଦ୍ୱିତୀୟ ଦିଗଟି ହେଉଛି ଏହା ଆର୍ଥିକ ଦୃଷ୍ଟିରୁ ମଧ୍ୟ ଭଲ। ତେଣୁ ଘରର ଅର୍ଥନୀତିର ସଠିକ ପରିଚାଳନା ପାଇଁ ଯଥାସମ୍ଭବ ଖାଦ୍ୟ ମଗାଇ ଖାଇବା ଠାରୁ ଦୂରେଇବା ଭଲ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତେଜରାତି ସାମଗ୍ରୀ ଅନେକ ସମୟରେ ଛୋଟ ମୋଟ ତେଜରାତି ସୌଦା ଦୋକାନରୁ କିଣିବା ଅପେକ୍ଷା ଅନଲାଇନ ବ୍ୟବସ୍ଥାରେ ଅର୍ଡ଼ର କରିପକାଉ। ଏ ସବୁ ଖର୍ଚ୍ଚକୁ କେହି କେହି ଗୁରୁତ୍ୱହୀନ ବା ମାମୁଲି ଭାବି ପାରନ୍ତି। ତେବେ ଭୁଲିଯିବା ଅନୁଚିତ ଯେ ଏହି ଛୋଟମୋଟର ଖର୍ଚ୍ଚ ପରିବାରର ମାସିକ ବଜେଟ ଉପରେ ବଡ଼ ପ୍ରଭାବ ପକାଏ। ତେଣୁ ଯଥା ସମ୍ଭବ ଡୋରଷ୍ଟେପ ଡେଲିଭରି ବ୍ୟବସ୍ଥା କମାନ୍ତୁ।

କଥାରେ ଅଛି ଆପ୍ ରୁଚି ଖାନା, ପର ରୁଚି ପହେନା ଅର୍ଥାତ୍ ନୂଆ ପୋଷାକ ଯେତିକି ବ୍ୟକ୍ତିତ୍ୱ ଓ ଆଭିଜାତ୍ୟର ପ୍ରତୀକ ସେତିକି ଆପଣଙ୍କ ଆଖି ଦୃଶିଆ ଗୌରବକୁ ମଧ୍ୟ ବଢ଼ାଇଥାଏ। ଆଗ ସମୟ ଅପେକ୍ଷା ଏବେ ପ୍ରାୟ ସମସ୍ତଙ୍କ ପୋଷାପତ୍ର ବଢ଼ିଛି। ଘର ହେଉ ବା ଅଫିସ ପ୍ରାୟ ସବୁ ଅବସରରେ ନୂଆ ପୋଷାକ କିଣିବା ଉପରେ ଗୁରୁତ୍ୱ ଦିଆଯାଏ। ନୂଆ ବର୍ଷ ହେଉ ବା ଜନ୍ମଦିନ, ବିବାହ ବାର୍ଷିକ ହେଉ ବା ପର୍ବପର୍ବାଣୀ, ଅଫିସର ପ୍ରଥମ ଦିନ ହେଉ ବା କୌଣସି ବିଜୟ ମହୋତ୍ସବର ପ୍ରତୀକ। ନିୟମିତ ଏଭଳି ପୋଷାକ କିଣା ଏକ ମହଙ୍ଗା ଅଭ୍ୟାସ ନିଶ୍ଚିନ୍ତ। ଭାରତର ଅର୍ଥନୀତିର ଏକ ବିଶାଳ ଦିଗ ହେଉଛି ମଧ୍ୟବର୍ତ୍ତୀ ବା ନିମ୍ନମଧ୍ୟବର୍ତ୍ତୀ ପରିବାର ବର୍ଗ। ଏହି ପରିବାର ବର୍ଗ ଉପରେ ପୋଷାକ କିଣିବାର ମହଙ୍ଗାମାଡ଼ ଏକ ବଡ଼ ଖର୍ଚ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ।

ସେହିପରି ବର୍ତ୍ତମାନର ସମୟକୁ ଦେଖି ଅନେକ ନିଜର ରୁଚି ବଦଳାଇ ଥାଆନ୍ତି। ଆଜିକାଲି ଫେସନ ବ୍ୟବସ୍ଥାର ଚାକଚକ୍ୟ ଆଭିଜାତ୍ୟ ଭିତରେ ବ୍ରାଣ୍ଡର ମୋହ ଏକ ବିଶାଳ ଖର୍ଚ୍ଚର ଭିନ୍ନ ଦିଗ। ଆଜିକାଲି ବଜାରକୁ ଦେଖିଲେ ବିଭିନ୍ନ ଡିଜାଇନର ଘଣ୍ଟା, ପ୍ରିମିୟମ ହ୍ୟାଣ୍ଡ ବ୍ୟାଗ ଓ ମହଙ୍ଗା ବ୍ରାଣ୍ଡର ଆହୁରି ସାମଗ୍ରୀ ପ୍ରତି ସମସ୍ତଙ୍କ ଆକର୍ଷଣ ବଢୁଛି। ପ୍ରତିଦିନ ନୂଆ ନୂଆ ବିଳାସପୂର୍ଣ୍ଣ ଉତ୍ପାଦ ବଜାରକୁ ଆସୁଛି। ମହଙ୍ଗା ସମୟରେ ଯେତେ ସମ୍ଭବ ଏହି ମୋହକୁ ଏଡ଼ାଇବା ବୁଦ୍ଧିମାନର କାର୍ଯ୍ୟ ହେବ। ସେହିପରି ମହଙ୍ଗା ଛୁଟି ମଧ୍ୟ ଏକ ବଡ଼ କାରଣ। ଏବେ ମଧ୍ୟବିତ ଓ ନିମ୍ନମଧ୍ୟବିତଙ୍କ ପାଇଁ ଛୁଟି ଉପଭୋଗ କରିବା ନିହାତି ମହଙ୍ଗା ହୋଇପଡ଼ିଛି। ଛୁଟି କାଟିବା ପାଇଁ ବିମାନରେ ବୁଲିବା, ବିଳାସପୂର୍ଣ୍ଣ ହୋଟେଲରେ ରହିବା ଆଦି ସାଧାରଣ କଥା ପାଲଟିଛି। ଏହି ସମୟରେ ସେଥିରୁ ବିରତ ରହିଲେ ଭଲ। ଅନେକହୁଏତ ଜାଣିନାହାଁନ୍ତି ଆମ ରାଜ୍ୟ ଭିତରେ ଏପରି ଅନେକ ଜାଗା ଅଛି ଯେଉଁଠାରେ ଆପଣ ସ୍ୱଳ୍ପ ଖର୍ଚ୍ଚ ଭିତରେ ଆରାମଦାୟକ ଛୁଟି ଉପଭୋଗ କରିପାରିବେ।

ଆଉ ଏକ ବଡ଼ ଖର୍ଚ୍ଚ ହେଉଛି ତଥାକଥିତ ଉତ୍ସବ ବା ସେଲିବ୍ରେସନ ବଡ଼ ବିଲ ଆଣିଥାଏ। ଆଜିକାଲି ଜନ୍ମଦିନ ଠାରୁ ବିବାହ ବାର୍ଷିକ, ପାରିବାରିକ ସମାବେଶ ଠାରୁ ପର୍ବପର୍ବାଣୀ ଏସବୁ ଖୁବ ମହଙ୍ଗା ହୋଇଗଲାଣି। ଅନେକ ଚାହୁଁଥିଲେ ମଧ୍ୟ ଏହା ଉପରେ କଟକଣା ଲଗାଇବା କ୍ଷେତ୍ରରେ କିନ୍ତୁ କୁଣ୍ଠିତ ହୋଇଥାନ୍ତି। ସାଜସଜ୍ଜା ଠାରୁ ଖାଦ୍ୟପେୟ ଓ କାର୍ଯ୍ୟକ୍ରମର ଯୋଜନା ଏ ସବୁ ପ୍ରସ୍ତୁତିରେ ଢ଼େର ଖର୍ଚ୍ଚ ହେଉଛି। ଏହି ସମୟରେ ସେହି ବାବଦରେ ଜଗି ରଖି ଖର୍ଚ୍ଚ କରିବା ଜରୁରୀ।

ଆମ ଜୀବନ ଶୈଳୀରେ ମୁଦ୍ରାସ୍ଫିତୀର ବଡ଼ ଭୂମିକା ରହିଛି। ବର୍ତ୍ତମାନର ବଡ଼ ଖର୍ଚ୍ଚ ହେଉଛି ଆମ ଜୀବନଶୈଳୀ ଏହା ପଛର କାରଣ ହେଉଛି ଆରାମକୁ ଆମେ ଆବଶ୍ୟକତା ଭାବି ନେଉଛୁ। ବାରମ୍ବାର ସପିଂ ଓ ଅନ୍ୟ ଖର୍ଚ୍ଚ ଗୁଡ଼ିକୁ କାଣ୍ଟଛାଣ୍ଟ କରିବାକୁ ଚେଷ୍ଟା କରନ୍ତୁ। ବର୍ତ୍ତମାନର ବଜାର ଦର ଓ ଉଚ୍ଚ ମୁହାଁ ମୂଲ୍ୟବୃଦ୍ଧି ମଧ୍ୟବିତ ଓ ନିମ୍ନମଧ୍ୟବିତ ପରିବାର ପାଇଁ ସତର୍କଘଣ୍ଟି ସଦୃଶ। ଆମକୁ ମନେରଖିବାକୁ ହେବ ଯେ ଅଧିକ ରୋଜଗାର ଆର୍ଥିକ ଶାନ୍ତି ଦେଇନଥାଏ ଏ କ୍ଷେତ୍ରରେ ଅର୍ଥର ଯଥାର୍ଥ ବ୍ୟବହାର ଆମ ପରବର୍ତ୍ତୀ ପିଢ଼ୀ ପାଇଁ ଏକ ବଡ଼ ସଚେତନ ଧର୍ମୀ ବାର୍ତ୍ତା ଦେବ।

ପୋପରଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧

# ଅଭିଷେକ ସମୟରେ

**ଅଜୟ କୁମାର ବେହେରା**

ଅଭିଷେକ ସମୟରେ ଯଦି ରାଜ ପୁରୁଷଙ୍କ ବାଟ ନଥାଏ ତେବେ ସେ ରାଜାଙ୍କ ରାଜ କରିବା ଭବିଷ୍ୟ ମଙ୍ଗଳମୟ ହୁଏନାହିଁ। ଏହା ଶକୁନ ଜ୍ୟୋତିଷ ଶାସ୍ତ୍ରର ପ୍ରମାଣ। ରାଜ ଉପଚାରରେ ତାହା ବିଘ୍ନ। ପର୍ଯ୍ୟବେକ୍ଷଣରେ ଅନେକ ବିଶେଷ୍ୟ ତତ୍କାଳ ଯୋଡ଼ି ହୋଇ ଅନେକ ସତେବେଳେ ଥାଟରେ ରହିବା ଶାସ୍ତ୍ର ବିଦିତ। ପାଞ୍ଚ-ଆୟୁଧ, ଶ୍ରୀରାମଙ୍କ ଶରାସନ ଧାରଣ ପରି, ରାଜା କାନୁନ ସିଂହସ୍ଥାନରୁ ଦେଶର ଦୂରାନ୍ତ ସର୍ବ କୋଣରୁ ସର୍ବ ଅନୁକୋଣ ଯାଏ ରାଜାକାନୁନ ପ୍ରତାପରହିବ ଏହା ଶରାସନ ଦର୍ଶାଉଛି। ପାଞ୍ଚଖଣ୍ଡା ଅନେକ ରାଜାଙ୍କ ଅଭିଷେକ ବେଳରେ ମନ୍ତ୍ରପୂତ କରି ହସ୍ତରେ ଧରେଇ ଦିଆଯାଏ। ଖଣ୍ଡା ଖଣ୍ଡ ଖଣ୍ଡ କରେ ଯାହାର ଅର୍ଥ ଛେଦକର ଭେଦ କର ଶାସନ କର। ଡିଭାଇଡ ଆଣ୍ଡ ରୁଲ। ମିଜାଇଲ ଯୁଗରେ ବି ସ୍ୱାଧୀନତା ଦିବସରେ ଗଣତନ୍ତ୍ର ପ୍ରଶାସନରେ ଆମ ଦେଶରେ ରାଜ ସେନା ପୋଲିସ ହାତରେ ପରେଡ଼ ଭୂମିରେ ଏପରି ଖଣ୍ଡା ହସ୍ତା ଅଧିକର୍ତ୍ତା ପତାକା ଉତ୍ତୋଳନକୁ ପ୍ରଧାନ ମନ୍ତ୍ରୀଙ୍କୁ ଆହ୍ୱାନ କରୁଛନ୍ତି। ଖଣ୍ଡା ଅଦରକାରୀ ହଟାଏ, ଦରକାରୀଙ୍କୁ ଅଭୟ ଦିଏ। ପାଟରାଣୀ ଅଭିଷେକରେ ଅବଶ୍ୟ ବାମାଙ୍ଗ। ଗଣତନ୍ତ୍ରରେ ସହଯୋଗୀ ସହକର୍ମୀ ଶାସନ ସହାୟକ ମାନେ ପାଟ, ଶପଥ ପାଠ ଉତ୍ସବ ଉପସ୍ଥିତ ରହିବା ଦେଖା ଯାଉଛି। ଶପଥ ପାଠ ଉତ୍ସବ ହିଁ ଅଭିଷେକ ପର୍ବ ଗଣତନ୍ତ୍ର ପାଇଁ ଧରାଯାଉଛି।

ପୂର୍ବରୁ ପାଟ ହାତୀ ପାଟ ଅଶ୍ୱ ଅଭିଷେକ ଦିନ ସଜ୍ଜିତଦ ହୋଇ ସୁଦୃଶ୍ୟ ରହୁଥିଲେ। ଏବେ ସୁନ୍ଦର ମହଙ୍ଗା ମୂଲ୍ୟବାନ ଯାନ ଅଭିଷେକ ହଲରୁ ରାଜବାସ ଗୃହ ବା ଦପ୍ତରକୁ ବହନକୁ ଅପେକ୍ଷା ରତ। ଜୟ ଜୟକାର ଧ୍ୱନୀ, ନାରୀଙ୍କୁ ସୁନ୍ଦର ସେଚାରି ଅକ୍ଷର ରାଜା ବିଜେକାଳେ ଶୁଭଇ ହୁଳହୁଳି ପାଟମୁକୁଟ ରତ୍ନ ଖଚିତ ଶୁଦ୍ଧ ସ୍ୱର୍ଣ୍ଣବଂଶାନୁକ୍ରମ ବ୍ୟବହାର୍ଯ୍ୟ ବା ନୂତନ ପାଟଯୋଷୀରାଜ ପୁରୋହିତ ଗଣଙ୍କ ଅଭିଷେକ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ସ୍ଥିର ଲଗ୍ନରେ ନବ୍ୟ ଅଭିଷିକ୍ତ ରାଜମସ୍ତକ ମଣ୍ଡିତ କରାଯାଏ। ରାଜା ତିଳକ ପିନ୍ଧାଇ ଦିଆଯାଏ। ଜ୍ୟୋତିଷରେ ଏକ ମହାନ ପରମ୍ପରାର ଶାସ୍ତ୍ର ଯାମଳ ଗ୍ରନ୍ଥ, ଏଥିରୁ ଉଦ୍ଧାର ପ୍ରାମାଣିକ ଶାଖା ନରପତି ଜୟ ଚର୍ଯ୍ୟାରେ ଅଛି ଅନେକ ଚକ୍ର ଏ ମଧ୍ୟରେ ଅଛି ସିଂହାସନଚକ୍ର ଓ ରାଜ ପ୍ରବେଶ ତୋରଣ ଚକ୍ର, ଯହିଁରେ ୨୭ ନକ୍ଷତ୍ରକୁ ନେଇ ତିନି ରାଜଶକ୍ତି ଅଶ୍ୱପତି, ଗଜପତି, ନରପତି, ପରି ପ୍ରାଚୀନ ତିନି ପ୍ରତାପୀ ରାଜ ଘରାନାଙ୍କର ଅଭିଷେକ କାଳୀନ ଗ୍ରହସ୍ଥିତି ପାଇଁ ଚକ୍ର ଅଛି। ସିଂହାସନ ଚକ୍ରରେ ପାଞ୍ଚ ସୋପାନ ଏ ମଧ୍ୟରେ ପଞ୍ଚ ବୋଲି ଏକ ପର୍ଯ୍ୟାୟ ଅଛି। ଏଥିରେ ସ୍ଥିତ ୬ନକ୍ଷତ୍ରରେ ଯଦି ପାପ ରହିଯାଏ ତେବେ ଅଭିଷିକ୍ତ ରାଜାଙ୍କ ପ୍ରିୟ ବିଶ୍ୱସ୍ତ ପାଟଣ ବା ପଞ୍ଚର ମହା ନାୟକଙ୍କ ବିଚ୍ଛେଦ ହୁଏ। ବିଶେଷକରି ଶନିଙ୍କ ସ୍ଥିତିକୁ ଅତି ପ୍ରାଧାନ୍ୟ ଦିଆଯାଏ। ପାପଗ୍ରହମାନେ ଅଗ୍ନୀ ସ୍ୱରୂପ ଯେଉଁ ନକ୍ଷତ୍ରରେ ଥାନ୍ତି ତାକୁ ଜାଳୁଥାନ୍ତି। ଯାହାକୁ ଛାଡ଼ି ଆସିଥାନ୍ତି ତାକୁ ପାଉଁଶ କରିଥାନ୍ତି। ଯେଉଁଠିକି ଯିବେ, ତାକୁ ଧୂମମୟ କରୁଥାନ୍ତି। ଏପରି ୩ନକ୍ଷତ୍ର ସମ୍ପର୍କ। ଶନି ହାରାହାରି ଏକ ବର୍ଷରୁ କିଛି ମାସ ଏକ ନକ୍ଷତ୍ରରେ ରହନ୍ତି ଏହି ସମୟ ମଧ୍ୟରେ ଅଭିଷେକ କାହାରି ହେଲେ ଜ୍ୟୋତିଷମାନେ ଚକ୍ର ୫ଅଙ୍ଗରେ ଆସୁଥିବା ଶନିଙ୍କ ସ୍ଥିତି ଦେଖି ହାୟ ହାୟ ହୁଅନ୍ତି। ଏ ରାଜ ଉପଚାର କଥା ଦେବ ଉପଚାର ଆହୁରି ଅନେକ ସୂକ୍ଷ୍ମ ବିଚାର, ତେବେ ରାଜ ଉପଚାର ସମ୍ବନ୍ଧମୁକ୍ତ ନୁହେଁ। ଆମ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାଥ ଲାଗିଛିଯେ ଜଗତର ନାଥ, ବ୍ରହ୍ମାଣ୍ଡ ହିଁ ଜଗତ, ତାର ସେ ନାଥ, ସମ୍ରାଟ, ହେଲେ ତାଙ୍କ ସେବକ ପଣରେ ମାନବ ଗଣ ସଂଶ୍ଳିଷ୍ଟ। ତାଙ୍କର ସେବାସମୂହ ଅନୁଧ୍ୟାନ କଲେ କେହି ହେଲେ ବି ଆଶ୍ଚର୍ଯ୍ୟ ହେବେ। ତାଙ୍କର ରାଉତ ହେଉଛନ୍ତି ଖୋଦ ଗଜପତି ମହାରାଜା ସେ ଏକ ନମ୍ବର ସେବକ।

ଗଣତନ୍ତ୍ର ରାଜୁତିରେ ଭାରତର ରାଷ୍ଟ୍ରପତି, ତାଙ୍କ ଜଗତି ଛାଡ଼ି ଏହାଙ୍କ ଦିବ୍ୟ ଜଗତି ରତ୍ନ ସିଂହାସନ ତଳେ ଯୋଡ଼ହସ୍ତରେ ନମନ ହୋଇ ମଣିମା ମଣିମା ହେବା ଦେଖାଯାଉଛି। ହିନ୍ଦୁ ସନାତନୀ ରାଜାରେ ନେପାଳର ରାଜଦମ୍ପତି ବିଗତ କାଳରେ କେତେ ଥର ଆସି ପୂଜା ପାଠ କରିବା ସହ ନମନ ହୋଇଛନ୍ତି। ଅନ୍ୟ ଧର୍ମ ସମ୍ପୃକ୍ତିମାନେ ଦେଉଳର ରୀତିନୀତି କାଇଦା କାନୁନ ନୀତି କାନ୍ତି ପାଇଁ ଦେଉଳ ପ୍ରବେଶ ମନା ଥିଲେ ବି ରଥଯାତ୍ରାରେ ସବୁଧର୍ମର ଭକ୍ତ ଜନତା ହୃଦୟ ଭରି ଦେଖି ପାରନ୍ତି ଶ୍ରୀଅଙ୍ଗ ଅଧିଷ୍ଠିତ ରଥାରୂଢ଼ ମହାପ୍ରଭୁଙ୍କ ରଥର ଦଉଡି ଛୁଇଁ ଟାଣି ପାରନ୍ତି। ଯାହା ଅନ୍ୟବେଳେ ଦୁର୍ଲ୍ଲଭ। ଏହା ସର୍ବ ଦର୍ଶନର ମହା ଅନୁଷ୍ଠାନ। ଏ ଯାତ୍ରାବି ଏକ ରଥ ଜଗତିର ଅଭିଷେକକୁ ପାରମ୍ପରିକ ବିଶେଷ ଯାତ୍ରା ଅନୁଷ୍ଠାନ। ଏହା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିକୁ କର୍କଟ ଚନ୍ଦ୍ର ସହ ପୁଷ୍ୟା ନକ୍ଷତ୍ର ସମ୍ବନ୍ଧ ରହିବା ଆବଶ୍ୟକ। ତିନି ଦେବତାଙ୍କ ଭିନ୍ନ ଭିନ୍ନ ନକ୍ଷତ୍ର ବଳରାମଙ୍କ ୨୨ ଶ୍ରବଣା, ଜଗନ୍ନାଥଙ୍କ ୪ରୋହିଣୀ ମା ସୁଭଦ୍ରାଙ୍କ ୧୮ ଜ୍ୟେଷ୍ଠା ନକ୍ଷତ୍ର। ରାଶି ସମ୍ବନ୍ଧରେ ମକର, ବୃଷ, ବିଛା ଏହି ତିନିରାଶିର ଚନ୍ଦ୍ର ଶୁଦ୍ଧ କର୍କଟରେ ଏହି ମାସ ଶୁକ୍ଳପକ୍ଷରେ ହିଁ ହେଉଛି। ଏ ସମୟ ଏପରି ବଛା ଯାଇଥିଲା ଯାହା ପାଗ ନାତେଜ ଗରମ ନା ତିବ୍ରବର୍ଷା, ନା ହାଡ଼ ଭଙ୍ଗା ଶୀତ ଅନୁଭୂତ। କୃଷି ଭିତ୍ତିକ ବୃତ୍ତି ଜୀବିକା ରାଜ୍ୟରେ ପୂର୍ଣ୍ଣ ଯୋଷରେ ଚାଷ କାମ ଚାଲୁନଥାଏ। ପୂର୍ବେ ନଦୀମାନଙ୍କରେ ପୋଲି ସେତୁ ନଥିଲା ନଦୀପାର ଡଙ୍ଗାରେ ହେବାକୁ ପଡୁଥିଲା ହେଲେ ପ୍ରବଳ ବର୍ଷା ଦିନରେ ଡଙ୍ଗାର ଆବଶ୍ୟକ ଦରକାର ବେଳେ ଖରାଦିନରେ ସବୁନଦୀ ଶୁଖିଲା ବା କ୍ଷୀଣ ଜଳଧାର ଯହିଁରେ ପଶି ପାର ହୋଇ ହେଉଥିଲା। ସେତେବେଳେ ବର୍ତ୍ତମାନ ପରି ହୋଟେଲର ଭୋଜନକୁ କେହି ପସନ୍ଦ କରୁନଥିଲେ। ଘରୁ ଚୁଡ଼ା, ଚାଉଳ, ଛତୁଆଚୁନା, ଗୁଡ଼, ମୁଢ଼ି, ଉଖୁଡ଼ା, ଏମିତି ନେଇ ଲୋକେ ବାଟ ଚାଲି ରହି ରହି ବାଟରେ ହାତରେ ରୋଷେଇ କରି ଆନନ୍ଦ ଶୁଦ୍ଧ ଭୋଜନ କରି ସାଥି ମେଳରେ ବାଟ ଚାଲି ଚାଲି କାହିଁ କେତେ ଦୂରରୁ ଭକ୍ତି ଶ୍ରଦ୍ଧାରେ ମହିମାମୟଙ୍କ ରଥଯାତ୍ରାକୁ ଆସୁଥିଲେ। ଆଜିକାଲି ଗମନାଗମନର ବହୁ ସୁବିଧା ହେଲାଣି ହେଲେ ଲୋକେ ପୂର୍ବପରି ନିଷ୍ଠା ଭକ୍ତି କାଷ୍ଠାରେ ରହିବା ନ ହୋଇ ଗମାତ ମୌଜ କାରବାକୁ ଆସି ହୋଟେଲରେ ରାତ୍ରୀ ବାସ କରୁଛନ୍ତି। ଏହା ହିଁ ପୁରୀରେ ଯାନବାହନ ନିୟନ୍ତ୍ରଣକୁ ଅନେକ ଲୋକଙ୍କ ପାଇଁ ଜଳ, ବିଦ୍ୟୁତ, ବାସ, ଭୋଜନ, ରାସ୍ତାଘାଟ, ଶୌଚ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସମସ୍ୟା, ଦେଖାଦେଉଛି। ଏହା ବର୍ଦ୍ଧିତ ହାରରେ ଚାଲିଛି। ଏହା ପ୍ରଶାସନରେ ଦେଶ ରାଜ୍ୟ ଜିଲ୍ଲା ଆଉ ସହରୀ ପ୍ରଶାସନର ଏକାବେଳେ ମୁଣ୍ଡ ବ୍ୟଥା କରାଉଛି। ଏକରୁ ଅନେକ ଅଧିକାରୀଙ୍କ ପ୍ରଶାସନରେ ଏ ସମୟରେ ବ୍ୟକ୍ତିଗଣ, ସ୍ଥାନ, ଏପରିକି ଲୋକଙ୍କ ବ୍ୟବହାର୍ଯ୍ୟ ନିତ୍ୟ ଦ୍ରବ୍ୟ ଉପରେ ଲାଗିରହିଛି। ବହୁ ଶାସନ ରଜୁର ବନ୍ଧନରେ ପ୍ରଜାମାନେ ପଡ଼ିବା ବୋଧ ହେଲାଣି। ପ୍ରତି ଘରକୁ ଇଲେକ୍ଟ୍ରିକ ସଂଯୋଗ, ରନ୍ଧନ ଗ୍ୟାସ ଟାଙ୍କି ବା ଗ୍ୟାସ ପାଇପ ସଂଯୋଗ, ପାଣି ପାଇପ ସଂଯୋଗ, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଜାଇକା ପରି ସଂସ୍ଥାର ନଳ ସଂଯୋଗ, ମୋବାଇଲ ଫୋନ ପାଇଁ ଟିଭି ପାଇଁ ଫୋନରେ କମ୍ପାନୀ ମାନଙ୍କ ମାସିକ ବା ଧାର୍ଯ୍ୟ ସମୟ ପାଇଁ ଟିକସ, ହୋଲଡିଂ ଟିକସ, ସ୍ଥାନଖଜଣା ଦ୍ରବ୍ୟ କ୍ରୟରେ ଜିଏସଟି ଆୟକର ଏସବୁ ରଜୁ। ଦେଶ ବିନା ଅର୍ଥରେ କେବେ ପ୍ରଗତି କରିବା ସମ୍ଭବ ନୁହେଁ। ଅନେକ ପ୍ରକାର କର ଆଦାୟ ଦଉଡି ରଜୁ ପରି ଲମ୍ବିଛି ନାଗରିକମାନେ ଦ୍ରବ୍ୟ ମୋହରେ ବା ଆବଶ୍ୟକ ପାଇଁ ଦେଶ ପ୍ରଗତିର କରସଂଗ୍ରହରେ କର ଲଗାଇବା ଜଣାପଡୁଛି। ଏହି କରରେ ସରକାର ରଥ ଚାଲୁଛି। ଅନେକ କମ୍ପାନୀଙ୍କ ରଥ ଚାଲୁଛି। ପୂର୍ବେ ଲୋକେ ଶ୍ରୀକ୍ଷେତ୍ରକୁ ପାଦରେ ଚାଲି ଚାଲି ଆସୁଥିଲେ ରାସ୍ତାଘାଟର ସୁବିଧା ନଥିଲା କାଳକ୍ରମେ ରାସ୍ତାର ସୁଧାର, ଯାନବାହାନ ସୁବିଧା ଯୋଗୁଁ ବହୁ ଲୋକଙ୍କୁ ରଥ ଟଣା ଦିଅଁ ଦର୍ଶନକୁ ଆକୃଷ୍ଟ କଲାପରି, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ଧନଜୀବନ ରକ୍ଷା ଗମନା ଗମନ, ଯୋଗାଯୋଗ, କୃଷି, ବାଣିଜ୍ୟ ପରି ଅନେକ ସୁବିଧା ଯୋଗାଇ ଦିଆଯିବାରୁ କର ରଜୁ ଲୋକଙ୍କୁ ଟାଣି ଦେଶ ଦଶଙ୍କ ଉଦ୍ଦେଶ୍ୟରେ କର ରଜୁ ଲୋକେ ଧରି ଦେଶର ଅର୍ଥନୀତି ବିକାଶ ପାଇଁ ନିଜ ଆଡ଼କୁ ଭିଡ଼ିବା ବୋଧ ହେଉଛି। ମହାପ୍ରଭୁଙ୍କର ରଥ ଯାତ୍ରା ସରକାର ଓ ଜନତାଙ୍କୁ ସହଯୋଗରେ ବଡ଼ ବଡ଼ କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସଙ୍କେତ ଦେଉଛନ୍ତି। ଦେଶ ପ୍ରଜା ଗଣଙ୍କୁ ଭବିଷ୍ୟତ ପାଇଁ ମୁତୟନ ସର୍ବ ବିଭାଗୀୟ ଅଧିକାରୀ ଉତ୍ତମ ସମୟରେ ପାଦରେ ଅଭିଷିକ୍ତ ହେଲେ ବିଶ୍ୱାସ ଭକ୍ତିର ପାତ୍ର ରହିପାରନ୍ତି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ହସିଲେ ବି ହସି ପାରୁନି

**ଡଃ. ଅରୁନ୍ଧତୀ ଦେବୀ**

ଅତି ବସ୍ତୁବାଦୀ ସଂସ୍କୃତି ଭିତରେ ଆଜିର ମଣିଷ ସଢ଼ିଯାଉଛି। ଯାହାକୁ ପଚାରିଲେ ସେ କହୁଛି ମୁଁ ଟିକେ ବ୍ୟସ୍ତ ଅଛି। ଏତେଗୁଡ଼ିଏ କାମ ହାତରେ ସମୟ କମ୍। ଅଣନିଶ୍ୱାସୀ ହେବାକୁ ପଡୁଛି, ତଥାପି କାମ ସରୁନି। ଏକାଠି ବସି ଟିକେ କଥାବାର୍ତ୍ତା ହେବା, ଦୁଃଖ ସୁଖ ବାଣ୍ଟିବା ଓ ହସ ଖୁସିରେ କିଛି ସମୟ ବିତାଇବା ପାଇଁ ଇଚ୍ଛା ଥିଲେ ବି ସମୟ କାହିଁ? ତେବେ ଏତେ ବ୍ୟସ୍ତତା କ'ଣ ପାଇଁ ଓ କାହା ପାଇଁ? ମଣିଷ ଏକମାତ୍ର ପ୍ରାଣୀ ଯିଏ ହସିପାରେ ଅଥଚ ଆଜି ମଣିଷ ଜୀବନରୁ ହସ ଉଭେଇ ଯାଇଛି। ଜଣେ କବି ଯଥାର୍ଥାରେ କହିଛନ୍ତି, ସେ ଆମ୍ବ କି ଆମ୍ବ, ଯେଉଁଥିରେ ନାହିଁ ରସ / ସେ ମୁହଁ କି ମୁହଁ ଯେଉଁଥିରେ ନାହିଁ ହସ....। ଗୋଟିଏ ସଭ୍ୟତା ଓ ସଂସ୍କୃତି କେବଳ ବସ୍ତୁବାଦୀ ଜୀବନକୁ ନେଇ ବହୁଦିନ ବଞ୍ଚିପାରେନା। ବସ୍ତୁ ସଭ୍ୟତାର ବିକାଶ ଜୀବନକୁ ସରଳ ଓ ଗତିଶୀଳ କରିଛି ସତ। କିନ୍ତୁ ମଣିଷ ଜୀବର ପୂର୍ଣ୍ଣାଙ୍ଗ ବିକାଶରେ ଏହା ଶେଷ କଥା ନୁହେଁ। ତାହା ହୋଇଥିଲେ ଧନୀ ରାଜା ମହାରାଜାମାନେ ବା ଧନାଢ଼୍ୟ ବ୍ୟକ୍ତିମାନେ ଜୀବନସାରା ହସଖୁସିରେ ବଞ୍ଚି ରହିପାରିଥାନ୍ତେ। ଇତିହାସ କୁହେ ଯେ ଅନେକ ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଜୀବନ ଦୁଃଖରେ ହିଁ କଟିଛି। କିଏ ରୋଗ ବୈରାଗ୍ୟରେ ସଢ଼ି ଜୀବନ ହାରିଛି ତ କିଏ ସମସ୍ତ ବିଭବ ସତ୍ତ୍ୱେ ଆତ୍ମହତ୍ୟା କରି ଜୀବନ ନାଶ କରିଛି। କୁହାଯାଏ ଜଣେ ବିତ୍ତଶାଳୀ ଓ କ୍ଷମତାଶାଳୀ ରାଜା ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରେ ଗାର ଟାଣି ଲେଖି ରଖୁଥିଲେ। ପରିଣତ ବୟସରେ ଉପନୀତ ହୁଅନ୍ତେ ସେ ଏତେ ନିଃସଙ୍ଗ ହୋଇଯାଇଥିଲେ ଯେ ତାଙ୍କର ସୁଖର ଦିନଗୁଡ଼ିକୁ କାନ୍ଥରୁ ଗଣିବାକୁ ଆରମ୍ଭ କଲେ। ଜାଣିବାକୁ ପାଇଲେ ଯେ ଜୀବନକାଳ ମଧ୍ୟରେ ତାଙ୍କର ସୁଖର ଦିନ ମାତ୍ର ୮୭। ସେ ଆତ୍ମନିରୀକ୍ଷଣ କରିବାର ସୁଯୋଗ ପାଇଲେ ସେଇଦିନ, ଯେଉଁଦିନ ଜଣେ ଅଭାବୀ ମଣିଷ ରାଜାଙ୍କ ଠାରୁ କିଛି ସାହାଯ୍ୟ ପାଇବା ପାଇଁ ତାଙ୍କର ଦ୍ୱାରସ୍ଥ ହେଲେ। କିନ୍ତୁ ଆଶ୍ଚର୍ଯ୍ୟ, ରାଜା ଦେଖିଲେ ଯେ ସେ ଅଭାବୀ ମଣିଷଟି ହାତରେ ଧରିଥିବା ଗୋଟେ ପିଆଜକୁ ଚୋବାଇ ଖାଉଥାଏ ଓ ହସୁଥାଏ। ଏପରି ହସିବାର ଗୁପ୍ତ ରହସ୍ୟ ରାଜା ଜାଣିବାକୁ ଜୀଜ୍ଞାସା କରନ୍ତେ ଉକ୍ତ ବ୍ୟକ୍ତି ଜଣକ ଉତ୍ତର ଦେଲେ ଦିନକୁ ଗୋଟିଏ ପିଆଜ ଖାଇଲେ ଦୁଃଖ ଆପେ ଆପେ ଛାଡ଼ି ଚାଲିଯାଏ। ରୋଗ ବୈରାଗ୍ୟ ହୁଏନି। ଏଭଳି ଏକ ଚମତ୍କାର ଅବତାରଣା କରିଛନ୍ତି ବିଶିଷ୍ଟ ଇଂରାଜୀ ଗାଳ୍ପିକ ଓ ପ୍ରାବନ୍ଧିକ ହିଲାରୀ ବେଲକ୍।

# ବର୍ଷା ଋତୁ, ଲିଭର ଓ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଚଳିତ ମୌସୁମୀ ବର୍ଷାର ଅସ୍ୱାସ୍ଥ୍ୟକର ଚିତ୍ର ମୁମ୍ବାଇ ଓ ଭାରତର କିଛି ମହାନଗରୀରରେ ଏକ ଜଟିଳ ସ୍ୱାସ୍ଥ୍ୟ ସଂକ୍ରମଣକୁ ସୃଷ୍ଟି କରିଛି। ଗଣମାଧ୍ୟମର ଖବର ଅନୁଯାୟୀ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି ସଂକ୍ରମଣରେ ଲେପ୍ଟୋସ୍ପାଇରୋସିସର ପ୍ରଭାବୀ ଭୂମିକା ସମ୍ପର୍କରେ ତଥ୍ୟ ରଖିଛନ୍ତି। ସାଧାରଣତଃ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ହେଉଛି ଏକ ବ୍ୟାକ୍ଟେରିଆ ଜନିତ ରୋଗ ଯାହାକି ପ୍ରାୟତଃ ବର୍ଷା ଦିନରେ ହିଁ ଏହାର ଭୟଙ୍କର ରୂପ ଦେଖାଇଥାଏ। ଯେତେବେଳେ ଜଣେ ମୂଷାର ପରିସ୍ରା ଦ୍ୱାରା ଦୂଷିତ ପାଣି କିମ୍ବା ମାଟି ସଂସ୍ପର୍ଶରେ ଆସିଥାଏ ସେତେବେଳେ ଏହି ରୋଗକୁ ସାମ୍ନା କରିଥାଏ। ପୃଥିବୀ ବିଖ୍ୟାତ ଗବେଷଣାଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍' ଏହାର ଚଳିତ ଜୁଲାଇ ସଂଖ୍ୟାରେ ଏହି ରୋଗ ସମ୍ପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଛି। ବିଶ୍ୱର ସବୁଠାରୁ ଘାତକ ଓ ସଂକ୍ରମଣ ଜୁନୋଟିକ୍ ରୋଗ ଭିତରୁ ଏହା ଅନ୍ୟତମ। ଏହି ରୋଗର ଭୟାବହତା ବିଶେଷକରି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ଜନସ୍ୱାସ୍ଥ୍ୟ କ୍ଷେତ୍ରର ବଡ଼ ସମସ୍ୟା ଭାବରେ ସାମ୍ନାକୁ ଆସିଥାଏ। ଉଦବେଗଜନକ ତଥ୍ୟ ହେଉଛି ପ୍ରାରମ୍ଭିକ ସମୟରେ ଅନେକ ଏହାକୁ ଚିହ୍ନଟ କରିପାରିନଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସାଂଘାତିକ ରୂପ ଦେଖାଇଥାଏ।

ଲେପ୍ଟୋସ୍ପାଇରା ପ୍ରଜାତିର ବ୍ୟାକ୍ଟେରିଆ ଲେପ୍ଟୋସ୍ପାଇରୋସିସ୍ ଏଥିପାଇଁ ଦାୟୀ। ସେହିପରି ଆମେରିକାର ସେଣ୍ଟର ଫର ଡିଜଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ଦୂଷିତ କାଦୁଅ କିମ୍ବା ଜଳ ସଂସ୍ପର୍ଶରେ ଆସିଲେ ଏହି ବ୍ୟାକ୍ଟେରିଆ ଚର୍ମ, ପାଟି, ଆଖି ଓ ନାକ ଦେଇ ଜଣଙ୍କ ଶରୀରକୁ ପ୍ରବେଶ କରି ସଂକ୍ରମିତ କରିଥାଏ। କେବଳ ମୂଷା ମାନଙ୍କ ସହିତ ନୁହେଁ ଏହି ଘାତକ ଜୀବାଣୁମାନେ କୁକୁର, ଗୋରୁଗାଈ, ଘୁଷୁରୀ ଓ ଚଢ଼େଇ ମାନଙ୍କ ଦ୍ୱାରା ବ୍ୟାପିଥାଏ। ପ୍ରବଳ ବର୍ଷା ହେଉଥିବା ସମୟରେ ଯେଉଁମାନେ ସୁରକ୍ଷିତ ଜୋତା ନପିନ୍ଧି ବନ୍ୟା ପାଣିରେ ଚାଲନ୍ତି ଏପରିକି ସଫେଇ କର୍ମଚାରୀ, ଉଦ୍ଧାରକାରୀ ଦଳ ଓ ଚାଷୀମାନେ ସହଜରେ ଏଭଳି ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ଏହାର ଉଦବେଗଜନକ ଚିତ୍ରଟି ହେଉଛି ଆମେ ଆଲୋଚନା କରୁଥିବା ଲେପ୍ଟୋସ୍ପାଇରୋସିସର ପ୍ରାରମ୍ଭିକ ଲକ୍ଷଣ ଗୁଡ଼ିକ ପ୍ରାୟତଃ ଇନଫ୍ଲୁଏଞ୍ଜା କିମ୍ବା ଅନ୍ୟ ସାଧାରଣ ଋତୁକାଳୀନ ରୋଗ ଭଳି ଜଣକୁ ଲାଗିଥାଏ। ସାଧାରଣତଃ କେହି ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ହେଉଛି ଜଣଙ୍କ ଦେହରେ ଜ୍ୱର ସହିତ ମୁଣ୍ଡବିନ୍ଧା ହୋଇଥାଏ, ମାଂସପେଶୀରେ ଲଗାତର ଯନ୍ତ୍ରଣା ଦେଖାଯାଏ, ଅତ୍ୟଧିକ କ୍ଳାନ୍ତି ଓ ସମଗ୍ର ଦେହ ଘୋଳା ବିନ୍ଧା ଅନୁଭବ ହୁଏ, ଜଣକୁ ଅସ୍ୱାଭାବିକ ଭାବରେ ଶୀତ ଲାଗିଥାଏ ଏବଂ ବେଳେ ବେଳେ କମ୍ପ ଆସିବା ପରି ଅନୁଭବ ହୁଏ, ଖାଦ୍ୟ ଅରୁଚିକର ଲାଗେ, ବାନ୍ତି ଲଗାତର ଭାବେ ଦେଖାଯାଏ ଏବଂ ଝାଡ଼ା ପରିସ୍ରାରେ ସମସ୍ୟା ଦେଖାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଏହି ଲେପ୍ଟୋସ୍ପାଇରୋସିସର ସଂକ୍ରମଣର ବର୍ଷା ଋତୁରେ ଜଟିଳତା ହେଉଛି ଏହା ଖାଦ୍ୟ ପରିପାକ ସମସ୍ୟା ଓ ଲିଭରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଲିଭର, କିଡ଼ନୀ, ଫୁସଫୁସ୍ ଓ ମସ୍ତିଷ୍କକୁ ଏହା ପ୍ରଭାବିତ କରିଥାଏ। ଲିଭର ଏହାର ସହଜ ଶିକାର ହୋଇ ଅନବରତ ଭାବେ ପେଟ ଟାଣିବା ପରି ଅନୁଭବ ହୁଏ ଏବଂ ଝାଡ଼ା ଲାଗିଥାଏ କିନ୍ତୁ ଶୌଚାଳୟକୁ ଯିବା ପରେ ଝାଡ଼ା ହୋଇନଥାଏ। ପେଟ ଫାମ୍ପିଲା ପରି ଅନୁଭବ ହୁଏ ଓ କେତେକ କ୍ଷେତ୍ରରେ ଭୋକ ଲାଗିଥାଏ କିନ୍ତୁ ଜଣେ ଖାଦ୍ୟ ଖାଇବା ଆରମ୍ଭ କରିବା ମାତ୍ରେ ତାଙ୍କୁ ବିରକ୍ତିକର ଲାଗେ ଓ ଖାଦ୍ୟ ଅରୁଚିକର ହୋଇଥାଏ। କେତେକ କ୍ଷେତ୍ରରେ ଏହା ପେଟକୁ ଏପରି ସଂକ୍ରମିତ କରିଥାଏ ଯେ ଜଣେ ଖାଦ୍ୟ ନଖାଇବା ଦ୍ୱାରା ତାଙ୍କ ଶରୀରରେ ଜଳୀୟ ଶୁଷ୍କତା ଦେଖାଯାଏ। ଏହାର ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱପ୍ରତିକ୍ରିୟା ସ୍ୱରୂପ ଅନେକ କ୍ଷେତ୍ରରେ ଅଭ୍ୟନ୍ତରୀଣ ରକ୍ତସ୍ରାବ, କିଡ଼ନୀ ଫେଲ ଓ ମେନିଞ୍ଜାଇଟିସ୍ ଭଳି ସ୍ଥିତି ଦେଖାଇଥାଏ। ତେଣୁ ଏହିପରି ସମସ୍ୟା ସାମ୍ନା କଲାବେଳେ ଜଣେ ଯଦି ଦୂଷିତ ଜଳ, ମାଟି ଓ ପରିବେଶ ସଂସ୍ପର୍ଶରେ ଆସିଥାଏ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

ଘାତକ ଲେପ୍ଟୋସ୍ପାଇରୋସିସ୍ ସଂକ୍ରମଣ ବର୍ଷା ଋତୁରେ ଏହାର ଭୟାନକ ରୂପ ଦେଖାଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଏହା ହୋଇପାରେ କିନ୍ତୁ ଯେଉଁମାନେ ବାରମ୍ବାର ବନ୍ୟାଜଳ ଓ ଦୂଷିତ ପାଣିରେ ସଂସ୍ପର୍ଶରେ ଆସିଥାନ୍ତି ସେମାନଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ଯେଉଁମାନଙ୍କ ଚର୍ମରେ କଟା ଚିହ୍ନ କିମ୍ବା ଦୁର୍ବଳ ପ୍ରତିରୋଧକ ଶକ୍ତି ଥାଏ ସେମାନେ ମଧ୍ୟ ଏହାର ସହଜରେ ସଂକ୍ରମିତ ହୋଇଥାନ୍ତି। ପୂର୍ବରୁ କୌଣସି ଲିଭର ସମସ୍ୟା ଥିଲେ ଲେପ୍ଟୋସ୍ପାଇରୋସିସର ସଂକ୍ରମଣ ହେଲେ ଏହା ଜଣଙ୍କ ଶରୀରକୁ ଅତ୍ୟନ୍ତ ଘାତକ ପେଟ ସମସ୍ୟା ପାଇଁ ବଡ଼ ବିପଦ ସୃଷ୍ଟି କରିଥାଏ। ବର୍ଷା ଦିନରେ ପ୍ରାୟତଃ ପରିପାକ ସମସ୍ୟା ଅନେକଙ୍କର ସ୍ୱାଭାବିକ ନଥାଏ। ସେହିପରି ବର୍ଷା ଦିନରେ ବାହାର ଖାଦ୍ୟ ପ୍ରଦୂଷିତ ହେବାର ଅନେକ ସମ୍ଭାବନା ରହିଥାଏ। ତେଣୁ ଏହି ଋତୁରେ ସୁଷମ ଖାଦ୍ୟ ଓ ଭଲ ଭାବରେ ସିଝା ହୋଇଥିବା ଘରୋଇ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରନ୍ତୁ। ବିଶୋଧିତ ପାଣି, ଫୁଟା ପାଣି ସବୁଠାରୁ ଭଲ। ଆମିଷ ଖାଦ୍ୟ, ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହୁଥିବା ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ଫଳ ଏହି ଋତୁରେ ପରିପାକ ପାଇଁ ଅନେକଙ୍କ ଠାରେ ସ୍ୱାଭାବିକ ହୋଇନଥାଏ। ତେଣୁ ଏହି ସମୟରେ କମ ଫଳ ଖାଇବା ଭଲ। କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ବର୍ଷାକୁ ସାମ୍ନା କରୁଥିଲେ, ଚାଷୀ ମାନଙ୍କ କ୍ଷେତ୍ର ଏବଂ ଦୂଷିତ ବନ୍ୟାଜଳ ସଂସ୍ପର୍ଶରେ ଆସୁଥିବା ଲୋକମାନେ ୱାଟର ପ୍ରୁଭ୍ ବୁଟ ଓ ଗ୍ଲୋଭସ୍ ବ୍ୟବହାର କରିବା ଜରୁରୀ। ହାତକୁ ଭଲ ଭାବରେ ପରିଷ୍କାର ରଖନ୍ତୁ, କୌଣସି ଛୋଟିଆ ମୋଟିଆ କ୍ଷତ ହୋଇଥିଲେ ତୁରନ୍ତ ୱାଟରପ୍ରୁଫ୍ ବ୍ୟାଣ୍ଡେଜ ଲଗାନ୍ତୁ, ଶୀଘ୍ର ଓଦା ପୋଷାକକୁ ବଦଳାନ୍ତୁ ଏବଂ ଘରର ପରିବେଶକୁ ଯଥା ସମ୍ଭବ ମୁକ୍ତ ବାୟୁ, ସନ୍ତସନ୍ତିଆ ପରିବେଶ ଠାରୁ ଦୂରେଇ ରଖନ୍ତୁ। ବର୍ଷା ଦିନରେ ପ୍ରାୟତଃ ଲିଭର ସମସ୍ୟା ଏହି ଦୂଷିତ ଖାଦ୍ୟ ଓ ପାନୀୟ ପାଇଁ ଦେଖାଦେଇଥାଏ। ତେଣୁ ବର୍ଷା ଋତୁରେ ନଖ ଉଷୁମ ପାଣି ପିଇବା ସବୁଠାରୁ ଭଲ। କୌଣସି ପ୍ରକାର ପେଟ ସମସ୍ୟା ଦେଖାଦେଲେ ମନଇଚ୍ଛା ଯନ୍ତ୍ରଣା ଉପଶମକାରୀ ଟାବଲେଟ ଗ୍ରହଣ କରନ୍ତୁ ନାହିଁ। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆପଣଙ୍କ ସାଧାରଣ ପେଟ ସମସ୍ୟା, ବାନ୍ତି ସମସ୍ୟା ଏବଂ ଅସ୍ୱାଭାବିକ ଦେହ ହାତ ଘୋଳାବିନ୍ଧା ସମସ୍ୟା କୌଣସି ସଂକ୍ରଣର ପରିପାର୍ଶ୍ୱିକ କାରଣ ମଧ୍ୟ ହୋଇପାରେ। ତେଣୁ ବର୍ଷା ଋତୁରେ ପ୍ରାୟତଃ ଲେପ୍ଟୋସ୍ପାଇରୋସିସ ସଂକ୍ରମଣ ଠାରୁ ଦୂରେଇ ରହିବାକୁ ହେଲେ ଉପରୋକ୍ତ ପରାମର୍ଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର, ଏହାକୁ ବିଚାର କରି ଏହି ଋତୁଟି ଯେପରି ଆନନ୍ଦମୟ ହେବ ଗୁରୁତ୍ୱ ଦିଅନ୍ତୁ।

ପ୍ରତିରଦ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ସୋନମ୍ ୱାଙ୍ଗଚୁକ୍‌ଙ୍କ ଅବଦାନକୁ ଭୁଲିପାରିବି ନାହିଁ: ଅଭିଜିତ୍ ଦୀପକେ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ତାଙ୍କ ସଂଗଠନ ଓ ସୋନମ୍ ୱାଙ୍ଗଚୁକ୍ ମଧ୍ୟରେ ଫାଟ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି ଓ ଆନ୍ଦୋଳନରେ ୱାଙ୍ଗଚୁକ୍‌ଙ୍କ ଅବଦାନକୁ ଭୁଲିହେବ ନାହିଁ ବୋଲି ଦୀପ୍‌କେ କହିଛନ୍ତି। ପ୍ରତିବାଦ ଶେଷ ହେବା ପରେ ସେ ୱାଙ୍ଗଚୁକ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଓ





ଆନ୍‌ଦୋଳନ ଶେଷରେ ଲୋକମାନଙ୍କୁ ଧନ୍ୟବାଦ ଦେବା ସମୟରେ ସେ କାହିଁକି ତାଙ୍କ ନାମ ଉଲ୍ଲେଖ କରି ନଥିଲେ ତାହା ସ୍ପଷ୍ଟ କରିଛନ୍ତି। ଦୀପ୍‌କେ କହିଛନ୍ତି, ମୁଁ ଛାତ୍ରମାନଙ୍କୁ ଧନ୍ୟବାଦ ଦେଇଥିଲି। କାରଣ ୨୦ ଜୁଲାଇ ପରେ ଏହି ଆନ୍ଦୋଳନ ଦେଶର ଛାତ୍ର ଓ ଯୁବକମାନଙ୍କର ଆନ୍ଦୋଳନରେ ପରିଣତ ହୋଇଥିଲା। ସେମାନେ ନିର୍ମମ ଲାଠିଚାର୍ଜର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ଦୀପ୍‌କେ ଆନ୍ଦୋଳନ ପାଇଁ ଜନସମର୍ଥନ ସଂଗ୍ରହ କରିବା ପାଇଁ ୱାଙ୍ଗଚୁକ୍‌ଙ୍କ ଅନଶନକୁ ଶ୍ରେୟ ଦେଇଛନ୍ତି। ଦୀପ୍‌କେ କହିଛନ୍ତି, ସୋନମ ୱାଙ୍ଗଚୁକ୍ ସାର୍ ଯେଉଁ ବଳିଦାନ ଦେଇଛନ୍ତି ତାହା ଆମେ ଭୁଲିପାରିବୁ ନାହିଁ। ସେ ନିଜ ଜୀବନକୁ ବାଜି ଲଗାଇ ୨୬ ଦିନ ଧରି ଅନଶନରେ ଥିଲେ। ନିଜ ଜୀବନକୁ ବାଜି ଲଗାଇ ସେ ଦେଶକୁ ଜାଗ୍ରତ କରିଛନ୍ତି। ନିଜ ଜୀବନକୁ ବାଜି ଲଗାଇ ସେ ଏହି ଦେଶକୁ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ରାସ୍ତାକୁ ଆଣିଛନ୍ତି। ତାଙ୍କ ଅନଶନ ବିନା ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମ୍ଭବ ହୋଇନଥାନ୍ତା। ମୁଁ ନିଜେ ତାଙ୍କୁ ଅନଶନ ଶେଷ କରିବାକୁ ନିବେଦନ କରିଥିଲି ବୋଲି ଦୀପ୍‌କେ କହିଛନ୍ତି।

## ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ବୁଝାମଣା ପରେ ଓମାର ଅବଦୁଲ୍ଲା ଓ ପାୟଲଙ୍କ ବିବାହ ବିଚ୍ଛେଦକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):** ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ତାଙ୍କ ପତ୍ନୀ ପାୟଲ ଅବଦୁଲ୍ଲାଙ୍କ ଦୀର୍ଘ ଦିନର ବିବାହ ବିଚ୍ଛେଦ ମାମଲାରେ ଶୁକ୍ରବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପୋଷ ଆଲୋଚନା ଓ ମଧ୍ୟସ୍ଥତା ମାଧ୍ୟମରେ ଉଭୟ ପକ୍ଷ ସମସ୍ତ ମନୋମାଳିନ୍ୟ ଓ ବିବାଦର ସମାଧାନ କରିବା ପରେ ସର୍ବୋଚ୍ଚ ଅଦାଲତ ସେମାନଙ୍କ ବିବାହ ବିଚ୍ଛେଦକୁ ଆଇନଗତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ପି. ଏସ୍. ନରସିଂହା ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଓମାର ଅବଦୁଲ୍ଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ପକ୍ଷ ରଖି କୋର୍ଟଙ୍କୁ ଜଣାଇଥିଲେ ଯେ, ଉଭୟ ପକ୍ଷ ନିଜ ନିଜର ସ୍ୱାଧୀନତାକୁ ଗ୍ରହଣ କରିଛନ୍ତି ଏବଂ ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇସାରିଛି। ଉଭୟ ପକ୍ଷ ଆପୋଷ ସମ୍ମତିରେ ବିବାହ ବିଚ୍ଛେଦ ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ଜୁଲାଇ ୨୨



ତାରିଖରେ ଏକ ମିଳିତ ଆବେଦନ ଦାଖଲ କରିଥିଲେ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଏହି ବୁଝାମଣା ଅନୁଯାୟୀ ଉଭୟ ପକ୍ଷଙ୍କ ମଧ୍ୟରେ ଚାଲିଥିବା ସମସ୍ତ ପୂର୍ବ ମାମଲା ଓ ଅଭିଯୋଗକୁ ପ୍ରତ୍ୟାହାର କରିନିଆଯିବ। ୧୯୯୪ ମସିହା ସେପ୍ଟେମ୍ବର ମାସରେ ଓମାର ଏବଂ ପାୟଲଙ୍କ ବିବାହ ହୋଇଥିଲା। କିନ୍ତୁ ମତାନ୍ତର ଯୋଗୁଁ ୨୦୦୯ ମସିହାରୁ ସେମାନେ ଅଲଗା ରହିଆସୁଥିଲେ। ଓମାର ଜମ୍ମୁ-କାଶ୍ମୀରରେ ରହୁଥିବା ବେଳେ ପାୟଲ ଓ ତାଙ୍କର ଦୁଇ ପୁଅ ଦିଲ୍ଲୀରେ ବସବାସ କରୁଛନ୍ତି। ପୂର୍ବରୁ ଓମାର ଅବଦୁଲ୍ଲା ପାରିବାରିକ ଆଦାଲତ ଏବଂ ଦିଲ୍ଲୀ ହାଇକୋର୍ଟରେ ମାନସିକ ନିର୍ଯାତନା ଓ ସମ୍ପର୍କ ଭାଙ୍ଗିଯିବା ଦର୍ଶାଇ ବିବାହ ବିଚ୍ଛେଦ ପାଇଁ ନିବେଦନ କରିଥିଲେ। କିନ୍ତୁ ୨୦୨୩ ଡିସେମ୍ବର ୧୨ରେ ଦିଲ୍ଲୀ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଓମାର ୨୦୨୪ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟସ୍ଥତା କେନ୍ଦ୍ରର ପ୍ରଚେଷ୍ଟା ଫଳରେ ସେମାନଙ୍କ ମଧ୍ୟରେ ଏହି ସଫଳ ସମାଧାନ ହୋଇପାରିଛି।

# ବିଏମଡବ୍ଲ୍ୟୁରେ ହୋଇପାରେ ଛଟେଇ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ପରିବର୍ତ୍ତିତ ବଜାର ଏବଂ ବର୍ଦ୍ଧିତ ପ୍ରତିଯୋଗିତା ମଧ୍ୟରେ ବିଶ୍ୱବ୍ୟାପୀ ଅଟୋମୋବାଇଲ କମ୍ପାନୀଗୁଡ଼ିକ ସେମାନଙ୍କର ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରୁଛନ୍ତି। ଏହି ସମୟରେ, ଜର୍ମାନୀର ଲଗଜରୀ କାର୍ ନିର୍ମାତା ବିଏମଡ଼ବ୍ଲ୍ୟୁ କର୍ମଚାରୀ ହ୍ରାସ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କମ୍ପାନୀ ୨୦୨୭ ଶେଷ ସୁଦ୍ଧା ପ୍ରାୟ ୮୦୦୦ ଛଟେଇ ଯୋଜନା କରୁଛି। ତଥାପି, ବାଧ୍ୟତାମୂଳକ ଛଟେଇ ବଦଳରେ, କମ୍ପାନୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସରର ବିକଳ୍ପ ପ୍ରଦାନ କରିବ। ଏହି ଖବର ଅଟୋ ଶିଳ୍ପରେ ହଇଚଇ ସୃଷ୍ଟି କରିଛି।ଏକ ରିପୋର୍ଟ ଅନୁଯାୟୀ, ବିଏମଡ଼ବ୍ଲ୍ୟୁ ଅକ୍ଟୋବରରୁ ଜର୍ମାନୀରେ ଥିବା ଏହାର ପ୍ରାୟ ୮୫୦୦୦ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୪୦୦୦୦ ଅଫିସ-ଭିତ୍ତିକ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ପ୍ରଦାନ କରିବ। ଉତ୍ପାଦନ କର୍ମଚାରୀଙ୍କୁ ବର୍ତ୍ତମାନ ଏହି ଯୋଜନାରୁ ବାଦ ଦିଆଯାଇଛି। କମ୍ପାନୀ ୨୦୨୭ ଶେଷ ସୁଦ୍ଧା ଏହାର ମୋଟ କର୍ମଚାରୀ ସଂଖ୍ୟା ୮,୦୦୦ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଏବଂ କର୍ମଚାରୀ ପ୍ରତିନିଧିଙ୍କ ମଧ୍ୟରେ କିଛି ସପ୍ତାହ ଧରି ଆଲୋଚନା ଚାଲିଛି।

# ଏଣିକି ଟିକେଟ୍ ସହ ବୁକିଂ ହେବ ଲଗେଜ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ଭାରତୀୟ ରେଳ ପକ୍ଷରୁ ଅନଲାଇନ୍ ଲଗେଜ୍ ବୁକିଂ ସୁବିଧା ଆରମ୍ଭ କରାଯାଇଛି। ପୂର୍ବରୁ ଅଧିକ ଲଗେଜ୍ ନେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ପାର୍ସଲ୍ ଅଫିସ୍ ଯାଇ ସେଠାରେ ଧାଡିରେ ଘଣ୍ଟା ଘଣ୍ଟା ଠିଆ ହୋଇ ଲଗେଜ୍ ଗୁଡିକୁ ବୁକିଂ କରିବାକୁ ପଡୁଥିଲା । କିନ୍ତୁ ଆଗାମୀ ଦିନରେ ଯାତ୍ରୀମାନେ ଟିକଟ ବୁକିଂ ସମୟରେ ନିଜ ଲଗେଜ୍ ବୁକିଂ କରିପାରିବେ। ଆଜିଠାରୁ ଆରମ୍ଭ ହୋଇଥିବା ନୂଆ ବ୍ୟବସ୍ଥାରେ ଯୋଗ୍ୟ ଯାତ୍ରୀମାନେ ନିଜ ଟିକଟ ଓ ଅତିରିକ୍ତ ଲଗେଜ୍ ବୁକିଂ ଏକ ସମୟରେ କରିପାରିବେ । ତେବେ ଏଥିରେ ବିଭିନ୍ନ ଶ୍ରେଣୀର ଯାତ୍ରା ପାଇଁ ଭିନ୍ନ ଭିନ୍ନ ଯୋଗ୍ୟତା ମାପଦଣ୍ଡ ରହିଛି ।ଅତିରିକ୍ତ ଲଗେଜ୍ ବୁକିଂ ସୁବିଧା କେବଳ ଟିକଟ କନ୍‌ଫର୍ମ ହୋଇଥିବା ଯାତ୍ରୀମାନଙ୍କୁ ମିଳିବ। କେବଳ ଯେଉଁ କ୍ଷେତ୍ରରେ ଅନୁମୋଦିତ ସୀମାଠାରୁ ଅଧିକ ଲଗେଜ୍ ନେବାର ଅନୁମତି ଥିବ କେବଳ ସେହି ମାମଲାଗୁଡ଼ିକରେ ଅତିରିକ୍ତ ଲଗେଜ୍ ବୁକିଂ କରାଯାଇପାରିବ। ଏସି ପ୍ରଥମ ଶ୍ରେଣୀ, ଏସି-୨ ଟାୟାର, ପ୍ରଥମ ଶ୍ରେଣୀ, ଶୟନ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀର ଯାତ୍ରୀମାନଙ୍କୁ ଏହି ସୁବିଧା ମିଳିବ। ଏସି ୩-ଟାୟାର ଓ ଚେୟାର କାର୍‌ରେ ଯାତ୍ରା କଲେ ଯାତ୍ରୀଙ୍କୁ ଏହି ସୁବିଧା ମିଳିବ ନାହିଁ। ଏସି ପ୍ରଥମ ଶ୍ରେଣୀ ପାଇଁ ୭୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି। ଅନ୍ୟ ଶ୍ରେଣୀଗୁଡିକର ଯାତ୍ରୀଙ୍କ ପାଇଁ ୩୫ କେଜିରୁ ୫୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି। ପ୍ରତ୍ୟେକ ଶ୍ରେଣୀର ସର୍ବାଧିକ ଲଗେଜ୍ ସୀମା ରହିଛି ଯାହା ୭୦ କେଜିରୁ ଆରମ୍ଭ କରି ୧୫୦ କେଜି ପର୍ଯ୍ୟନ୍ତ ରହିଛି। ମାଗଣା ସୀମାଠାରୁ ଅଧିକ ଲଗେଜ୍ ନେବାକୁ ହେଲେ ସେହି ଅତିରିକ୍ତ ଲଗେଜ୍‌ର ବୁକିଂ କରାଯାଇପାରିବ। ତେବେ ସମସ୍ତ ଲଗେଜ୍ ପରିମାଣ ସର୍ବାଧିକ ସୀମା ମଧ୍ୟରେ ରହିବା ଦରକାର। ସେହିପରି ଯାତ୍ରୀମାନେ କେଉଁ ଆକାରର ଲଗେଜ୍ ନେଇପାରିବେ ତାହାର ମଧ୍ୟ ନିୟମ ରହିଛି।

# ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ସୁପ୍ରିମକୋର୍ଟରେ ଦୃଢ଼ ସମର୍ଥନ କଲେ ସରକାର

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):** ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଦ୍ୱାରା ହେଉଥିବା ଏହି ନିଯୁକ୍ତିରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ କରିବାର କୌଣସି କାରଣ ନାହିଁ ବୋଲି ସରକାର ଅଦାଲତଙ୍କୁ ଜଣାଇଛନ୍ତି। ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ, ୨୦୨୩ର ସାମ୍ବିଧାନିକ ବୈଧତାକୁ ଆହ୍ୱାନ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରି ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି।ଶୁଣାଣି ସମୟରେ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରଧାନମନ୍ତ୍ରୀ ପଦବୀର ଏକ ପବିତ୍ରତା ରହିଛି ଏବଂ କାର୍ଯ୍ୟପାଳିକା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ କାର୍ଯ୍ୟ କରିବ ବୋଲି ଆଗୁଆ ଧାରଣା କରିବା ଅଦାଲତ ପକ୍ଷେ ଉଚିତ ନୁହେଁ। ନିଯୁକ୍ତି କମିଟିକୁ ନେଇ ପ୍ରଶ୍ନ ଉଠାଇବା ଅର୍ଥ ସଂସଦର



ସାମ୍ବିଧାନିକ ବିଚକ୍ଷଣତା ଓ ନିର୍ବାଚିତ ଅନୁଷ୍ଠାନଗୁଡ଼ିକ ଉପରେ ରହିଥିବା ବିଶ୍ୱାସକୁ ସନ୍ଦେହ କରିବା ସହ ସମାନ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ମାମଲାରେ ସମ୍ବିଧାନର ଧାରା ୩୨୪ର ତର୍ଜମା ଜଡ଼ିତ ଥିବାରୁ ଏହାକୁ ଏକ ବୃହତ୍ତର ସମ୍ବିଧାନ ପୀଠକୁ ପଠାଯିବା ଆବଶ୍ୟକ। ୨୦୨୩ ଆଇନ ବଳରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ କମିଟିରୁ ହଟାଇ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା, ଯାହା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ବହୁମତ ରହିଛି ।ଅନ୍ୟପକ୍ଷରେ, ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଏହି ବିଷୟଟି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅବିଶ୍ୱାସର ନୁହେଁ, ବରଂ ନିର୍ବାଚନ ଆୟୋଗ ଭଳି ଏକ ସ୍ୱାଧୀନ ସଂସ୍ଥାର ନିଯୁକ୍ତି ପ୍ରକ୍ରିୟାରେ ନିରପେକ୍ଷତା ଓ ସାଧାରଣ ଜନତାଙ୍କ ଆସ୍ଥା ବଜାୟ ରଖିବାର ବିଷୟ। ବିଚାରପତି ଦୀପଙ୍କର ଦତ୍ତ ମନ୍ତବ୍ୟ ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି, କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାଧୁତା ପରିଲକ୍ଷିତ ହେବା ଆବଶ୍ୟକ। ଦୁଇପକ୍ଷର ବ୍ୟାପକ ଯୁକ୍ତିଶୁଣାଣି ପରେ, ମାମଲାଟିକୁ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ ସେହି ପ୍ରାରମ୍ଭିକ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସୁରକ୍ଷିତ ରଖିବା ସହ ଲିଖିତ ପକ୍ଷ ରଖିବାକୁ ଅନୁମତି ଦେଇଛନ୍ତି।

# ୨୦୨୭ ଏସସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**୨୦୨୭ରେ ଇସଲାମାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପାକିସ୍ତାନ ଶୁକ୍ରବାର ସ୍ପଷ୍ଟ କରିଛି। ସଂଗଠନର ନିୟମ ଓ ସଂବିଧାନ ଅନୁସାରେ ଭାରତ ସମେତ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏହି ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପଠାଯିବ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ଆମନ୍ତ୍ରଣ କରିବା ଏକ ନିୟମିତ ପ୍ରକ୍ରିୟା ଓ ଦାୟିତ୍ୱ ବୋଲି ସେ ପ୍ରକାଶ କରିଛନ୍ତି।ଅନ୍ୟପକ୍ଷରେ, ମାନିଲାରେ ଆୟୋଜିତ ଏସିଆନ୍ ବୈଠକ ଅବସରରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ, ନୂଆଦିଲ୍ଲୀ ପକ୍ଷରୁ ଏପରି କୌଣସି ଅନୁରୋଧ ଆସିନଥିବା ପ୍ରବକ୍ତା ସ୍ପଷ୍ଟ କରିଛନ୍ତି। ଏହି ବୈଠକ ସମୟରେ ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ଅଧିକ କୌଣସି ତଥ୍ୟ ଦିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ଏସସିଓର ଆବର୍ତ୍ତନଶୀଳ ଅଧ୍ୟକ୍ଷତା ନିୟମାନୁସାରେ ୨୦୨୭ ଶିଖର ସମ୍ମିଳନୀ ଆୟୋଜନର ଭାର ପାକିସ୍ତାନ ଉପରେ ରହିଛି।

# ପାକିସ୍ତାନରେ ନିର୍ମଳ ପୁର୍ଜାଙ୍କ ସମେତ ୧୦ ପର୍ବତାରୋହୀ ନିଖୋଜ, ଉଦ୍ଧାରକାର୍ଯ୍ୟ ଜାରି

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ପାକିସ୍ତାନର କାରାକୋରମ ପର୍ବତମାଳାରେ ଅବସ୍ଥିତ ବିଶ୍ୱର ୧୨ତମ ଉଚ୍ଚ ଶୃଙ୍ଗ 'ବ୍ରୋଡ୍ ପିକ୍'ରେ ଏକ ଭୟଙ୍କର ହିମସ୍ଖଳନ ଯୋଗୁଁ ନେପାଳର ପ୍ରସିଦ୍ଧ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀ ନିଖୋଜ ହୋଇଯାଇଛନ୍ତି। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ୭,୦୦୦ ମିଟର ଉଚ୍ଚତାରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପର୍ବତାରୋହଣ ସଂଘର ସାଧାରଣ ସମ୍ପାଦକ ରାଜ ବାହାଦୁର ଲାମା ସୂଚନା ଦେଇଛନ୍ତି। ନିଖୋଜଙ୍କ ମଧ୍ୟରେ ୫ ଜଣ ନେପାଳୀ ଏବଂ ଆମେରିକା, ଚୀନ୍, ଓମାନ ଓ ପାକିସ୍ତାନର ପର୍ବତାରୋହୀ ଶାମିଲ ଅଛନ୍ତି। ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟର ଅବତରଣ କରିପାରୁ ନଥିବାରୁ ଉଦ୍ଧାର କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ନିର୍ମଳ ପୁର୍ଜା ପୂର୍ବରୁ ଗୋର୍ଖା ଓ ବ୍ରିଟିଶ୍ ସ୍ପେଶାଲ ଫୋର୍ସର ସୈନିକ ଥିଲେ ଏବଂ ୨୦୧୯ରେ ମାତ୍ର ୬ ମାସ ମଧ୍ୟରେ ବିଶ୍ୱର ସମସ୍ତ ୧୪ଟି ୮,୦୦୦ ମିଟରରୁ ଉଚ୍ଚଶୃଙ୍ଗ ଆରୋହଣ କରି ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ ନେପାଳର ପର୍ଯ୍ୟଟନ ମନ୍ତ୍ରୀ ଖଡଗ ପ୍ରସାଦ ପୌଡେଲ ଗଭୀର ଚିନ୍ତା ପ୍ରକଟ କରିବା ସହ ପାକିସ୍ତାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି। ଆଲପାଇନ୍ କ୍ଲବ୍ ଅଫ୍ ପାକିସ୍ତାନ ମଧ୍ୟ ତୁରନ୍ତ ସନ୍ଧାନ ଓ ଉଦ୍ଧାର ଅଭିଯାନ ପାଇଁ ସମସ୍ତ ଉଦ୍ଧାରବଳ ପ୍ରୟୋଗ କରାଯାଉଥିବା ଜଣାଇଛି। ପ୍ରତିକୂଳ ପାଣିପାଗ ସତ୍ତ୍ୱେ ସେନା ଓ ଉଦ୍ଧାରକାରୀ ଦଳ ନିଖୋଜ ପର୍ବତାରୋହୀଙ୍କୁ ଉଦ୍ଧାର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

# ସଂସଦରେ ବନ୍ଦେ ମାତରମ୍ ବିଲ୍‌କୁ ବିରୋଧ କଲେ ଓୱେସି

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ସମାନ ଆଇନଗତ ସୁରକ୍ଷା ଦେବାକୁ ଉଦ୍ଦିଷ୍ଟ 'ଜାତୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ବିଲ୍, ୨୦୨୬'କୁ ଗୁରୁବାର ଲୋକସଭା ପାରିତ କରିଛି। ଏହି ବିଲ୍ ଅନୁସାରେ 'ବନ୍ଦେ ମାତରମ୍' ଗାନକୁ ଇଚ୍ଛାକୃତ ଭାବେ ବାଧା ଦେବା କିମ୍ବା ଅପମାନ କରିବା ଅପରାଧ ହେବ ଏବଂ ଏଥିପାଇଁ ସର୍ବାଧିକ ୩ ବର୍ଷ କାରାଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି ।ବିଲ୍‌କୁ ବିରୋଧ କରି ଏଆଇଏମ୍‌ଆଇଏମ୍ ସାଂସଦ ଅସଦୁଦ୍ଦିନ ଅୱେସି କହିଛନ୍ତି, ଡ. ରାଜେନ୍ଦ୍ର ପ୍ରସାଦ ପ୍ରଥମେ ଭୁଲ କରିଥିଲେ। ସେ ବିନା ରିଜଲ୍ୟୁସନରେ କହିଦେଲେ ଯେ 'ଜନ ଗଣ ମନ' ହେଉଛି ଭାରତର ଜାତୀୟ ସଙ୍ଗୀତ ଏବଂ 'ବନ୍ଦେ ମାତରମ୍' ଜାତୀୟ ଗୀତ। ସେ ଏପରି କହିବା ଉଚିତ ନ ଥିଲା। ତେବେ ସେ ଏହାକୁ ଜାତୀୟ ସଂଗୀତ ଭଳି ମର୍ଯ୍ୟାଦା ଦେବା କଥା କହି ନ ଥିଲେ। ଅୱେସି ଆହୁରି କହିଛନ୍ତି, 'ଜନ ଗଣ ମନ' ଭାରତ ଓ ଭାରତବାସୀଙ୍କ ଏକତାର



ପ୍ରତୀକ, କିନ୍ତୁ 'ବନ୍ଦେ ମାତରମ୍'ରେ ଦେବୀଙ୍କ ସ୍ତୁତି ରହିଛି। ଧର୍ମ ଓ ରାଷ୍ଟ୍ରକୁ ଏକ କରାଯାଇପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ସରକାର ଆଇନ ମାଧ୍ୟମରେ ଦେଶପ୍ରେମ ଥୋପିବାକୁ ଚାହୁଁଛନ୍ତି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଡିଏମ୍‌କେ ମଧ୍ୟ ବିଲ୍‌କୁ ବିରୋଧ କରିଛି। ଦଳ ମତରେ, ଏପରି ପ୍ରସଙ୍ଗରେ ଦଣ୍ଡାତ୍ମକ ଆଇନ ଆଣିବା ପରିବର୍ତ୍ତେ ଲୋକଙ୍କ ମଧ୍ୟରେ ସଚେତନତା ଓ ସମ୍ମାନବୋଧ ବଢ଼ାଇବା ଅଧିକ ଉପଯୁକ୍ତ। ଅନ୍ୟପକ୍ଷରେ, କେନ୍ଦ୍ର ସରକାର କହିଛନ୍ତି, ଏହି ସଂଶୋଧନର ଉଦ୍ଦେଶ୍ୟ 'ବନ୍ଦେ ମାତରମ୍'ର ମର୍ଯ୍ୟାଦା ଓ ସମ୍ମାନକୁ ଆଇନଗତ ସୁରକ୍ଷା ଦେବା ଏବଂ ଜାତୀୟ ପ୍ରତୀକ ପ୍ରତି ସମ୍ମାନ ସୁନିଶ୍ଚିତ କରିବା।

# ବିଜେପିରୁ ଇସ୍ତଫା ଦେଲେ ଶହଜାଦ ପୁନାୱାଲା

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶହଜାଦ ପୁନାୱାଲା ଦଳରୁ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶହଜାଦ ବିଜେପିର ଶୀର୍ଷ ନେତୃତ୍ୱକୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜ ବାୟୋ ବଦଳାଇଛନ୍ତି ଓ ସେଥିରୁ ବିଜେପି ହଟେଇ ଦେଇଛନ୍ତି। ପୁନାୱାଲା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରୋଫାଇଲରେ ଏବେବି ତାଙ୍କୁ ବିଜେପି ପ୍ରବକ୍ତା ଭାବେ ଦର୍ଶାଇଛନ୍ତି। ଗୁରୁବାର ପୁନାୱାଲା ତାଙ୍କର ଅପଡେଟ୍ ହୋଇଥିବା 'ଏକ୍ସ' ବାୟୋର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ଯେଉଁଥିରେ ଲେଖାଯାଇଛି, ଧର୍ମ: ଇସଲାମ, ସଂସ୍କୃତି: ହିନ୍ଦୁ, ବିଚାରଧାରା: ଭାରତୀୟ। ଲେଖକ: ଜିଏସ୍‌ଟିକି କି ଯାତ୍ରା; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀବନବ୍ୟାପୀ ଅନୁଗାମୀ। କ୍ୟାପସନରେ କେବଳ ମୋର ଅପଡେଟ୍ ହୋଇଥିବା



ବାୟୋ ଲେଖାଯାଇଛି ।ଶହଜାଦ ପୁନାୱାଲା ୨୦୧୭ ମସିହାରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। କଂଗ୍ରେସ ଛାଡିବା ସମୟରେ ଦଳର ଅଧ୍ୟକ୍ଷ ପଦ ନିର୍ବାଚନ ପ୍ରକ୍ରିୟାକୁ ଲୋକଦେଖାଣିଆ ବୋଲି କହି ତୀବ୍ର ସମାଲୋଚନା କରିଥିଲେ। ବିଜେପିରେ ସାମିଲ ହେବା ପରେ ପୁନାୱାଲାଙ୍କୁ ବଡ ଦାୟିତ୍ୱ ମିଳିଥିଲା। ଦଳର ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପୁନାୱାଲା ତାଙ୍କ ବାୟୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ ନିଜକୁ ମୋଦୀଙ୍କ ଆଜୀବନ ଅନୁଗାମୀ ବୋଲି ଦର୍ଶାଇଛନ୍ତି। ପୁନାୱାଲା ଏକ ପଡକାଷ୍ଟର କିଛି ଅଂଶ ନିଜ 'ଏକ୍ସ' ଆକାଉଣ୍ଟରେ ଦେଇଛନ୍ତି। ଯେଉଁଥିରେ ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ସେ ରାଜନୀତି ଛାଡିବାକୁ ଚାହୁଁଥିବା କହିଥିବାର ଶୁଣିବାକୁ ମିଳିଛି। ଶହଜାଦ ୨୦୦୬ରେ ଏନ୍‌ଏସ୍‌ୟୁଆଇରେ ଯୋଗ ଦେଇଥିଲେ।

# ବଦଳିବ କୋଲକାତା ପୋଲିସର ମହିଳା ପାଟ୍ରୋଲ ସ୍କ୍ୱାର୍ଡ ୟୁନିଫର୍ମ

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):** ନଗର ପୋଲିସ ତାର ମହିଳା ସ୍କୁଟର ପାଟ୍ରୋଲିଂ ସ୍କ୍ୱାର୍ଡ ଦୁର୍ଗା ସୁରକ୍ଷା ବାହିନୀ ନିମନ୍ତେ ଏକ ନୂଆ ପୋଷାକ ଉପସ୍ଥାପନ କରିଛି। ପୂର୍ବରୁ 'ୱିନର୍ସ' ନାମରେ ଜଣାଯାଉଥିବା ପୋଲିସର ଏହି ୟୁନିଟ୍ ଏବେ ପାରମ୍ପରିକ ଧଳା ପୋଲିସ ପୋଷାକରୁ ହଟି ବିଶେଷ ରୂପେ ଡିଜାଇନ କରାଯାଇଥିବା ବରଦି ଓ ବିଶେଷ ସୁରକ୍ଷା ହେଲମେଟ୍ ଧାରଣ କରିବେ। ଏହା ଦ୍ୱାରା ସଂକଟରେ ଫଶିଥିବା ମହିଳା ବେଶ୍ ସହଜରେ ସେମାନଙ୍କୁ ଚିହ୍ନଟ କରିପାରିବେ ।ନୂଆ ଡ୍ରେସ କୋଡ ଅନୁସାରେ ମହିଳା ଅଧିକାରୀ ଓ କର୍ମଚାରୀଙ୍କୁ ପାଟ୍ରୋଲିଂ କାଳରେ ନିଜର ପାରମ୍ପରିକ ଖାକି ପୋଲିସ ପୋଷାକ ଉପରେ ଏକ ହାଲୁକା ୱେଷ୍ଟକୋଟ୍ ବା ଏପ୍ରନ ପିନ୍ଧିବାକୁ ପଡିବ। ଏହି ପରିଧାନର ଆଗ ଓ ପଶ୍ଚାତ ଭାଗ ମୁଖ୍ୟତଃ ଗୋଲାପି ରଙ୍ଗର ହେବ। ସେହିପରି କଲର ଧଡି ଓ ବୋତାମ ନାରଙ୍ଗୀ ରଙ୍ଗର ହେବ। ଏହି ପୋଷାକରେ ପରିଚାଳନା ସୁବିଧା ପାଇଁ ଦୁଇଟି କଡ ପକେଟ ଓ ଗୋଟିଏ ଭିତିରିଆ ପକେଟ୍ ରହିଛି ।ଏହି ଜ୍ୟାକେଟ୍ ର ଏକ ପ୍ରମୁଖ ବିଶେଷତା ହେଉଛି ଏହାର ଆଗ ଓ ପଛ ଭାଗରେ ଦେବୀ ଦୁର୍ଗାଙ୍କ ଛବି ରହିଛି। ଏଥିରେ ଦେବୀଙ୍କ ଆଖିରୁ ତ୍ରୀଶୁଳ ବାହାରୁଥିବା ଭଳି ଦେଖା ଯାଉଛି। ପ୍ରତୀକ ଚିହ୍ନର ଠିକ୍ ତଳେ ମୋଟା ଇଂରାଜୀ ଅକ୍ଷରରେ 'ଦୁର୍ଗା ସୁରକ୍ଷା ବାହିନୀ' ଛାପ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଲାଲ ବଜାର ପୋଲିସ ୨.୮ଲକ୍ଷ ଟଙ୍କା ବ୍ୟୟରେ ୧୧୦ଟି ଜ୍ୟାକେଟ୍ ଅର୍ଡର ଦେଇଛି। ସ୍କ୍ୱାର୍ଡ ସଦସ୍ୟଙ୍କୁ କୋଲକାତା ପୋଲିସର ଲୋଗୋ ଥିବା ଉନ୍ନତ ଗୋଲାପି ରଙ୍ଗର ସୁରକ୍ଷାତ୍ମକ ହେଲମେଟ୍ ମଧ୍ୟ ମିଳିବ। ପୋଲିସ ବିଭାଗ ଏପରି ୮୦ଟି ହେଲମେଟ କ୍ରୟ ନିମନ୍ତେ ୧ଲକ୍ଷ ଟଙ୍କା ଆବଣ୍ଟିତ କରିଛି।

# ୧୯ ବର୍ଷ ପରେ କୋଲକାତା ଫେରିଲେ ଲେଖିକା ତସଲିମା

**ନୂଆଦିଲ୍ଲୀ,୩୧ ।୭(ଏଜେନ୍ସି):**ବାଂଲାଦେଶର ପ୍ରସିଦ୍ଧ ଏବଂ ସ୍ପଷ୍ଟବାଦୀ ଲେଖିକା ତସଲିମା ନସ୍ରିନ ଦୀର୍ଘ ୧୯ ବର୍ଷ ପରେ ପୁଣିଥରେ କୋଲକାତା ଫେରିଛନ୍ତି। ୨୦୦୭ ମସିହାରେ ତାଙ୍କ ପୁସ୍ତକ 'ଦ୍ୱିଖଣ୍ଡିତ'କୁ ନେଇ ଭୟଙ୍କର ବିରୋଧ ପ୍ରଦର୍ଶନ ଓ ଫତଓ୍ୱା ଜାରି ହେବା ପରେ ତାଙ୍କୁ କୋଲକାତା ଛାଡ଼ିବାକୁ ପଡ଼ିଥିଲା। ବର୍ତ୍ତମାନ କୋଲକାତା ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ଉଷ୍ମ ସ୍ୱାଗତ ଜଣାଇଥିଲେ ।କୋଲକାତାକୁ ଫେରି ତସଲିମା କହିଛନ୍ତି, "କୋଲକାତା ମୋ ପାଇଁ କେବଳ ଗୋଟିଏ ସହର ନୁହେଁ, ଏହା ମୋର ଘର।" ସହରର ପରିବେଶରେ ପୁଣିଥରେ ନିଶ୍ୱାସ ନେଇ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ତାଙ୍କ କହିବା ଅନୁସାରେ, ତାଙ୍କୁ ଏପରି ଲାଗୁଛି ଯେ ସେ ନିଜ ଦେଶକୁ ଫେରି ଆସିଛନ୍ତି। ବଙ୍ଗାଳ ତାଙ୍କ ହୃଦୟରେ କେବେ ବିଭକ୍ତ ହୋଇନଥିଲା। ସେ ଏଠାକୁ ଅତିଥି ଭାବେ ନୁହେଁ, ବରଂ ଏହି ମାଟି ଓ ବଙ୍ଗାଳର ଜଣେ ଅଂଶ ଭାବେ ଫେରିଛନ୍ତି ।ତସଲିମା ଆହୁରି କହିଛନ୍ତି ଯେ, ୨୦୦୭ରେ ସେ ନିଜ ଇଚ୍ଛାରେ କୋଲକାତା ଛାଡ଼ିନଥିଲେ। ସେତେବେଳର ପଶ୍ଚିମବଙ୍ଗ ସରକାର ତାଙ୍କୁ ରାଜ୍ୟ ଛାଡ଼ିବାକୁ ବାଧ୍ୟ କରିଥିଲେ। ସରକାର ବଦଳିଲା, କିନ୍ତୁ ତାଙ୍କ ପାଇଁ କୋଲକାତାର ଦ୍ୱାର ଖୋଲିଲା ନାହିଁ। ତଥାପି ସେ ଦିନେ ନା ଦିନେ କୋଲକାତାକୁ ଫେରିବେ ବୋଲି ଆଶା କେବେ ଛାଡ଼ିନଥିଲେ ।ନିଜର



ଏହି ପ୍ରତ୍ୟାବର୍ତ୍ତନକୁ ତସଲିମା କେବଳ ବ୍ୟକ୍ତିଗତ ଯାତ୍ରା ଭାବେ ନୁହେଁ, ବରଂ ଅଭିବ୍ୟକ୍ତିର ସ୍ୱାଧୀନତାର ବିଜୟ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, କଟ୍ଟରପନ୍ଥୀଙ୍କ ଧମକ କିମ୍ବା ଫତଓ୍ୱା ଜଣେ ଲେଖକଙ୍କୁ କିଛି ସମୟ ପାଇଁ ସହର କିମ୍ବା ଦେଶରୁ ଦୂରେଇ ରଖିପାରେ, କିନ୍ତୁ ତାଙ୍କ ଚିନ୍ତାଧାରାକୁ କେବେ ବି ଶେଷ କରିପାରିବ ନାହିଁ। ଜଣେ ଲେଖକଙ୍କ ସୁରକ୍ଷା ଓ ସ୍ୱାଧୀନତା କୌଣସି ସରକାର, ରାଜନୈତିକ ଦଳ କିମ୍ବା ଧାର୍ମିକ ସଂଗଠନର ଦୟା ଉପରେ ନୁହେଁ, ବରଂ ତାଙ୍କ ମୌଳିକ ଅଧିକାର ଉପରେ ନିର୍ଭର କରିବା ଉଚିତ ।ସୂଚନାଯୋଗ୍ୟ ଯେ, ୧ ଅଗଷ୍ଟରେ କୋଲକାତାରେ ଆୟୋଜିତ ଏକ ବୃହତ ସାହିତ୍ୟିକ କର୍ଯ୍ୟକ୍ରମରେ ତସଲିମା ନସ୍ରିନ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ବିରୋଧୀ ଦଳନେତା ସୁବେନ୍ଦୁ ଅଧିକାରୀ ଏବଂ ବିଶିଷ୍ଟ ସାହିତ୍ୟିକ ଶିର୍ଷେନ୍ଦୁ ମୁଖୋପାଧ୍ୟାୟ ମଧ୍ୟ ଉପସ୍ଥିତ ରହିପାରନ୍ତି। ସୁରକ୍ଷିତ ପରିବେଶ ପାଇଁ ସେ ବର୍ତ୍ତମାନର ପ୍ରଶାସନ ଓ ଆୟୋଜକଙ୍କୁ ଧନ୍ୟବାଦ ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ସେ ନିର୍ଭୟରେ ନିଜର ପ୍ରିୟ ସହର କୋଲକାତାକୁ ବାରମ୍ବାର ଆସିପାରିବେ।



# ଆଇସିଆଇସିଆଇ ପ୍ରୁଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସ୍: କମ୍ ପ୍ରିମିୟମରେ ୧୦ ବର୍ଷର ଜୀବନ ବୀମା ସୁରକ୍ଷା

**ଭୁବନେଶ୍ୱର, ୩୧।୭ (ନି.ପ୍ର)** : ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍‌ର ଆଇପ୍ରୋଟେକ୍ଟ ସ୍ମାର୍ଟ ବର୍ତ୍ତମାନ ୧୦ ବର୍ଷର ଜୀବନ ବୀମା ସୁରକ୍ଷା ବିକଳ୍ପ ସହ ଉପଲବ୍ଧ। ଏହି ଯୋଜନା ଗୃହଋଣ, ସନ୍ତାନଙ୍କ ଶିକ୍ଷା ପାଇଁ ଆର୍ଥିକ ଲକ୍ଷ୍ୟ କିମ୍ବା ବ୍ୟବସାୟିକ ଋଣ ଭଳି ନିର୍ଦ୍ଦିଷ୍ଟ ଆର୍ଥିକ ଦାୟିତ୍ୱ ଥିବା ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହା ଜୀବନର ସେହି ପର୍ଯ୍ୟାୟରେ, ଯେତେବେଳେ ଆର୍ଥିକ ଦାୟିତ୍ୱ ସର୍ବାଧିକ ଥାଏ, ଗ୍ରାହକଙ୍କୁ କମ୍ ପ୍ରିମିୟମରେ ଅଧିକ ପରିମାଣର ଜୀବନ ବୀମା ସୁରକ୍ଷା ବାଛିବାର ସୁବିଧା ପ୍ରଦାନ କରେ। ଏହି ଯୋଜନାରେ ୬୭,୧୦୦/- ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ୱେଲନେସ୍ ସେବା, ୩ ଲକ୍ଷ ଟଙ୍କାର ତତ୍କାଳ ଦାବି ପରିଶୋଧ ସୁବିଧା ଏବଂ ଟର୍ମିନାଲ୍ ଇଲନେସ୍ (ମୃତ୍ୟୁପୂର୍ବ ଗୁରୁତର ରୋଗ) ଚିହ୍ନଟ ହେଲେ ବୀମା ରାଶିର ୧୦୦% ପରିଶୋଧର ବ୍ୟବସ୍ଥା ମଧ୍ୟ ରହିଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଚିଫ୍ ଅଫ୍ ଡିଷ୍ଟ୍ରିବ୍ୟୁସନ୍ ଶ୍ରୀ ରାଜୀବ ଆରୋରା କହିଛନ୍ତିଯେ, 'ଆର୍ଥିକ ସୁରକ୍ଷାକୁ ନେଇ ଗ୍ରାହକଙ୍କ ଆଶା ସେମାନଙ୍କ ଜୀବନ ଲକ୍ଷ୍ୟ ସହିତ କ୍ରମାଗତ ଭାବେ ପରିବର୍ତ୍ତିତ ହେଉଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସରେ ଆମର ଲକ୍ଷ୍ୟ ହେଉଛି, ଗ୍ରାହକଙ୍କ ଆର୍ଥିକ ଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ



ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା। ଆଇସିଆଇସିଆଇ ପ୍ରୁଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲସ୍ ଆମର 'ଗ୍ରାହକ-ପ୍ରଥମ' ଦୃଷ୍ଟିଭଙ୍ଗୀର ପ୍ରତିଫଳନ। ଏହା ୧୦ ବର୍ଷର ପଲିସି ଅବଧି ସହିତ ଆମ ସୁରକ୍ଷା ପୋର୍ଟଫୋଲିଓକୁ ବିସ୍ତାର କରୁଛି, ଯାହା ସୁଲଭ ପ୍ରିମିୟମ ସହିତ ଅର୍ଥପୂର୍ଣ୍ଣ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ ବିଭିନ୍ନ ବୈଶିଷ୍ଟ୍ୟକୁ ଏକାଠି କରିଛି। ସେ କହିଛନ୍ତି, '୯୯.୩%ରେ ଶିଳ୍ପରେ ଅଗ୍ରଣୀ କ୍ଲେମ୍ ସେଟଲମେଂଟ ଅନୁପାତ ଏବଂ ୨୦୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ହାରାହାରି ମାତ୍ର ୧ ଦିନର କ୍ଲେମ୍ ସେଟଲମେଂଟ ସମୟ ସହିତ, ଆମେ ସବୁବେଳେ ଆମର ଗ୍ରାହକ ଏବଂ ସେମାନଙ୍କ ପରିବାର ସହ ସେହି ସମୟରେ ରହିଥାଉ, ଯେତେବେଳେ ସେମାନଙ୍କୁ ଆମର ସବୁଠାରୁ ଅଧିକ ଆବଶ୍ୟକତା ଥାଏ। ୧ମ କ୍ୱାଟର-୨୦୨୭ ଆର୍ଥିକ ବର୍ଷ ସମୟରେ କମ୍ପାନି ମୃତ୍ୟୁଜନିତ ବୀମା ଦାବି ବାବଦରେ ୧,୩୦୬ କୋଟି ଟଙ୍କା ପରିଶୋଧ କରିଥିବାବେଳେ, ୩,୩୬୦ କୋଟି ଟଙ୍କା ମ୍ୟାଚ୍ୟୁରିଟି ଓ ସର୍ଭାଇଭାଲ୍ ବେନିଫିଟ୍ ଭାବେ ପ୍ରଦାନ କରିଛି। ଏହା ପଲିସିଧାରୀଙ୍କୁ ସମୟୋପଯୋଗୀ ଆର୍ଥିକ ସୁରକ୍ଷା ଓ ନିଶ୍ଚିନ୍ତତା ପ୍ରଦାନ କରିବା ପ୍ରତି ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍‌ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହାବ୍ୟତୀତ ୨୦୨୬ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନି ୫,୧୪୯ କୋଟିରେ ମୃତ୍ୟୁଜନିତ ବୀମା ଦାବି ପରିଶୋଧ କରିଥିବା ବେଳେ, ୧୫,୩୬୩ କୋଟି ମେଚ୍ୟୁରିଟି ଏବଂ ସର୍ଭାଇଭାଲ୍ ବେନିଫିଟ୍ ଭାବେ ପ୍ରଦାନ କରିଛି।

# ଏକ୍‌ଜିମ ବ୍ୟାଙ୍କ ଭୁବନେଶ୍ୱରରେ ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ କରିବ

**ଭୁବନେଶ୍ୱର, ୩୧।୭ (ଯୁବମୋର୍ଚ୍ଚା)** : ଏକ୍ସପୋର୍ଟ- ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏକ୍‌ଜିମ ବ୍ୟାଙ୍କ) ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ସମ୍ପର୍କରେ ଘୋଷଣା କରିଛି, ଯାହା ଓଡ଼ିଶା ସହିତ ଏହାର ନିୟୋଜନତାକୁ ଗଭୀର କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି ଏବଂ ଏହା ରାଜ୍ୟର ରପ୍ତାନିକାରୀ ଓ ପୁଞ୍ଜିନିବେଶକଙ୍କୁ ସମର୍ଥନ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରୁଛି। ଏକ୍‌ଜିମ ବ୍ୟାଙ୍କ, ଫେଡେରେସନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ (ଏଫଆଇଇଓ) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜିତ 'ଏନହାନସିଂ ଏକ୍ସପୋର୍ଟସ୍ ଫ୍ରମ୍ ଓଡ଼ିଶା: ଅପରଚୁନିଟିଜ୍ ଆଣ୍ଡ ଫାଇନାନ୍‌ସିଂ ସଲ୍ୟୁସନ୍ସ' (ଓଡ଼ିଶାରୁ ରପ୍ତାନି ବୃଦ୍ଧି କରିବା: ସୁଯୋଗସମୂହ ଓ ଅର୍ଥଲଗାଣ ସମାଧାନସମୂହ) ଶୀର୍ଷକରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଏହି ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଶିଳ୍ପ ଜଗତର ନେତୃବୃନ୍ଦ, ରପ୍ତାନିକାରୀ ଏବଂ ଆର୍ଥିକ ପ୍ରତିଷ୍ଠାନସମୂହ ରାଜ୍ୟର ରପ୍ତାନି ପରିବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବାକୁ ଏକତ୍ରିତ ହୋଇଥିଲେ। ଶ୍ରୀ ଅନିରୁଦ୍ଧ ବରୁଆ, ରିଜିଓନାଲ ହେଡ୍, କୋଲକାତା, ଏକ୍‌ଜିମ ବ୍ୟାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଏହା ସାନ୍ଧ୍ୟ ଆଲୋଚନାଗୁଡିକ ନିମନ୍ତେ ଏକ ପରିପ୍ରେକ୍ଷୀ ସ୍ଥିର କରିଥିଲା। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ତରୁଣ ଶର୍ମା, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର, ଏକ୍‌ଜିମ ବ୍ୟାଙ୍କ, ଓଡ଼ିଶା ଉପରେ ବ୍ୟାଙ୍କର ନବୀକୃତ ଦୃଷ୍ଟିନିବଦ୍ଧ ସମ୍ପର୍କରେ ଉଲ୍ଲେଖ କରିବା ସହିତ କହିଥିଲେ ଯେ, ଭୁବନେଶ୍ୱରରେ ସ୍ଥାପିତ ହେବାକୁ ଯାଉଥିବା ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାନୀୟ ରପ୍ତାନିକାରୀ,



ଏମଏସ୍‌ଏମଇସମୂହ ଏବଂ ଶିଳ୍ପ ସଂସ୍ଥାଗୁଡିକ ସହିତ ଘନିଷ୍ଠ ନିୟୋଜନତାକୁ ସମର୍ଥ କରାଇବ। ସମଗ୍ର ରାଜ୍ୟରେ ବହୁବିଧ ପ୍ରକଳ୍ପଗୁଡିକୁ ବ୍ୟାଙ୍କର ସମର୍ଥନ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ, ଯେଉଁଥିରେ ଇସ୍ପାତ, ନବୀକରଣୀୟ ଠାରୁ ନେଇ ୱାଗନ ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଶ୍ରୀ ଶର୍ମା ମଧ୍ୟ ଓଡ଼ିଶାରୁ ଏକ୍‌ଜିମ ବ୍ୟାଙ୍କର ଭାରତରେ ଏହି ଧରଣର ପ୍ରଥମ ଟ୍ରେଡ ଆସିଷ୍ଟାନ୍ସ ପ୍ରୋଗ୍ରାମ (ଟିଏପି) ଜରିଆରେ ବାଣିଜ୍ୟ କ୍ଷେତ୍ରକୁ ଅର୍ଥଲଗାଣ କାରବାର ସୁଗମ କରିବା ଭୂମିକା ସମ୍ପର୍କରେ ପ୍ରକାଶ କରିଥିଲେ, ଯାହା ଭୁଟାନ, ଇଥିଓପିଆ, ନେପାଳ, ଶ୍ରୀଲଙ୍କା ଏବଂ ୟୁନାଇଟେଡ କିଙ୍ଗଡମ୍ (ୟୁକେ) ସମେତ ବିଭିନ୍ନ ରାଷ୍ଟ୍ରକୁ ସମର୍ଥନ ଯୋଗାଇଦେଉଛି। ସେ ପୁନଶ୍ଚ ଉଲ୍ଲେଖ କରିଥିଲେ ଯେ ବ୍ୟାଙ୍କ ରାଜ୍ୟର ଯୁବବର୍ଗଙ୍କୁ ବିଭିନ୍ନ କ୍ରୀଡା ଶୃଙ୍ଖଳାରେ ଏବଂ ତାହାସହିତ ହସ୍ତଶିଳ୍ପ କ୍ଷେତ୍ରରେ କାରିଗରମାନଙ୍କୁ ସମର୍ଥନ ଯୋଗାଇଦେବା କ୍ଷେତ୍ରରେ ସମ୍ମୁଖ ଭାବରେ ରହିଆସିଛି। ଶ୍ରୀମତୀ ରଶ୍ମିତା ପଣ୍ଡା, ଆଇଏଏସ, କମିଶନର-ତଥା-ଶାସନ ସଚିବ, ଏମଏସ୍‌ଏମଇ ବିଭାଗ, ଓଡ଼ିଶା ସରକାର, ରପ୍ତାନି ଭିତ୍ତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ଅଂଶ ଭାବରେ ଏକ୍‌ଜିମ ବ୍ୟାଙ୍କ ପକ୍ଷରୁ 'ଦି ଓଡ଼ିଶା ଅପରଚୁନିଟି: ଏ ଟ୍ରେଡ ଆଣ୍ଡ ଇନଭେଷ୍ଟମେଣ୍ଟ ରୋଡମ୍ୟାପ' ଶୀର୍ଷକରେ ଏକ ଗବେଷଣା ଭିତ୍ତିକ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ଏହି ଅଧ୍ୟୟନମୂଳକ ରିପୋର୍ଟରେ ବିବିଧ କ୍ଷେତ୍ରରେ ରାଜ୍ୟର ରପ୍ତାନିଗତ ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ସମ୍ପର୍କରେ ଅନୁଧ୍ୟାନ କରାଯିବା ସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ ସଂଯୋଗୀ କରଣକୁ ସମ୍ପ୍ରସାରିତ କରିବାକୁ ରହିଥିବା ଲୁକ୍କାୟିତ ସାମର୍ଥ୍ୟ, ଓଡ଼ିଶାକୁ ପୂର୍ବାଞ୍ଚଳ ଭାରତ ନିମନ୍ତେ ଏକ ଉଦୀୟମାନ ରପ୍ତାନିକାରୀ ସ୍ଥଳ ଭାବରେ ଅବସ୍ଥାପିତ କରିବା ବିଷୟରେ ଉଲ୍ଲେଖ କରାଯାଇଛି। ତତ୍ ପରେ ଶ୍ରୀ ମନୋଜ ସିଂହ, ଆସିଷ୍ଟାଣ୍ଟ ଡାଇରେକ୍ଟର ଜେନେରାଲ, ଫରେନ ଟ୍ରେଡ, କୋଲକାତାଙ୍କ ଦ୍ୱାରା ରପ୍ତାନି ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ଉପସ୍ଥାପନା କରାଯାଇଥିଲା। ଶ୍ରୀମତୀ ଯୋଗିତା ହାତଗଡି, ଜେନେରାଲ ମ୍ୟାନେଜର, ଏମଏସ୍‌ଏମଇ ଗ୍ରୁପ, ଏକ୍‌ଜିମ ବ୍ୟାଙ୍କ ଏହି କାର୍ଯ୍ୟକ୍ରମରେ 'ବିଲ୍ଡିଂ କାପାବିଲିଟିଜ୍, ଇଣ୍ଟିଗ୍ରେଟିଂ ୱିଥ୍ ଗ୍ଲୋବାଲ ଭାଲ୍ୟୁ ଚେନ୍ସ' ଶୀର୍ଷକ ନିଜର ଉପସ୍ଥାପନାରେ ରପ୍ତାନିକାରୀଙ୍କ ନିମନ୍ତେ ଲାଇନ୍ସ ଅଫ କ୍ରେଡିଟ, ଦରିଆପାରି ପୁଞ୍ଜିନିବେଶ ନିମନ୍ତେ ଅର୍ଥଲଗାଣ ଏବଂ ଗବେଷଣା ଓ ଉନ୍ନୟନ ତଥା ପ୍ରଯୁକ୍ତିରେ ଉନ୍ନତିକରଣ ସମେତ ବିବିଧ ଆର୍ଥିକ ସମାଧାନଗୁଡିକ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ସମସ୍ତ ବିଷୟ ଓଡ଼ିଶାର ବିନିର୍ମାଣକାରୀ ଓ ରପ୍ତାନିକାରୀଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ସକାଶେ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଛି। ଶ୍ରୀମତୀ ହାତଗଡି ମଧ୍ୟ ଉଲ୍ଲେଖ କରିଥିଲେ ଯେ, ନିର୍ଯ୍ୟାତ ପ୍ରୋତ୍ସାହନ ଅଧୀନରେ ଇପିଏମ୍‌ର ତିନିଟି ବିଷୟ (୧) କ୍ରେଡିଟ ଆସିଷ୍ଟାନ୍ସ ଫର୍ ଇ-କମର୍ସ ଏକ୍ସପୋର୍ଟର୍ସ୍, (୨) ସପୋର୍ଟ ଫର୍ ଏମର୍ଜିଂ ଏକ୍ସପୋର୍ଟ ଅପରଚୁନିଟିଜ ଏବଂ (୩) ଇଣ୍ଟରେଷ୍ଟ ସବ୍‌ଭେନସନ ସପୋର୍ଟ ଫର୍ ପ୍ରି-ପେଡ ଆଣ୍ଡ ପୋଷ୍ଟ-ସିପ୍‌ମେଣ୍ଟ ରୁପି ଏକ୍ସପୋର୍ଟ କ୍ରେଡିଟ ନିମନ୍ତେ ଏକ୍‌ଜିମ ବ୍ୟାଙ୍କ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବରେ ମାନ୍ୟତାପ୍ରାପ୍ତ ହୋଇଛି। ଏହି ପ୍ରୟାସଗୁଡିକ ଡିଜିଏଫଟି ଏବଂ ନ୍ୟାସନାଲ କ୍ରେଡିଟ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ (ଏନସିଜିଟିସି) ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକାରୀ କରାଯାଉଛି। କାର୍ଯ୍ୟକ୍ରମରେ 'ଷ୍ଟ୍ରେଙ୍ଗଦେନିଂ ଏକ୍ସପୋର୍ଟସ୍ ଫ୍ରମ୍ ଓଡ଼ିଶା' (ଓଡ଼ିଶାରୁ ରପ୍ତାନି ସୁଦୃଢ଼ କରିବା) ଶୀର୍ଷକରେ ଏକ ପ୍ୟାନେଲ ଆଲୋଚନା ସ୍ଥାନ ପାଇଥିଲା, ଯାହାକୁ ଶ୍ରୀ ରିକେଶ ଚାନ୍ଦ, ଚିଫ୍ ଜେନେରାଲ ମ୍ୟାନେଜର- କ୍ରେଡିଟ, ଏକ୍‌ଜିମ ବ୍ୟାଙ୍କ ପରିଚାଳନା କରିଥିଲେ ଏବଂ ଆଲୋଚକମଣ୍ଡଳୀରେ ଶ୍ରୀ ଅନ ମହାନ୍ତି, ଚିଫ୍ ଅପରେଟିଂ ଅଫିସର, ଫାଲ୍‌କନ ମେରାଇନ ଏକ୍ସପୋର୍ଟସ୍ ଲିମିଟେଡ, ଶ୍ରୀ ପ୍ରଣୁକ ଜୈନ, ଚିଫ୍ ଫାଇନାନ୍‌ସିଆଲ ଅଫିସର, ଫେରୋ ଆଲୟଜ କର୍ପୋରେସନ ଲିମିଟେଡ ଏବଂ ଶ୍ରୀ ଅମିତ ଅଗ୍ରୱାଲ, ଚିଫ୍ ଫାଇନାନ୍‌ସିଆଲ ଅଫିସର, ଆଇଏଫଜିଏଲ ରିଫ୍ରାକ୍ଟରିଜ ଲିମିଟେଡ ପ୍ରମୁଖ ସ୍ଥାନ ପାଇଥିଲେ।

# ବେଦାନ୍ତ ଆଲୁମିନିୟମର ସର୍ବକାଳୀନ ସର୍ବାଧିକ ରାଜସ୍ୱ ୨୧,୧୦୫ କୋଟି ଟଙ୍କା

**ଭୁବନେଶ୍ୱର, ୩୧।୭ (ନି.ପ୍ର)**: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ବିଏସଇ:୫୪୪୭୮୦, ଏନଏସଇ:ଭିଏଏମଏଲ) ୩୦ ଜୁନ୍ ୨୦୨୬ରେ ସମାପ୍ତ ପ୍ରଥମ ତ୍ରୈମାସିକ ପାଇଁ ଏହାର ଅନିରୀକ୍ଷିତ ଆର୍ଥିକ ଫଳାଫଳ ଘୋଷଣା କରିଛି। ସ୍ୱାଧୀନ କମ୍ପାନି ଭାବେ ପ୍ରଥମ ତ୍ରୈମାସିକରେ କମ୍ପାନି ରେକର୍ଡ ଆର୍ଥିକ ପ୍ରଦର୍ଶନ, ସର୍ବାଧିକ ଉତ୍ପାଦନ, ବ୍ୟୟ ଦକ୍ଷତା ଏବଂ କୌଶଳଗତ ସମନ୍ୱୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ପ୍ରତି ଇକ୍ୱିଟି ସେୟାର ପିଛା ଟ.୮ ହାରରେ ପ୍ରଥମ ଅନ୍ତରୀଣ ଲାଭାଂଶ ପ୍ରଦାନକୁ ଅନୁମୋଦନ କରିଛନ୍ତି। କମ୍ପାନିର ରାଜସ୍ୱ ସର୍ବକାଳୀନ ସର୍ବାଧିକ ଟ.୨୧,୧୦୫ କୋଟିରେ ପହଂଚିଛି, ଯାହା ତ୍ରୈମାସିକ ଭିତିରେ ୧୩% ଏବଂ ବାର୍ଷିକ ଭିତିରେ ୪୫% ବୃଦ୍ଧି ପାଇଛି। ଉତ୍ପାଦନ ପରିମାଣ ଓ ବଜାର ମୂଲ୍ୟ ବୃଦ୍ଧି ଏହାର ପ୍ରମୁଖ କାରଣ। ଇବିଆଇଟିଡିଏ (ଇବିଆଇଟିଡିଏ) ୨୪% ତ୍ରୈମାସିକ ଓ ୧୩୪% ବାର୍ଷିକ ବୃଦ୍ଧି ସହ ଟ.୧୦,୪୯୯ କୋଟିରେ ପହଂଚିଛି। ଏହା ସହିତ କମ୍ପାନିର ଇବିଆଇଟିଡିଏ ମାର୍ଜିନ୍ ସର୍ବାଧିକ ୫୦%କୁ ବୃଦ୍ଧି ପାଇଛି। କର ପରବର୍ତ୍ତୀ ଲାଭ (ପାଟ) ଟ.୬,୫୯୭ କୋଟିରେ ପହଂଚିଛି, ଯାହା ତ୍ରୈମାସିକ ଭିତିରେ ୩୩% ଏବଂ ବାର୍ଷିକ ଭିତିରେ ୨୦୫% ବୃଦ୍ଧିକୁ ପ୍ରତିଫଳିତ କରୁଛି। ଋଣ ହ୍ରାସ ପଦକ୍ଷେପ ଯୋଗୁଁ କମ୍ପାନିର ନେଟ୍ ଡେବ୍ଟ-ଟୁ-ଇବିଆଇଟିଡିଏ ଅନୁପାତ କ୍ୟୁ୪ ଆର୍ଥିକ ବର୍ଷ୨୬ରେ ୧.୩ ଗୁଣରୁ କମି ୦.୯ ଗୁଣକୁ ଆସିଛି। ଏହି ସୁଦୃଢ଼ ଆର୍ଥିକ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କ୍ରିସିଲ୍ ଓ ଆଇସିଆରଏ କମ୍ପାନିର କ୍ରେଡିଟ୍ ରେଟିଂକୁ ଏଏ+ (ସ୍ଥିର)କୁ ଉନ୍ନୀତ କରିଛି। ପ୍ରଥମ ତ୍ରୈମାସିକରେ କମ୍ପାନି ୬୩୨ କିଲୋଟନ୍ (କେଟି) ଆଲୁମିନିୟମ ଉତ୍ପାଦନ କରି ସର୍ବକାଳୀନ ରେକର୍ଡ



ସ୍ଥାପନ କରିଛି। ଏହା ତ୍ରୈମାସିକ ଭିତିରେ ୩% ଏବଂ ବାର୍ଷିକ ଭିତିରେ ୫% ବୃଦ୍ଧି ପାଇଛି। ଭାଲ୍ୟୁ-ଆଡେଡ୍ ପ୍ରଡକ୍ଟ (ଭିଏପି) ଉତ୍ପାଦନ ମଧ୍ୟ ୩୮୯ କେଟିରେ ପହଂଚି ସର୍ବାଧିକ ସ୍ତର ଛୁଇଁଛି, ଯାହା ତ୍ରୈମାସିକ ଭିତିରେ ୪% ଏବଂ ବାର୍ଷିକ ଭିତିରେ ୧୪% ବୃଦ୍ଧି ପାଇଛି। ଆଲୁମିନା ଉତ୍ପାଦନ ୮୨୬ କେଟିରେ ପହଂଚି ବାର୍ଷିକ ଭିତିରେ ୪୧% ବୃଦ୍ଧି ହାସଲ କରିଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ ବିଶ୍ୱର ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଓ ସମ୍ପୂର୍ଣ୍ଣ ସମନ୍ୱିତ ଆଲୁମିନିୟମ ବ୍ୟବସାୟ ଗଢ଼ି ତୋଳିବା ଦିଗରେ ଅଗ୍ରସର ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ କମ୍ପାନି କଂଚାମାଲ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି। କମ୍ପାନିର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ହୋଲ୍-ଟାଇମ୍ ଡାଇରେକ୍ଟର ଓ ସିଇଓ ରାଜେଶ କୁମାର କହିଛନ୍ତି, 'ସ୍ୱାଧୀନ କମ୍ପାନି ଭାବେ ଆମର ନୂଆ ଅଧ୍ୟାୟର ଆରମ୍ଭ ଦୃଢ଼ ପରିଚାଳନାଗତ ଓ ଆର୍ଥିକ ପ୍ରଦର୍ଶନ ସହ ହୋଇଛି। ବ୍ୟବସାୟିକ ସ୍ଥିରତା, ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘମିଆଦୀ ଦୃଷ୍ଟିକୋଣର ସଫଳ ସମନ୍ୱୟ ଏହାର ମୂଳ ଆଧାର। ବଦଳୁଥିବା ବୈଶ୍ୱିକ ପରିସ୍ଥିତିରେ ସମ୍ବଳ ସୁରକ୍ଷା, କାର୍ଯ୍ୟକ୍ଷମ ସମନ୍ୱୟ ଓ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଆମର ଗୁରୁତ୍ୱ ଆମର ପ୍ରତିଯୋଗିତାମୂଳକ କ୍ଷମତାକୁ ଆହୁରି ମଜବୁତ କରିଛି। 'କମ୍ପାନିର ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ) ଅନୁପ ଅଗ୍ରୱାଲ କହିଛନ୍ତି, 'ସ୍ୱାଧୀନ କମ୍ପାନି ଭାବେ ଆମର ପ୍ରଥମ ତ୍ରୈମାସିକ ରେକର୍ଡ ରାଜସ୍ୱ, ଇବିଆଇଟିଡିଏ ଓ କର ପରବର୍ତ୍ତୀ ଲାଭ ସହ ଏକ ଶକ୍ତିଶାଳୀ ଆରମ୍ଭ ହୋଇଛି। ସୁଦୃଢ଼ ବାଲାନ୍ସ ସିଟ୍ ଓ ଉନ୍ନତ କ୍ରେଡିଟ୍ ପ୍ରୋଫାଇଲ୍ ଆମର ଦୀର୍ଘମିଆଦୀ ବିକାଶ ଯୋଜନାକୁ ଅଧିକ ଗତି ପ୍ରଦାନ କରିବ। ଉର୍ଜା ପରିବର୍ତ୍ତନ, ଭିତିଭୂମି ବିକାଶ, ପରିବହନ, ପ୍ୟାକେଜିଂ ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ବଢୁଥିବା ଚାହିଦାକୁ ଆମେ ଆମର ସମନ୍ୱିତ ଭାଲ୍ୟୁ ଚେନ୍ ଓ ଭାଲ୍ୟୁ-ଆଡେଡ୍ ପୋର୍ଟଫୋଲିଓ ମାଧ୍ୟମରେ ପୂରଣ କରିବାକୁ ପ୍ରତିବଦ୍ଧ।

# ଓଡ଼ିଶାରେ ଜିଓର ଏକ କୋଟି ୮୯ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ

**ଭୁବନେଶ୍ୱର, ୩୧।୭ (ନି.ପ୍ର)** : ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରି, ରିଲାଏନ୍ସ ଜିଓ ୨୦୨୬ ଜୁନ୍ ମାସରେ ଓଡ଼ିଶାରେ ସର୍ବାଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ଜିଓ ୧ ଲକ୍ଷ ୧୩ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୫୦୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଉଲ୍ଲେଖନୀୟ ଭାବରେ ଜୁନ୍ ମାସରେ ଓଡ଼ିଶାର ପ୍ରାୟ ୮୦ ପ୍ରତିଶତ ନୂତନ ମୋବାଇଲ୍ ଗ୍ରାହକ ଏବଂ ୯୧ ପ୍ରତିଶତ ନୂତନ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଜିଓ ନେଟୱାର୍କରେ ଯୋଗ ଦେଇଛନ୍ତି, ଯାହା ଏହାକୁ ରାଜ୍ୟର ସବୁଠାରୁ ପସନ୍ଦିତ ଡିଜିଟାଲ୍ ସେବା ପ୍ରଦାନକାରୀ କରିଛି। ଏହା ସହିତ, ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏକ ନମ୍ବର ସେବା ପ୍ରଦାନକାରୀ ଭାବରେ ଓଡ଼ିଶାରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଟ୍ରାଇ ତଥ୍ୟ



ଅନୁଯାୟୀ, ଜୁନ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧.୪୧ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୩୦ ଜୁନ୍ ୨୦୨୬ ସୁଦ୍ଧା ୩.୮୬ କୋଟି ଅତିକ୍ରମ କରିଛି। ଜୁନ୍ ମାସରେ, ଓଡ଼ିଶାରେ ଜିଓ ସର୍ବାଧିକ ୧.୧୩ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହା ପଛକୁ ଭୋଡାଫୋନ୍ ଆଇଡିଆ ୧୬୮୮୫ ଏବଂ ଏୟାରଟେଲ୍ ମାତ୍ର ୧୩୬୩୩ ମୋବାଇଲ୍ ଗ୍ରାହକ ଯୋଡିଛନ୍ତି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏହି ମାସରେ ବିଏସଏନଏଲ ଓଡ଼ିଶାରେ ୩୬୭୮ ମୋବାଇଲ୍ ଗ୍ରାହକ ହରାଇଛି। ଜିଓ ୪.୧୬ ଲକ୍ଷରୁ ଅଧିକ ଜିଓ ଏୟାରଫାଇବର ଗ୍ରାହକଙ୍କ ସହିତ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ସେବାରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି ଏବଂ ରାଜ୍ୟର ମୋଟ ଏଫଡବ୍ଲୁଏ ଗ୍ରାହକଙ୍କ ପ୍ରାୟ ୮୦ ପ୍ରତିଶତ ଜିଓ ନେଟୱାର୍କରେ ରହିଛନ୍ତି। ଜୁନ୍ ମାସରେ ଜିଓ ରାଜ୍ୟରେ ୧୫୦୦୦ ରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି ଏବଂ ୩୦ ଜୁନ୍ ୨୦୨୬ ସୁଦ୍ଧା ଓଡ଼ିଶାରେ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୭.୯୫ ଲକ୍ଷ ଅତିକ୍ରମ କରିଛି।

# କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେସନ୍ ୧୬ତମ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

**ଭୁବନେଶ୍ୱର, ୩୧।୭ (ନି.ପ୍ର)** : କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେସନ୍ (KGF), ଏମ୍ସ ଭୁବନେଶ୍ୱରର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଏବଂ ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ, କଟକର ହେପାଟୋଲୋଜି ବିଭାଗର ମିଳିତ ଆନୁକୂଲ୍ୟରେ ୧୬ତମ ବିଶ୍ୱ ହେପାଟାଇଟିସ୍ ଦିବସ ଭୁବନେଶ୍ୱର ସ୍ଥିତ ମେଫେୟାର କନଭେନ୍ସନ୍‌ରେ ଗାମ୍ଭୀର୍ଯ୍ୟର ସହ ପାଳନ କରାଯାଇଛି। ଚଳିତ ବର୍ଷର ବିଶ୍ୱ ହେପାଟାଇଟିସ୍ ଦିବସର ବିଷୟବସ୍ତୁ ଥିଲା "ହେପାଟାଇଟିସ୍: ଆସନ୍ତୁ, ବାଧା ଭାଙ୍ଗିବା (Hepatitis: Let's Break It Down)"। ସାମାଜିକ, ଆର୍ଥିକ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାଗତ ବାଧା ଦୂର କରି ସମସ୍ତଙ୍କ ପାଇଁ ହେପାଟାଇଟିସ୍ ପ୍ରତିରୋଧ, ପରୀକ୍ଷା ଓ ଚିକିତ୍ସା ସେବାକୁ ସୁଲଭ କରିବା ଉପରେ ଏହି ବର୍ଷର ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ୱାଇ. କେ. ଚାୱଲା, ପୂର୍ବତନ ନିର୍ଦ୍ଦେଶକ, ପିଜିଆଇ, ଚଣ୍ଡୀଗଡ଼ ଯୋଗଦେଇ ହେପାଟାଇଟିସ୍ ନିରାକରଣ ପାଇଁ ସରକାର, ସ୍ୱାସ୍ଥ୍ୟ ପେସାଜୀବୀ ଏବଂ ସାଧାରଣ ଜନତାଙ୍କର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ।



ସେ ଅବସରରେ କାର୍ଯ୍ୟକ୍ରମର ସ୍ମରଣିକା ଏବଂ "ସିରିଞ୍ଜି ଭିତରେ କାଳୀ" ପତ୍ରିକାର ଉନ୍ମୋଚନ କରିଥିଲେ। କେଜିଏଫ୍‌ର ସଚିବ ଶ୍ରୀ ତୁହିନ କାନ୍ତି ଘୋଷ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ, କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଫାଉଣ୍ଡେସନ୍ ଅଧ୍ୟକ୍ଷ ପ୍ରଫେସର ଏସ୍. ପି. ସିଂହ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ହେପାଟାଇଟିସ୍ ଆଜି ମଧ୍ୟ ବିଶ୍ୱର ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା। ବିଶ୍ୱରେ ପ୍ରାୟ ୩୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ଥିବାବେଳେ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକଙ୍କର ମୃତ୍ୟୁ ଏହା ଯୋଗୁଁ ଘଟୁଛି। ଓଡ଼ିଶାରେ ତୀବ୍ର ହେପାଟାଇଟିସ୍ ରୋଗୀଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ହେପାଟାଇଟିସ୍-ବି ଆକ୍ରାନ୍ତ ହୋଇଥିବାବେଳେ ପ୍ରାଥମିକ ଯକୃତ କର୍କଟ ରୋଗର ପ୍ରାୟ ୭୫ ପ୍ରତିଶତ ଘଟଣା ହେପାଟାଇଟିସ୍-ବି ସହ ସମ୍ପୃକ୍ତ। ଏହି ପରିସ୍ଥିତିରେ ସଚେତନତା, ଟିକାକରଣ ଓ ସମୟୋପଯୋଗୀ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଯୁକ୍ତରାଷ୍ଟ୍ରର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟସ୍ ଅଫ୍ ହେଲ୍ଥ (NIH), ବେଥେସ୍ଡାର ବିଶିଷ୍ଟ ହେପାଟୋଲୋଜିଷ୍ଟ ଡ଼ଃ ମାର୍କ ଘାନିଙ୍କୁ ଚଳିତ ବର୍ଷର ସମ୍ମାନଜନକ "ବ୍ଲୁମବର୍ଗ ଓରେସନ୍" ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ତାଙ୍କ ବକ୍ତବ୍ୟରେ ହେପାଟାଇଟିସ୍-ବିକୁ ନେଇ ସମାଜରେ ଥିବା କଳଙ୍କ ଦୂର କରିବା ସହିତ ସମସ୍ତ ବର୍ଗର ଲୋକଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ସେବାକୁ ସହଜଲଭ୍ୟ କରିବାର ଆହ୍ୱାନ ଜଣାଇଥିଲେ।

# ଉଜ୍ଜୀବନ ସ୍ମଲ ଫାଇନାନ୍ସ ଓ ଟାଟା ଏଆଇଜି ମଧ୍ୟରେ ସହଭାଗିତା

**ଭୁବନେଶ୍ୱର, ୩୧।୭ (ନି.ପ୍ର)** : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭାରତବ୍ୟାପୀ ଏହାର ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ସାଧାରଣ ବୀମା ସମାଧାନ ପ୍ରଦାନ କରିବା ପାଇଁ ଟାଟା ଏଆଇଜି ଜେନେରାଲ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ସହ ଏକ ସହଭାଗିତା ଘୋଷଣା କରିଛି। ଟାଟା ଏଆଇଜିର ବୀମା ସମାଧାନର ବିସ୍ତୃତ ପୋର୍ଟଫୋଲିଓକୁ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଥିବା ୭୦୦ରୁ ଅଧିକ ବ୍ରାଂଚ ଏବଂ ବ୍ୟାଙ୍କିଙ୍ଗ ଟଚପଏଂଟ ନେଟୱର୍କ ମାଧ୍ୟମରେ ଉପଲବ୍ଧ କରାଯିବ। ଏହି ସହଭାଗିତା ରିଟେଲ, ଏମଏସଏମଇ, ଯାନବାହନ ଋଣ ଓ ଗୃହ ଋଣ ବର୍ଗରେ ଗ୍ରାହକଙ୍କୁ ସେମାନଙ୍କର ବିକଶିତ ଆର୍ଥିକ ଓ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ବୀମା ସମାଧାନ ଉପଲବ୍ଧ କରିବ। ଟାଟା ଏଆଇଜି ଗ୍ରାହକ ସମ୍ପୃକ୍ତିରେ ସହଯୋଗ କରିବା, ବୀମା ସର୍ଭିସିଂ ଓ ସହାୟତା ପ୍ରଦାନ କରିବା ପାଇଁ ପ୍ରମୁଖ ବ୍ରାଂଚଗୁଡିକରେ ଟିମ୍ ନିୟୋଜିତ କରିବ।


ଏହି ସହଭାଗିତା ସମ୍ପର୍କରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟବିଲିଟିଜ୍, ଟିଏଏସସି ଓ ଟିପିପି ବିଭାଗର ମୁଖ୍ୟ ହିତେନ୍ଦ୍ର ଝା କହିଛନ୍ତି, 'ଏହି ସହଭାଗିତା ଉଜ୍ଜୀବନର ମଜବୁତ ଗ୍ରାହକ ସମ୍ପର୍କ ଏବଂ ବିସ୍ତୃତ ବିତରଣ ନେଟୱର୍କକୁ ଟାଟା ଏଆଇଜିର ବୀମା କ୍ଷେତ୍ରରେ ରହିଥିବା ବିଶେଷଜ୍ଞତା ସହ ଏକତ୍ରିତ କରିଛି, ଯାହା ଆମକୁ ଗୁଣାତ୍ମକ ସୁରକ୍ଷାକୁ ଅଧିକ ପହଂଚଯୋଗ୍ୟ ଓ ସୁବିଧାଜନକ କରିବା ପାଇଁ ସକ୍ଷମ କରିଛି। ଆମେ ଦୈନନ୍ଦିନ ବ୍ୟାଙ୍କିଙ୍ଗ ସହ ଜଡିତ ସହଜ, ଗ୍ରାହକ-କୈନ୍ଦ୍ରିକ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଏବଂ ଆକାଂକ୍ଷୀ ସମୁଦାୟଗୁଡିକ ପାଇଁ ବୀମାର ଉପଲବ୍ଧତା ବୃଦ୍ଧି କରୁଛୁ। ଏହି ସହଭାଗିତା ଉପରେ ଟାଟା ଏଆଇଜିର ବ୍ୟାଙ୍କାସ୍ୟୁରାନ୍ସ ବିଭାଗ ମୁଖ୍ୟ ଏଝିଲାରାସନ ରାମାଲିଙ୍ଗମ କହିଛନ୍ତି, 'ଟାଟା ଏଆଇଜିରେ ଆମେ ଗ୍ରାହକଙ୍କ ପାଇଁ ସେମାନଙ୍କର ଦୈନିକ ଆର୍ଥିକ ଯାତ୍ରାର ଅଂଶ ଭାବେ ବୀମାକୁ ଅଧିକ ସରଳ ଓ ପହଂଚଯୋଗ୍ୟ କରିଛୁ। ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମଜବୁତ କଷ୍ଟମର ଫ୍ରାଂଚାଇଜି ସହ ଟାଟା ଏଆଇଜିର ବୀମା ବିଶେଷଜ୍ଞତାକୁ ଏକତ୍ରିତ କରି ଆମେ ସ୍ୱାସ୍ଥ୍ୟ, ମୋଟର, ଗୃହ ଓ ଏମଏସଏଇ କ୍ଷେତ୍ରରେ ଗ୍ରାହକଙ୍କ ସୁରକ୍ଷା ଆବଶ୍ୟକତାକୁ ପୂରଣ କରୁଥିବା ପ୍ରାସଙ୍ଗିକ ଓ ଅଭିନବ ବୀମା ସମାଧାନ ପ୍ରଦାନ କରିବା ପାଇଁ ସୁବ୍ୟବସ୍ଥିତ ରହିଛୁ।

# ବ୍ୟାଙ୍କ୍ ଅଫ୍ ବରୋଦାର ୨୦୨୬-୨୭ ପ୍ରଥମ ତ୍ରୈମାସିକରେ ନିଟ୍ ଲାଭ ୧୨୭୮ କୋଟି ଟଙ୍କା

**ଭୁବନେଶ୍ୱର, ୩୧।୭ (ନି.ପ୍ର)** : ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ବ୍ୟାଙ୍କ ଏହି ତ୍ରୈମାସିକରେ ୧୨୭୮ କୋଟି ଟଙ୍କାର ନିଟ୍ ଲାଭ କରିଛି। ଏହାର ନିଟ୍ ସୁଧ ଆୟ ୯.୫ ପ୍ରତିଶତ ବୃଦ୍ଧି ପାଇ ୧୨,୫୨୪ କୋଟି ଟଙ୍କା ହୋଇଛି। ଅଣ ସୁଧ ଆୟ ୩୪୭୦ କୋଟି ଟଙ୍କା ରହିଛି। ପରିଚାଳନା ଲାଭ ୮୧୨୭ କୋଟି ଟଙ୍କା, ସଂପତି ଉପରେ ରିଟର୍ଣ୍ଣ (ଆରଓଏ) ୦.୨୫ ପ୍ରତିଶତ, ଇକ୍ୱିଟି ଉପରେ ରିଟର୍ଣ୍ଣ (ଆରଓଇ) ୩.୮୯ ପ୍ରତିଶତ ରହିଛି। ଏହି ତୈୟମାସିକରେ ବ୍ୟାଙ୍କ୍ ଅଫ୍ ବରୋଦାର ମୋଟ ଏନପିଏ ୧.୯୯ ପ୍ରତିଶତ, ନିଟ୍ ଏନପିଏ ୦.୫୦ ପ୍ରତିଶତ ହୋଇଛି। ପ୍ରୋଭିଜନ କଭରେଜ ରେସିଓ ୯୩.୨୮ ପ୍ରତିଶତ, ସ୍ଲିପେଜ ରେସିଓ ୦.୯୧ ପ୍ରତିଶତ ଓ ଋଣ ଖର୍ଚ୍ଚ ୦.୨୯ ପ୍ରତିଶତ ରହିଛି। ପ୍ରି ସ୍ୱଚ୍ଛତା ହାର ମଧ୍ୟରେ ସିଆରଏଆର ୧୬.୩୦ ପ୍ରତିଶତ ଓ ତ୍ରୈମାସିକ ହାରାହାରି ଲିକ୍ୱିଡିଟି କଭରେଜ ରେସିଓ ୧୨୭ ପ୍ରତିଶତ ରହିଛି। ବ୍ୟାଙ୍କ ଘରୋଇ ଅଗ୍ରିମ ୧୬.୧ ପ୍ରତିଶତ ବୃଦ୍ଧି ପାଇ ୧୧,୫୦,୯୦୬ କୋଟି ଟଙ୍କା, ବିଶ୍ୱସ୍ତରୀୟ ଅଗ୍ରିମ ୧୭.୪ ପ୍ରତିଶତ ବୃଦ୍ଧି ପାଇ ୧୪,୧୬,୮୯୮ କୋଟି ଟଙ୍କା, ଅନ୍ତର୍ଜାତୀୟ ଅଗ୍ରିମ ୨୩.୩ ପ୍ରତିଶତ ବୃଦ୍ଧି ପାଇ ୨,୬୫,୯୯୨ କୋଟି ଟଙ୍କା ରହିଛି। ଘରୋଇ ଜମା ପରିମାଣ ୧୪.୭ ପ୍ରତିଶତ ବୃଦ୍ଧି ପାଇ ୧୩,୮୧,୫୩୫ କୋଟି ଟଙ୍କା, ବିଶ୍ୱସ୍ତରୀୟ ଜମା ୧୩.୮ ପ୍ରତିଶତ ବୃଦ୍ଧି ପାଇ ୧୬,୩୫,୫୫୯ କୋଟି ଟଙ୍କା ରହିଛି। ଘରୋଇ କାସା ଜମା ପରିମାଣ ୧୦ ପ୍ରତିଶତ ବୃଦ୍ଧି ପାଇ ୫,୨୧,୧୪୯ କୋଟି ଟଙ୍କା ରହିଛି। ଅନ୍ତର୍ଜାତୀୟ ଜମା ୮.୯ ପ୍ରତିଶତ ବୃଦ୍ଧି ପାଇ ୨,୫୨,୦୨୪ କୋଟି ଟଙ୍କା ରହିଛି। ଖୁଚୁରା ଅଗ୍ରିମ ୧୮.୪ ପ୍ରତିଶତ, ଅଟୋମୋବାଇଲ ଋଣ ୨୫.୩ ପ୍ରତିଶତ, ବନ୍ଧକ ଋଣ ୨୭.୪ ପ୍ରତିଶତ, ଗୃହ ଋଣ ୧୪.୭ ପ୍ରତିଶତ ଓ ଶିକ୍ଷା ଋଣ ୧୦.୮ ପ୍ରତିଶତ ବୃଦ୍ଧି ପାଇଛି। କୃଷି ଋଣ ପରିମାଣ ୧୮.୭ ପ୍ରତିଶତ ବୃଦ୍ଧି ପାଇ ୧,୯୧,୯୮୯ କୋଟି ଟଙ୍କା ରହିଛି। ଏମ୍‌ଏସ୍‌ଏମ୍‌ଇ ପୋର୍ଟଫୋଲିଓ ୨୦.୩ ପ୍ରତିଶତ ବୃଦ୍ଧି ପାଇ ୧,୬୩,୨୬୪ କୋଟି ଟଙ୍କା ରହିଛି। କର୍ପୋରେଟ ଅଗ୍ରିମ ପରିମାଣ ୧୫.୩ ପ୍ରତିଶତ ବଢ଼ି ୪,୨୭,୦୮୨ କୋଟି ଟଙ୍କା ହୋଇଛି।

# ଅପହଞ୍ଚ ଇଲାକାର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍ : ଘରେ ଘରେ ପହଞ୍ଚୁଛି ସ୍ୱାସ୍ଥ୍ୟସେବା

**ବ୍ରହ୍ମପୁର, ୩୧।୭ (ନି.ପ୍ର)** : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ବ୍ୟାପକ କରାଯାଇଛି । ଏହି କ୍ରମରେ କମ୍ପାନୀର 'ଲ୍ୟାବ୍ ଅନ୍ ହ୍ୱିଲ୍ସ' ଅଭିଯାନ ମାଧ୍ୟମରେ ଦକ୍ଷିଣ ଓଡ଼ିଶାର ୪୧୪ଟି ଦୂରବର୍ତ୍ତୀ ଗାଁରେ ୮,୯୪୩ରୁ ଅଧିକ ରୋଗ ନିଦାନ ପରୀକ୍ଷା କରାଯାଇଛି । ଏହି ମୋବାଇଲ୍ ଡାୟାଗ୍ନୋଷ୍ଟିକ୍ ସେବା ଦକ୍ଷିଣ ଓଡ଼ିଶାର ପାହାଡ଼ି ଓ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମୁଦାୟଙ୍କୁ ବିଶେଷ ଭାବରେ ସହାୟକ ହେଉଛି । ଯାହା ସେମାନଙ୍କ ନିକଟରେ ପ୍ରତ୍ୟକ୍ଷ ଭାବେ ଲ୍ୟାବୋରେଟୋରୀ ସୁବିଧା ପହଞ୍ଚାଇବା ସାଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବାର ଅଭାବକୁ ପୂରଣ କରିବାରେ ସମର୍ଥ ହୋଇଛି । ଏହି ଉଦ୍ୟମ ଦକ୍ଷିଣ ଓଡ଼ିଶାର ଦୂରବର୍ତ୍ତୀ, ପାହାଡ଼ି ଓ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମୁଦାୟ, ବରିଷ୍ଠ ନାଗରିକ, ମହିଳା ଏବଂ ଅନ୍ୟାନ୍ୟ ଗ୍ରାମୀଣ ବାସିନ୍ଦାଙ୍କ ନିକଟରେ ସିଧାସଳଖ ଗୁଣାତ୍ମକ ଡାୟାଗ୍ନୋଷ୍ଟିକ୍ ସେବା ପହଞ୍ଚାଉଛି । କମ୍ପାନୀ ତରଫରୁ ଯୋଗାଇ ଦିଆଯାଉଥିବା ଏହି ସେବା ମାଲକାନଗିରି ଜିଲ୍ଲାର ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ତଥା ବୋଣ୍ଡା ଓ ଦିଦାୟୀ ଜନଜାତିଙ୍କ ପାଇଁ ବିଶେଷ ଭାବେ ଲାଭଦାୟକ ହୋଇଛି । ଯେଉଁଠାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବା ଏକ ବଡ଼ ଆହ୍ୱାନ ଭାବେ ରହି ଆସିଛି । ସେପ୍ଟେମ୍ବର ୨୦୨୫ରେ କୋରାପୁଟ ଜିଲ୍ଲାର ବୈପାରିଗୁଡାରୁ ପ୍ରାଥମିକ ସ୍ତରରେ ଆରମ୍ଭ ହୋଇଥିବା



ଏହି ଅଭିଯାନ ବର୍ତ୍ତମାନ କୋରାପୁଟ, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାରେ ସେବା ଯୋଗାଉଛି । ଯାହା ଓଡ଼ିଶାର ତିନୋଟି ଜନଜାତି ବହୁଳ ଜିଲ୍ଲା ଭାବେ ଜଣା । ପୂର୍ବ ଘାଟ ପର୍ବତମାଳାର ଘନ ଜଙ୍ଗଲ, ବିକ୍ଷିପ୍ତ ଜନବସତି ଓ କଷ୍ଟକର ଯୋଗାଯୋଗ ବ୍ୟବସ୍ଥା ଥିବା ଭାବେ ଜଣା ଏହି ଜିଲ୍ଲାଗୁଡ଼ିକ ବିଭିନ୍ନ ଜନଜାତି ସମୁଦାୟଙ୍କର ବାସସ୍ଥାନ । କୋରାପୁଟରେ ଗଦବା, ପରଜା ପ୍ରଭୃତି ଅନୁସୂଚିତ ଜନଜାତି ବସବାସ କରନ୍ତି । ସେହିଭଳି କନ୍ଧମାଳ ହେଉଛି ମୁଖ୍ୟତଃ କନ୍ଧ ଜନଜାତିର ଘର; ଏବଂ ମାଲକାନଗିରିରେ ଭାରତର ସବୁଠାରୁ ଦୁର୍ବଳ ଆଦିବାସୀ ସମୁଦାୟ ତଥା ବୋଣ୍ଡା ଓ ଦିଦାୟୀଙ୍କ ଭଳି ପିଭିଟିଜିଙ୍କ ଏହା ହେଉଛି ବାସସ୍ଥାନ। 'ଲ୍ୟାବ୍ ଅନ୍ ହ୍ୱିଲ୍ସ' ଏକ ସମ୍ପୂର୍ଣ୍ଣ ସଜ୍ଜିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା (ଏମ୍‌ଏଚ୍‌ଡି) ମାଧ୍ୟମରେ କାର୍ଯ୍ୟ କରୁଛି । ଯେଉଁଥିରେ ଏକ ଏକୀକୃତ ଲ୍ୟାବୋରେଟୋରୀର ସୁବିଧା ସାଙ୍ଗକୁ ଜଣେ ଡାକ୍ତର, ଲ୍ୟାବୋରେଟୋରୀ ଟେକ୍ନିସିଆନ, ଫାର୍ମାସିଷ୍ଟ ଓ ଷ୍ଟାଫ୍ ନର୍ସଙ୍କୁ ନେଇ ଏକ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସେବା ଦଳ ରହିଛି । ରୋଗୀମାନଙ୍କୁ ପ୍ରଥମେ ଡାକ୍ତର ପରୀକ୍ଷା କରନ୍ତି, ତା'ପରେ କ୍ଲିନିକାଲ୍ ମୂଲ୍ୟାଙ୍କନ ଆଧାରରେ ଲ୍ୟାବୋରେଟୋରୀ ପରୀକ୍ଷା ନିର୍ଦ୍ଦେଶ ଦିଆଯାଏ । ଏହି ଏକୀକୃତ ମଡେଲ୍ ମାଧ୍ୟମରେ ପରାମର୍ଶ, ରୋଗ ନିରୂପଣ, ଲ୍ୟାବୋରେଟୋରୀ ପରୀକ୍ଷା ଏବଂ ଔଷଧ ବିତରଣ ଆଦି କରାଯାଇଥାଏ। ଯାହା ରୋଗୀମାନଙ୍କୁ ଦୀର୍ଘ ଦୂରତ୍ୱ ପଥ ଅତିକ୍ରମ କରିବାରେ ରୋକିଥାଏ । ଅର୍ଥାତ୍ ଏହି ସେବା ଯୋଗୁଁ ସମସ୍ତ ସୁବିଧା ସେମାନଙ୍କ ପାଖରେ ଉପଲବ୍ଧ ହୋଇଥାଏ।



### ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣାରେ ରାଜ୍ୟ ଖାଦ୍ୟ ଅୟୋଗ ସଦସ୍ୟଙ୍କ ବିଦ୍ୟାଳୟ ପରିଦର୍ଶନ

# କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଡେଲାଙ୍ଗ,୩୧।୭ (ନି.ପ୍ର):** ଡେଲାଙ୍ଗ ବ୍ଲକ ଗୋଡିପୁଟ ମାଟିଆପଡା ପଂଚାୟତ ଅନ୍ତର୍ଗତ ଅରାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଦ୍ୟରେ ଝିଟିପିଟି ପଡିଥିଲା । ସେହି ଖାଦ୍ୟକୁ ଖାଇ ୩୩ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ । ଏହା ଏକ ସମ୍ବେଦନଶିଳ ଘଟଣା ହୋଇଥିବାରୁ ଶୁକ୍ରବାର ରାଜ୍ୟ ଖାଦ୍ୟ ଅୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ବିଦ୍ୟାଳୟକୁ ପରିଦର୍ଶନ ଆସିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ସହିତ ଆଲୋଚନା କରିବା ସହ ବିଦ୍ୟାଳୟର ପାରିପାର୍ଶିକ ଅବସ୍ଥା ବୁଲି ଦେଖିଥିଲେ । ମଧ୍ୟାହ୍ନ ଭୋଜନ ଖାଦ୍ୟ ରନ୍ଧା ସମୟରେ ହାତରେ ଗ୍ଲୋବ୍ସ , ମୁହଁରେ ମାକ୍ସ ଏବଂ ମୁଣ୍ଡରେ ସେପ୍ଟି କ୍ୟାପ ଲଗାଇ ନଥିବାରୁ ବିରକ୍ତି ପ୍ରକାଶ



କରିଥିଲେ । ତାଙ୍କ ଗସ୍ତ ସମୟରେ ପିପିଲି ଡେଲାଙ୍ଗ କଂଗ୍ରସ ନେତା ତଥା ପୁର୍ବତନ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରୟବ୍ରତ ସାମନ୍ତରାୟ,ବ୍ଲକ କଂଗ୍ରେସ ସଭାପତି ନିର୍ମଳ ପରିଡା,ବରିଷ୍ଠ କଂଗ୍ରେସ ନେତା ତଥା ପୁର୍ବତନ ସରପଂଚ ପ୍ରଦ୍ୟୁମ୍ନ ପରିଡା,ଚିତରଂଜନ ବିଧାର ,କ୍ଷେତ୍ରବାସୀ ସାହୁ, ଯୁବ କଂଗ୍ରସ ନେତା ବିଶ୍ୱ ରଞ୍ଜନ ବଳବନ୍ତରାୟ,ସଂଜୟ ବଶ୍ୱାଳ,ଧୁସାସନ ମାଣିଆ ପ୍ରମୁଖ ଉପସ୍ଥିତ ଥିଲେ । ଶୁକ୍ରବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଥିବା ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ପୀତବାସ ସେଠୀ ସୁଚନା ଦେଇଛନ୍ତି।

### ମହାନଦୀରେ ପ୍ରବଳ ସ୍ରୋତ ଜାରି : କଟକ ଜିଲ୍ଲା ପାଇଁ ଆହୁରି ୪୮ ଘଣ୍ଟା ସତର୍କତା

# ନଦୀଘାଟ ଓ ବାଲିଯାତ୍ରା ତଳ ପଡ଼ିଆକୁ ସାଧାରଣଙ୍କ ପ୍ରବେଶ ନିଷିଦ୍ଧ

**କଟକ, ୩୧।୭ (ନି.ପ୍ର) :** ମହାନଦୀରେ ବନ୍ୟାଜଳର ପ୍ରବାହ ହ୍ରାସ ପାଇବା ଆରମ୍ଭ ହୋଇଥିଲେ ମଧ ଏହାର ଗତି ଅତ୍ୟନ୍ତ ମନ୍ଥର ଥିବାରୁ କଟକ ଜିଲ୍ଲା ପ୍ରଶାସନ ଆହୁରି ୪୮ ଘଣ୍ଟା ପାଇଁ କଡ଼ା ସତର୍କତା ଜାରି ରଖିଛି। ମୁଣ୍ଡଳୀରେ ପ୍ରତି ୩ ଘଣ୍ଟାରେ ପ୍ରାୟ ୧୦ ହଜାର କ୍ୟୁସେକ୍ ଜଳ କମୁଥିବା ବେଳେ ନଦୀରେ ସ୍ରୋତ ଏବେ ମଧ ଅତ୍ୟନ୍ତ ପ୍ରବଳ ରହିଛି। ଏପରି ସ୍ଥିତିରେ ହୀରାକୁଦ ଜଳଭଣ୍ଡାରର ୨୨ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ଥିବାରୁ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ମୁଣ୍ଡଳୀରେ ଜଳପ୍ରବାହ ସମାନ ରହିବା କିମ୍ବା ସାମାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବନ୍ୟା ଆଶ୍ରୟସ୍ଥଳୀରେ ଥିବା ବିପନ୍ନମାନଙ୍କୁ ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ଓ କଟକ ମହାନଗର ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସତର୍କ ଦୃଷ୍ଟି ଦେବାକୁ କହିଛନ୍ତି। ବିପଦପ୍ରବଣ ଅଞ୍ଚଳରେ ମାଇକ ମାଧ୍ୟମରେ ପ୍ରଚାର କରାଯାଇ ସଚେତନତା ସୃଷ୍ଟି କରାଯିବ ସହ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକର ସମସ୍ତ ନଦୀଘାଟକୁ ସାଧାରଣ ଲୋକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନଦୀରେ ଗାଧୋଇବା, ପହଁରିବା, ଡଙ୍ଗା ଚଳାଚଳ, ସେଲ୍ ?ଫି ନେବା, ଜଳଧାର ନିକଟରେ ଠିଆ ହେବା ଏବଂ ଜିଲ୍ଲାର ସମସ୍ତ ବ୍ୟାରେଜ୍ ଅଞ୍ଚଳକୁ ଯିବା ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ସେହିପରି ବାଲିଯାତ୍ରା ତଳ ପଡ଼ିଆରେ ସାଧାରଣ ଲୋକଙ୍କ ଯାତାୟାତ, ସମାବେଶ ଓ ଭିଡ଼ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରାଯାଇଛି। ବ୍ୟାରେଜ୍, ସେତୁ କିମ୍ବା ନଦୀବନ୍ଧ ଉପରେ ଠିଆ ହୋଇ ବନ୍ୟାଜଳ ଦେଖିବା, ସେଲ୍ଫି ନେବା କିମ୍ବା ଭିଡିଓଗ୍ରାଫି କରିବା ମଧ କଡ଼ାକଡ଼ି ଭାବେ ନିଷିଦ୍ଧ ରହିବ। କେବଳ ଜରୁରୀକାଳୀନ ସେବା ଓ ବନ୍ୟା ପରିଚାଳନା ସହ ଜଡ଼ିତ ଅଧିକାରୀମାନେ ଏହି ଅଞ୍ଚଳକୁ ପ୍ରବେଶ କରିପାରିବେ। ନଦୀକୂଳ, ନଦୀଶଯ୍ୟା ଓ ତଳିଆ ଅଞ୍ଚଳରେ ଥିବା ସମସ୍ତ ମନ୍ଦିର ଓ ଧାର୍ମିକ ସ୍ଥାନକୁ ଭକ୍ତମାନଙ୍କ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାନଦୀ ଓ ଏହାର ଶାଖାନଦୀରେ ସମସ୍ତ ପ୍ରକାର ମାଛଧରା କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ମତ୍ସ୍ୟଜୀବୀମାନଙ୍କୁ ନଦୀକୁ ନ ଯିବାକୁ କଡ଼ା ଚେତାବନୀ ଦିଆଯାଇଛି। ତଳିଆ ଓ ବନ୍ୟାପ୍ରବଣ ଗ୍ରାମର ବାସିନ୍ଦା, ଚାଷୀ ଓ ଦୁଗ୍ଧଚାଷୀମାନଙ୍କୁ ସେମାନଙ୍କର ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ଓ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଯେଉଁ ରାସ୍ତା, ପୋଲ କିମ୍ବା କଲଭର୍ଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି, ସେଠାରେ ଯାନବାହନ ଓ ପଦଚାରୀଙ୍କ ଚଳାଚଳ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ରହିବ। ଜିଲ୍ଲା ପ୍ରଶାସନ 'ଶୂନ୍ୟ ଜୀବନହାନୀ' ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ବେଳେ ସାମାନ୍ୟ ଅବହେଳାକୁ ମଧ ଗୁରୁତର ଭାବେ ନିଆଯିବ ବୋଲି ସତର୍କ କରାଯାଇଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ, ଏହି ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୧ରୁ ୬୦ ସହ ଅନ୍ୟାନ୍ୟ ପ୍ରଯୁଜ୍ୟ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଓଜିବି ବ୍ୟାଙ୍କ ପକ୍ଷରୁ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

**କୋରାପୁଟ, ୩୧।୭ (ନି.ପ୍ର):** ଦଶମନ୍ତପୁର ନାବାର୍ଡର ଆର୍ଥିକ ସମାବେଶ ପାଣ୍ଠି ଅଧୀନରେ ଏଲ୍-ନିନୋ ପ୍ରଭାବିତ ଏବଂ ପିଏମଡିଡିକେୱାଇ ଜିଲ୍ଲାଗୁଡ଼ିକ ପାଇଁ ସମର୍ଥିତ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଦଶମନ୍ତପୁର ଶାଖା ପକ୍ଷରୁ ଏକ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର ଆୟୋଜିତ ହୋଇଥିଲା । ଶିବିରରେ ବ୍ୟାଙ୍କ ପରିଚାଳକ ବି ଭବଦ୍ୟୁତି ଭୋଇ, ବିପିଏମ୍ ଇନ୍ଚାର୍ଜ ଫିରଜ କୁମାର ଲିମା, ଏଫ୍ଡିଏଲ୍ସି କୋଅର୍ଡିନେଟର



ଦେବରାଜ ପଟ୍ଟନାୟକ, କ୍ରୁମ କନ୍ ସାରି , ଓଡ଼ିଶା ଜୀବିକା ସହାୟକ ତପନ କୁମାର ହିଆଲ, ବ୍ୟାଙ୍କ ମିତ୍ର ସୁଜାତା ଟେଟ୍ଟୀ, ଏମ୍ବିକେ ସନ୍ତୋଷୀ ମହାରଣା, ଏଲ୍ଏସ୍ପି ତପନ କୁମାର ହିଆଲ, ଅଙ୍ଗନବାଡି ଏବଂ ଏସ୍ ଏଚ୍ ଜି ମହିଳା ଇତ୍ୟାଦି ଉପସ୍ଥିତ ରହି ଅଞ୍ଚଳବାସୀଙ୍କୁ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଖାତା ଏବଂ ସାମାଜିକ ସୁରକ୍ଷା ଯୋଜନା ଓ ପୁନଃ କେୱାଇସି ର ଆବଶ୍ୟକତା, ନାମାଙ୍କନ ଓ ମୃତ୍ୟୁ ଦାବିର ସମାଧାନ, ଏବଂ ଦାବିହୀନ ଜମା ଓ ଡିଇଏଏଫ୍ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ଶିବିରରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କୃଷକ ଓ ସାଧାରଣ ଜନସାଧାରଣଙ୍କୁ ଡିଜିଟାଲ ବ୍ୟାଙ୍କିଙ୍ଗ, ସୁରକ୍ଷିତ ଅନ୍ଲାଇନ୍ କାରବାର ଏବଂ ସାଇବର ଠକେଇରୁ ସତର୍କ ରହିବା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ବୃଦ୍ଧି ପାଇବା ସହ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ ।

# ବାରପୁଡୁଗିଆରେ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ

**ବଲାଙ୍ଗିର,୩୧/୭ (ନି.ପ୍ର):** ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧ୍ୟାତ୍ମିକ ଭାବ ଜାଗରଣ ତଥା ପ୍ରଚାର ପ୍ରସାର ନିମିତ୍ତ ସମର୍ପିତ ସଂଗଠନ "ଭାଗବତ ଚେତନା ପରିଷଦ" ବାନ୍ଧନଘୋର ପକ୍ଷରୁ ବାରପୁଡୁଗିଆ ଶିବାଶ୍ରମ ସେବା ପ୍ରତିଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗ ରେ ପବିତ୍ର ଆଷାଢ଼ ଗୁରୁପୂର୍ଣ୍ଣିମା ଉତ୍ସବ ଆୟୋଜିତ ହୋଇଯାଇଅଛି । ବିଶିଷ୍ଟ



ସମାଜସେବୀ ତଥା ଜିଲ୍ଲା ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ବାରପୁଡୁଗିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ଏକ୍କା ସଭାପତିତ୍ୱ କରିଥିଲେ। ପ୍ରଥମ ଗୁରୁ ବନ୍ଦନା ପରେ ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଙ୍କୁ ଫୁଲ ଚନ୍ଦନ ଦୀପ ଉତ୍ତରୀୟ ଦେଇ ଗୁରୁପୁଜନ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ସ୍ଥାନୀୟ ଅବସରପ୍ରାପ୍ତ ଗୁରୁଜୀ ତଥା ସାହିତ୍ୟିକ କଳାପ୍ରେମୀ ପ୍ରଶନ୍ନ କୁମାର ମିଶ୍ର ଓ ପରଂପରା କ୍ରମେ ପାଦଧୋତ ପୂର୍ବକ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଭଗବତ ଚେତନା ପରିଷଦର ସଭାପତି ମଳୟ ଆନନ୍ଦ କୁମାର ତ୍ରିପାଠୀ ଙ୍କ ତତ୍ୱାବଧାନରେ ସଂପାଦକ ମନ୍ମଥ ତ୍ରିପାଠି, କାର୍ତ୍ତିକ ସାହୁ, ନିଳାମ୍ବର ନାଏକ, ରଂଜିତ ବେହେରା, ନେପାଲ ପ୍ରଧାନ ପ୍ରମୁଖ ଗୁରୁଜୀ ମିଶ୍ରଙ୍କୁ ମାନପତ୍ର ଦେଇ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନିତ କରିଥିଲେ । ଶ୍ରୀ ମିଶ୍ର ତିନି ଗୋଟି ଭଜନ ପୁସ୍ତକ ଭକ୍ତିପୁଷ୍ପାଞ୍ଜଳି, ଭକ୍ତି ମଂଜରୀ ଓ ଭକ୍ତି ଚନ୍ଦନ ପ୍ରକାଶ କରିଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅମୃତା କର, ନିର୍ଝରିକା ନାୟକ, ଲିଲି ପଣ୍ଡା, ରବିଚନ୍ଦ୍ର ଧରୁଆ, ଉମେଶ ନାଗ, ସୁମନ୍ତ ସାହୁ, ଗୋବର୍ଦ୍ଧନ ଭୋଇ, ସୁମନ୍ତ କୁମାର ନାଗ, ଜତିନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ / ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରମୋଦ କର୍ମୀ ଧନ୍ୟବାଦ ଜ୍ଞାପନ କରିଥିଲେ । ସଦାନନ୍ଦ ମହଲା, ପରମେ ନାଏକ, ବିକାଶ ନାଏକ, ସଂଜୟ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଚାକିରୀ କରାଇଦେବା ଆଳରେ ୯ଲକ୍ଷ ଟଙ୍କା ଠକେଇ

**ବଲଙ୍ଗା,୩୧।୭ (ନି.ପ୍ର):** ଶ୍ରୀ ମନ୍ଦିରରେ ପୋଲିସ ଚାକିରୀ କରାଇଦେବା ଆଳରେ ଜଣେ ମହିଳା ବଲଙ୍ଗା ଅଞ୍ଚଳର ବିଭିନ୍ନ ଯୁବକ ମାନଙ୍କ ଠାରୁ ୯ଲକ୍ଷ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ଏହି ଥାନା ଅନ୍ତର୍ଗତ ବଳରାମପୁର ଗଡ଼ ଗ୍ରାମର ବିପ୍ରସେନ ଭୋଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୧ବର୍ଷ ତଳେ ଶ୍ରୀ ମନ୍ଦିରରେ ଜେ ଟି ପି ପଦବୀ ବାହାରିଥିଲା । ଏହି ଥାନା ଅନ୍ତର୍ଗତ ଉଛୁପୁର ଗ୍ରାମର ରଞ୍ଜନ ବେହେରାଙ୍କ ପତ୍ନୀ ପ୍ରଭାତି ବେହେରା ପୁରୀରେ ରହୁଥିବାରୁ ସେ ଶ୍ରୀ ମନ୍ଦିରରେ ଜଣେ ଅଫିସର ତାଙ୍କର ଚିହ୍ନାଜଣା ଥିଲା ବେଳେ ପୂର୍ବରୁ ଉକ୍ତ ଅଫିସରଙ୍କ ମାଧ୍ୟମରେ କିଛି ପିଲାଙ୍କୁ ଚାକିରୀ ମିଳିଛି। ତେଣୁ ଚାକିରୀ ପାଇଁ କିଛି ପିଲା ଯୋଗାଡ କରିବାକୁ କହି ସେମାନଙ୍କ ଠାରୁ ଟଙ୍କା ଆଦାୟ କରିବାକୁ କହିଥିଲା । ଆଦାୟ ଟଙ୍କାରୁ ୬୦ଭାଗ ଅଫିସର ନେବେ ଓ ବାକି ୪୦ଭାଗ ଆମେ ରଖିବା ବୋଲି ପ୍ରଭାତୀ କହିଥିଲେ। ଫଳରେ ବିପ୍ରସେନ ଲୋଭର ବଶବର୍ତ୍ତି ହୋଇ ୬୦ଜଣ ପିଲାଙ୍କ ଠାରୁ ୯ ଲକ୍ଷ ଟଙ୍କା ଆଦାୟ କରି ପ୍ରଭାତିଙ୍କ କହିବା ଅନୁସାରେ ଚନ୍ଦନପୁର ଥାନା ଅନ୍ତର୍ଗତ ରାସ୍ତାପୁର ଗ୍ରାମର ଚନ୍ଦନ କୁମାର ଭୋଇଙ୍କ ପତ୍ନୀ ବନିତା ଭୋଇଙ୍କୁ ଫୋନ ପେ ମାଧ୍ୟମରେ ୬ଲକ୍ଷ ଓ ହାତକୁ ୩ଲକ୍ଷ ଟଙ୍କା ଦେଇଥିଲେ। ତେବେ ଦୀର୍ଘ ଦିନ ପରେ ଚାକିରୀ ନ ମିଳିବାରୁ ଟଙ୍କା ଦେଇଥିବା ଯୁବକ ମାନେ ବିରସେନଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ବିପ୍ରସେନ ପ୍ରଭାତିଙ୍କୁ ଟଙ୍କା ମାଗିବାରୁ ବନିତା ଟଙ୍କା ଦେଲେ ସେ ଫେରେଇ ଦେବେ ବୋଲି କହି ଟଙ୍କା ଦେଇନଥିଲେ । ଅନ୍ୟ ପଟେ ଟଙ୍କା ଦେଇଥିବା ଯୁବକ ମାନେ ବିପ୍ରସେନଙ୍କ ଘରକୁ ଆସି ଟଙ୍କା ପାଇଁ ପାଟିତୁଣ୍ଡ କରୁଥିବା ନେଇ ବିପ୍ରସେନ ଅଭିଯୋଗରେ ଦର୍ଶାଇଛନ୍ତି। ସେହିଭଳି ପ୍ରଭାତି ତାଙ୍କ ଗ୍ରାମର ବିଜୟ ବେହେରାଙ୍କ ମାଧ୍ୟମରେ ସମାନ ଢଙ୍ଗରେ ୧୨ଜଣ ପିଲାଙ୍କ ଠାରୁ ୨ଲକ୍ଷ ୪୦ହଜାର ଟଙ୍କା ଠକି ନେଇଥିବା ଜଣା ପଡିଛି।

# ପ୍ରଧାନ ଶିକ୍ଷୟିତ୍ରୀ ରୁନୁବାଳା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଡେଲାଙ୍ଗ,୩୧।୭ (ନି.ପ୍ର):** ଡେଲାଙ୍ଗ ବ୍ଲକ ଶ୍ରୀପୁରୁଷୋତ୍ତମପୁର ପଂଚାୟତ ର ଗଉଡକେରା ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ରୁନୁବାଳା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଛି । ଏଥିରେ ଅବସରପ୍ରାପ୍ତ ଏବିଇଓ ଶ୍ୟାମସୁନ୍ଦର ଦାସ ଅଧ୍ୟକ୍ଷତାରେ କରିଥିଲେ। ଏହି ଅବସରକାଳୀନ ସଭାରେ ପ୍ରାକ୍ତନ ବିଇଓ ଯୁଧିଷ୍ଠିର ପରିଡ଼ା,ଏବିଇଓ ଲକ୍ଷ୍ମଣ ପ୍ରଧାନ, ସଞ୍ଜୁକ୍ତା ମିଶ୍ର, ଛାଟୋଇ ମୋଦିଲାଲ, ସ୍ଥାନୀୟ ସରପଞ୍ଚ ହିରଣ୍ମୟୀ ମହାପାତ୍ର ,ଶିକ୍ଷାବିତ୍ ବିଭୂତି ଭୂଷଣ ହୋତା, ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ଦିଗମ୍ବର ରଥ, ପ୍ରଶାନ୍ତ ଦାସ, ପରିବେଶ ପ୍ରେମୀ ଶିକ୍ଷକ ମିଟୁ କିଶୋର ପ୍ରଧାନ, ଶିକ୍ଷାପ୍ରେମୀ ଗୋପାଳ ମହାପାତ୍ର, ସତ୍ୟବାଦୀର ବରିଷ୍ଠ ଶିକ୍ଷକ କୈଳାଶ



ତ୍ରିପାଠୀ, ସମାଜ ସେବୀ ଗଦାଧର ପ୍ରଧାନ, ଲକ୍ଷ୍ମୀ ନାରାୟଣ ପାଠୀ, ସିଆରସିସି ପବିତ୍ର ପଣ୍ଡା, ଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠୀ, ସୁରେନ୍ଦ୍ର ନାୟକ, ପବିତ୍ର ଜେନା, ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭୟ ଚରଣ ସାହୁ, ଶିକ୍ଷକ ମନୋରଞ୍ଜନ ଜେନା, ଶିକ୍ଷୟିତ୍ରୀ ସ୍ମୃତିରେଖା ମହାପାତ୍ର, ମମତା ପ୍ରଧାନ, ଯୁବ ପ୍ରତିଭା ସ୍ମୃତିକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀମତୀ ମହାପାତ୍ରଙ୍କ ବିଦ୍ୟାଳୟ ପ୍ରତି ଅବଦାନ କୁ ଭୂୟସୀ ପ୍ରଂଶସା କରିଥିଲେ। ଛାତ୍ର ଛାତ୍ରୀଙ୍କ ସାମଗ୍ରୀକ ଉନ୍ନତି ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଓ ସହନଶୀଳ ସ୍ନେହୀ ଗୁଣ ସବୁଦିନ ସମସ୍ତଙ୍କର ମନେରହିବ ବୋଲି ପ୍ରକାଶ କରି ଗୁରୁ ମାନେ ହିଁ ସମାଜର ଶ୍ରେଷ୍ଠ ପଥ ପ୍ରଦର୍ଶକ ବୋଲି କହିଥିଲେ। ଶିକ୍ଷାବିତ୍ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ର ଓ ପ୍ରଧାନ ଶିକ୍ଷକ ଫକୀର ଚନ୍ଦ୍ର ଦାସ ମାନପତ୍ର ପାଠ କରିଥିଲେ । ଶିକ୍ଷୟିତ୍ରୀ, ଜ୍ୟୋତିର୍ମୟୀ ଦେବୀ, ପ୍ରଣତି ମହାପାତ୍ର, ଦିପ୍ତିମୟୀ ପରମଗୁରୁ ,ଛବିରାଣୀ ସାହୁ, ସୁନିତା ମହାନ୍ତି, ପ୍ରଧାନ ଶିକ୍ଷକ ବିକ୍ରମ ପାତ୍ର, ନୀଳକଣ୍ଠ ଟିନେରା, ଲକ୍ଷ୍ମଣ ପୂଝାରୀ ପ୍ରାକ୍ତନ ଶିକ୍ଷକ ପ୍ରତାପ ବିଶୋଇ ଛାତ୍ର ଛାତ୍ରୀ, ଗଉଡକେରା ଚିତ୍ତଳପୁର ଗ୍ରାମବାସୀ, କମିଟି ସଭ୍ୟ ସଭ୍ୟା, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସଭାରେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ତାଙ୍କର ନିରାମୟ ଜୀବନ କାମନା କରିଥିଲେ । ମଣ୍ଡଳ କାର୍ଯ୍ୟାଳୟ ତରଫରୁ ସମସ୍ତେ ଯୋଗଦେଇ ତାଙ୍କୁ ପେନସନ ପେପର ପ୍ରଦାନ କରିଥିଲେ।

# ଗଣଶିକ୍ଷା ସଚିବ ଏନ୍. ତିରୁମାଲା ନାଏକ୍ଙ୍କ ମାଲକାନଗିରିରେ ଶିକ୍ଷା ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

**ମାଲକାନଗିରି,୩୧।୭ (ନି.ପ୍ର):** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ତଥା ଜିଲ୍ଲା ପ୍ରଭାରୀ ଅଧିକାରୀ ଏନ୍. ତିରୁମାଲା ନାଏକ୍ ଆଜିଠାରୁ ମାଲକାନଗିରି ଜିଲ୍ଲାକୁ ଦୁଇ ଦିନିଆ ସରକାରୀ ଗସ୍ତ କରିଛନ୍ତି। ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଅଟେ ଗସ୍ତର ପ୍ରଥମ ଦିନରେ ସଚିବ ଶ୍ରୀ ନାଏକ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ବଡ଼ବେଲ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଖଇରପୁଟର ମୁଣ୍ଡିଗୁଡା ଉଚ୍ଚ ବିଦ୍ୟାଳୟ ଏବଂ ଚିତ୍ରକୋଣ୍ଡାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆଦି ଅଞ୍ଚଳ ଗସ୍ତ କରି ବିଭିନ୍ନ ଚାଲୁ ରହିଥିବା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ କହିଛନ୍ତି ଯେ, ଜିଲ୍ଲାର ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ଆମର ପ୍ରାଥମିକତା। ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦ୍ୱାରା ହିଁ ମାଲକାନଗିରିର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଅଣାଯାଇପାରିବ।ଏହା ସହିତ ସେ ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟ, ଗ୍ରାମୀଣ ଆବାସ ଯୋଜନା ଓ ସ୍ୱଚ୍ଛ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ



ତଦାରଖ କରିଥିଲେ। ପରିଦର୍ଶନ ସମୟରେ ସେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହ ସହଜ ଓ ସରଳ ଭାବେ ମିଶିବା ସହ ସେମାନଙ୍କ ସହିତ ବସି ମଧ୍ୟାହ୍ନ ଭୋଜନ କରିଥିଲେ, ଯାହା ପିଲାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି।ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ସଚିବଙ୍କ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଏବଂ ସମ୍ପୃକ୍ତ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ସାମିଲ ହୋଇ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲାରେ ଶିକ୍ଷାର ବିକାଶ ଓ ଚାଲୁ ରହିଥିବା ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସଚିବ ଶ୍ରୀ ନାଏକ୍ ଆସନ୍ତାକାଲି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିବେ। ଏହି ବୈଠକରେ ଜିଲ୍ଲାର ବିକାଶ ପାଇଁ ସେ କେତେକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାର କାର୍ଯ୍ୟକ୍ରମ ରହିଛି।

### କଟକ ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

# ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ଜୋରଦାର

### ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା

**କଟକ,୩୧।୭ (ନି.ପ୍ର) :** କଟକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ନଜର ରଖାଯାଉଥିବା ବେଳେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ୨ଟି ବ୍ଲକର ୧୨ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ୮୫୧ ଜଣଙ୍କୁ ସୁରକ୍ଷିତ ସ୍ଥାନ ଏବଂ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ଆଶ୍ରୟ କେନ୍ଦ୍ରରେ ରହୁଥିବା ସମସ୍ତ ପ୍ରଭାବିତ ପରିବାରଙ୍କୁ ନିୟମିତ ଭାବେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ଟିଗିରିଆ ବ୍ଲକର କାଳିବିରି ଗ୍ରାମରେ ଜଳବନ୍ଦୀ ହୋଇଥିବା ପରିବାରମାନଙ୍କ ନିକଟରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୫ଟି ଡଙ୍ଗା, ୧୪ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଦଳ, ଗୋଟିଏ ଓଡ୍ରାଫ (ଡଉଜଇର) ଦଳ ଏବଂ ଗୋଟିଏ ଏନ୍ ?ଡିଆରଏଫ୍ (ଘଉଜର) ଦଳ ବିଭିନ୍ନ ଅଞ୍ଚଳରେ ମୁତୟନ ରହିଛନ୍ତି। ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ସହ ଆବଶ୍ୟକ ସାମଗ୍ରୀ ଡଙ୍ଗା ଦ୍ୱାରା ଯୋଗାଇଦିଆଯାଉଛି । ଉଦ୍ଧାର କାର୍ଯ୍ୟ ସମୟରେ କେଡ଼ିଏ(କଉଇ)ଅଞ୍ଚଳରେ ଫସି ରହିଥିବା ପଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସେହିପରି ବଇଦେଶ୍ୱର ଅଞ୍ଚଳରେ ଜଳବନ୍ଦୀ ହୋଇଥିବା ଶ୍ରମିକମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର କୌଣସି ନଦୀବନ୍ଧରେ ଘାଇ ସୃଷ୍ଟି ହୋଇନାହିଁ । ସେହିପରି କୌଣସି ମୃତାହତ କିମ୍ବା ଆହତଙ୍କ ସୂଚନା ମଧ୍ୟ ମିଳିନାହିଁ । ଜନସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସେତୁ ଓ ବ୍ୟାରେଜକୁ 'ନୋ ପାର୍କିଂ ଜୋନ୍' ଭାବେ ଘୋଷଣା କରାଯାଇଛି। ବନ୍ୟା ପରିସ୍ଥିତି ସମୟରେ ସେତୁ ଓ ବ୍ୟାରେଜ ଉପରେ ଅନାବଶ୍ୟକ ଭିଡ଼ ନ କରିବା, ସେଠାରେ ଯାନବାହନ ପାର୍କିଂ ନ କରିବା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟ ସମୟରେ ଜାରି କରାଯାଉଥିବା ସମସ୍ତ ପରାମର୍ଶ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ସାଧାରଣ ଜନତାଙ୍କୁ ସତର୍କ ରହିବା, ପ୍ରଶାସନ ସହ ସହଯୋଗ କରିବା ଏବଂ କେବଳ ସରକାରୀ ସୂଚନା ଉପରେ ଭରସା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବିୟୋଗରେ ଶୋକସଭା



**କୁଚିଣ୍ଡା,୩୧।୦୭(ନି.ପ୍ର):** ଶୁକ୍ରବାର ଦିନ ବକ୍ସମା ଠାରେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଅମର ଆତ୍ମା ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକସଭା ଅନୁଷ୍ଠିତ ହୋଇଥିଲା । ବକ୍ସମା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସରପଞ୍ଚ ସରସ୍ୱତୀ ଠାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଭିନ୍ନ ଗ୍ରାମର ଜନସାଧାରଣ, ବୁଦ୍ଧିଜୀବୀ ଓ ସୁଶାନ୍ତ ସିଂଙ୍କ ଅନୁଗାମୀ ବୃନ୍ଦ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକାକୁଳ ପରିବାରକୁ ସାନ୍ତନା ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶାର ଜଣେ ବରିଷ୍ଠ ନେତୃତ୍ୱ ତଥା ବିଜୁ ଜନତା ଦଳର ଦୃଢ଼ ସଂଗଠକ ଭାବେ ଶ୍ରୀ ସିଂ ତାଙ୍କ ଜୀବନ କାଳ ମଧ୍ୟରେ କରି ଯାଇଥିବା ବିଭିନ୍ନ ଲୋକହିତକର କାମ ,ଉନ୍ନୟନ ମୂଳକ କାର୍ଯ୍ୟ,ଭାଇ ଚାରା ଚିର ଦିନ ସ୍ମରଣୀୟ ହୋଇ ରହିବ ବୋଲି ବ୍ୟକ୍ତା ମତ ବ୍ୟକ୍ତ କରିଥିଲେ। ଏହି ସଭାରେ ପୂର୍ବତନ ସରପଞ୍ଚ ନବୀନ ମାଝୀ, ସାମ୍ବାଦିକ ସଞ୍ଜୟ ମିଶ୍ର, ବିଜେଡି ଗ୍ରାମ ପଞ୍ଚାୟତ ସଭାପତି ବିକାଶ ପୃଷ୍ଟେ, ସମାଜସେବୀ ସଞ୍ଜୀବ ଠାକୁର, ଯୁବ ନେତା ଶାନ୍ତନୁ ବୁଡା, ସୀତାରାମ ପ୍ରଧାନ, ହିମାଂଶୁ ଅମାତ, ବିଜୟ ମାଝୀଙ୍କ ସମେତ ବକ୍ସମା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# ଦାଦାବଟି ମାଗି ଆତଙ୍କ ଖେଳାଉଥିବା ଦୁଇ ଯୁବକ ଗିରଫ

**କାକଟପୁର, ୩୧/୭ (ନି.ପ୍ର):** କାକଟପୁର-କୋଣାର୍କ ମୁଖ୍ୟ ସଡ଼କର କୁଣ୍ଢେଇ ଛକ ନିକଟରେ ଦାଦାବଟି ଆଦାୟ କରି, ସ୍ଥାନୀୟ ବ୍ୟବସାୟୀ ଓ ରାସ୍ତାରେ ଯାଉଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଦୁଇ ଯୁବକଙ୍କୁ କାକଟପୁର ପୁଲିସ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା



ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ କାକଟପୁର ଥାନାର ଏଏସଆଇ ଜୟନ୍ତୀ ସାହୁ, କନଷ୍ଟେବଲ ବବ୍ରୁବାହନ ମହାନ୍ତି ଓ ହୋମଗାର୍ଡ ହୃଦାନନ୍ଦ ମିଶ୍ରଙ୍କ ସହ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ କୁଣ୍ଢେଇ ଛକରେ ତିନି ଜଣ ଯୁବକ ଲୁହା ରଡ୍ ଧରି ଦାଦାବଟି ମାଗି ସ୍ଥାନୀୟ ବ୍ୟବସାୟୀ ଓ ଗାଡ଼ି ଚାଳକଙ୍କୁ ଭୟଭୀତ କରୁଥିବା ନେଇ ବିଶ୍ୱସ୍ତ ସୂଚନା ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଥିଲା ଯେ ତିନି ଜଣ ଯୁବକ କାକଟପୁର-କୋଣାର୍କ ମୁଖ୍ୟ ସଡ଼କ ଅବରୋଧ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁହା ରଡ୍ ଦେଖାଇ ଲୋକଙ୍କୁ ଭୟଭୀତ କରି ଟଙ୍କା ଆଦାୟ କରିବାକୁ ଉଦ୍ୟମ କରୁଥିଲେ। ସେମାନଙ୍କ ଆତଙ୍କରେ ସ୍ଥାନୀୟ ବଜାର ଖାଁ ଖାଁ ହୋଇଯାଇଥିଲା ଏବଂ ଅନେକ ଦୋକାନୀ ଭୟରେ ଦୋକାନ ବନ୍ଦ କରି ଦେଇଥିଲେ। ମହିଳା ଓ ଶିଶୁମାନେ ମଧ୍ୟ ଘର ଭିତରେ ଆଶ୍ରୟ ନେଇଥିବା ପୁଲିସ କହିଛି। ପୁଲିସ ଗାଡ଼ି ଦେଖି ଅଭିଯୁକ୍ତ ମାନେ ପୁଲିସକୁ ଗାଳିଗୁଲଜ କରି ଲୁହା ରଡ୍ରେ ଆକ୍ରମଣ କରିବାକୁ ଚେଷ୍ଟା କରି ସହିତ ଫେରାର ହେବାକୁ ଉଦ୍ୟମ କରୁଥିଲେ । ପୁଲିସ ପିଛା କରି କୃଷ୍ଣନଗର ପାଟଣା ଗ୍ରାମର ସୁଧୀର କୁଣ୍ଡ (୩୦) ଏବଂ ଦହିଖିଆ ଗ୍ରାମର ବିଭୂ ପ୍ରସାଦ ପରିଡ଼ା (୨୫)ଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଖସି ପଳାଇବାରେ ସଫଳ ହୋଇଥିଲେ। ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଲୁହା ରଡ୍, ଏକ ୟାମାହା ଏଫଜେଡ୍ ମୋଟରସାଇକେଲ (ନଂ– OD 05 AQ 4410) ଏବଂ ଏକ ହୋଣ୍ଡା ଏସପି ସାଇନ୍ ୧୨୫ ମୋଟରସାଇକେଲ ( OD 13 R 5724) ଜବତ କରାଯାଇଛି। ଏ ନେଇ କାକଟପୁର ଥାନାରେ କେସ୍ ନଂ– ୨୭୫, ତାରିଖ ୩୧.୦୭.୨୦୨୬ରେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଶନିବାର ଅଦାଲତକୁ ଚାଲାଣ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# ପାରାଦୀପ ବନ୍ଦର ବ୍ରେକୱାଟର ରେ ମହିଳାଙ୍କ ମୃତ ଦେହ ଉଦ୍ଧାର

**ପାରାଦୀପ,୩୧/୭ (ନି.ପ୍ର):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ର ୫ ନମ୍ବର ଗେଟ ନିକଟରେ ଥିବା ବ୍ରେକୱାଟର ଠାରେ ଶୁକ୍ରବାର ସକାଳେ ଜଣେ ଅଚିହ୍ନା ମହିଳାଙ୍କ ମୃତ ଦେହ ଲାଗିଥିବା ଦେଖିବାକୁ ମିଳିଛି। ମୃତ ମହିଳାଙ୍କ ଶବକୁ ନେଇ ପୁଲିସ ଛାନ ଭିନ୍ନ କଲାପରେ ତେବେ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତ ମହିଳା ଜଣଙ୍କ ହେଲେ କଟକ ଜିଲ୍ଲାର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋପାଳନଗର ଗ୍ରାମର ଅରୁଣି ଭୋଇ (୫୦), ସ୍ୱାମୀ ସ୍ୱର୍ଗତ ଗୋଲେଖ ଭୋଇ ବୋଲି ପୁଲିସ ଜାଣିବାକୁ ପାଇଥିଲେ ଏବଂ ଗତ ଜୁଲାଇ ୨୯ ତାରିଖ ସକାଳ ଦଶ



ଟାରେ ସମୟରେ ସେ ଦେବୀକନ୍ଦଳ ନଦୀ କୁ ଗାଧୋଇବାକୁ ଯାଇ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ପରିବାର ଲୋକ ସେଠାରେ ଖୋଜାଖୋଜି କରି ନପାଇବାରୁ ଗୋବିନ୍ଦପୁର ଥାନାରେ ସମ୍ପୃକ୍ତ ମହିଳା ନିଖୋଜ ହୋଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ଆଜି ପାରାଦୀପ ବ୍ରେକୱାଟର ପାଖରେ ଏହି ଶବ ଲାଗିଥିବା ନେଇ ଖବର ପାଇବା ପରେ ତୁରନ୍ତ ଜଟାଧାରୀ ଥାନା ଅଧିକାରିଣୀ କଲ୍ୟାଣୀ କ୍ଷେଣ୍ଟ ଓ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବ କୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ପରେ ଶବକୁ ପରିବାର କୁ ହସ୍ତାନ୍ତର କରିଥିବା ନେଇ ଥାନା ଅଧିକାରିଣୀ କଲ୍ୟାଣୀ କ୍ଷେଣ୍ଟ ସୂଚନା ଦେଇଛନ୍ତି । ଏହା ଆତ୍ମହତ୍ୟା ନା ହତ୍ୟା କାରଣ ଅସ୍ପଷ୍ଟ ଥିବାବେଳେ ମେରାଇନ ପୋଲିସ ଶବକୁ ଜବତ କରି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଏହି ଥାନାରେ କମ ସଂଖ୍ୟକ ପୁଲିସ କର୍ମଚାରୀ ଥିବାରୁ ତଦନ୍ତରେ ପୁଲିସକୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ପରିକି ଅଯଥାରେ ପୋଲିସକୁ ଅନେକ ନିନ୍ଦା ମଧ୍ୟ ମୁଣ୍ଡେଇବାକୁ ପଡୁଛି । ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ପୁଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ବନ୍ୟା ପ୍ରଭାବିତ ଗ୍ରାମ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ବଲାଙ୍ଗୀର (୩୦/୦୭) : ଆଜି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ବଲାଙ୍ଗୀର ଲୋଇସିଂହାର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀରେ ପ୍ରଭାବିତ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଜଳବନ୍ଦୀ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି । ଗସ୍ତ ସମୟରେ ମାନ୍ୟବର ମନ୍ତ୍ରୀ ଜଳମଗ୍ନ ଅଞ୍ଚଳ ପାଦରେ ଚାଲି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ବିପଦପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ସେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ନୈଦିନ ସମସ୍ୟା, ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ



ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ।

ମାନ୍ୟବର ମନ୍ତ୍ରୀ ପ୍ରଭାବିତ ଲୋକମାନେ ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସହ ସର୍ବଦା ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଗସ୍ତ ସମୟରେ ଉପସ୍ଥିତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମାନ୍ୟବର ମନ୍ତ୍ରୀ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ରୋଗ ନିରାକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀମାନେ ମାନ୍ୟବର ମନ୍ତ୍ରୀଙ୍କୁ ନିଜ ମଧ୍ୟରେ ପାଇ ସେମାନଙ୍କ ବିଭିନ୍ନ ସମସ୍ୟା ଜଣାଇଥିଲେ। ମନ୍ତ୍ରୀ ସେମାନଙ୍କ ଅଭିଯୋଗ ଓ ଆବଶ୍ୟକତା ଧୈର୍ଯ୍ୟର ସହ ଶୁଣି ସମ୍ଭବ ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାନ୍ୟବର ମନ୍ତ୍ରୀ ପୁଇଁତଲା ବ୍ଲକର କୁଳେରବାହାଳୀ, ଲଷ୍ଟଲା, ଲୋଇସିଂହା ବ୍ଲକର ସେମେଲମୁଣ୍ଡା ,ଲୋଇସିଂହା ଘଇଉ, ଆଗଲପୁର ବ୍ଲକର ଡୁଙ୍ଗୁରିପାଲି, ରଫାଖାଳ, ବିନ୍ଧାପାଲି, କଣ୍ଡିପାଲି, ବାଇଗଣଖାରି ଛକ, ବାବୁସଡ଼, ଲାଟସର ଗାଁ ବୁଲି ଦେଖିଛନ୍ତି ଛ ତାଙ୍କର ଏହି ଗସ୍ତ ବେଳେ ଜିଲ୍ଲାପ୍ରଶାସନ ଏବଂ ବ୍ଲକ ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ ।

# ଯୋଗ ଭଳି ପବିତ୍ର ନାଁ ରେ ଲକ୍ଷାଧିକ ଟଙ୍କା ର ଆତ୍ମସାତ

ବ୍ୟାସନଗର,୩୧।୭: ଆମ ସରକାର ଆମ ପାଇଁ ପ୍ରାକୃତିକ ଉପାୟରେ ନିରୋଗ ରହିବା ପାଇଁ ଦୁଇ ଗୋଟି ସଂସ୍ଥା କାମ କରୁଛି ଯଥା AYUSH ଏବଂ NHM. ଏହି ସଂସ୍ଥା ମାଧ୍ୟମରେ ଯୋଗ ଶିକ୍ଷକ ମାନେ CHC, PHC, ବିଦ୍ୟାଳୟ ଓ ଗାଁ ରେ ଯୋଗ ଶିକ୍ଷା ଦେବା ପାଇଁ ନିୟୋଜିତ ଅଛନ୍ତି ଇଣଟଝଐ ର ଯୋଗ ଶିକ୍ଷକ ମାନେ ଟୋଟାଲ ୩୨ ମାନେ AYUSH ସେଣ୍ଟର ରେ ୨୦ଟି SESSION, COMMUMITY ରେ ୪ଟି ଏବଂ ବିଦ୍ୟାଳୟ ରେ ୮ଟି ନେବାର ନିୟମ ଅଛି NHM ରେ ଗୋଟେ ସେଣ୍ଟର ରେ ୨ଟି session ପ୍ରତି ସପ୍ତାହକୁ ନବାର ନିୟମ ଅଛି ଗୋଟେ session ମାନେ ୯୦ ମିନିଟ ସରକାର ଆମ ପାଇଁ କେତେ ସୁନ୍ଦର ଯୋଜନା କରିଛନ୍ତି ଯାହାଦ୍ୱାରା ସାଧାରଣ ଜନତା ଉପକୃତ ହେବାସହ ଯୋଗ ଶିକ୍ଷକ ମଧ୍ୟ ଉପକୃତ ହେବେ ହେଲେ ବିଡମ୍ବନାର କଥା ଯେ ଆମ ଦାନଗଦି ଏବଂ ସୁକିନ୍ଦା ବ୍ଲକ ରେ ବ୍ୟତିକ୍ରମ ଦେଖା ଯାଉଛି କାରଣ ଏ ୨ଟି ବ୍ଲକ ରେ ଭଦ୍ରକ ଜିଲ୍ଲା ର ୨ ଜଣ ଯୋଗ ଶିକ୍ଷକ ଯଥା ମନୋଜ ଲେଙ୍କା ଓ ବିଜୟ କୁମାର ଦାସ ଭଦ୍ରକ ରେ NHM ରେ ୨ଟି କରି ସେଣ୍ଟର ଓ AYUSH ରେ ଗୋଟେ ଗୋଟେ ସେଣ୍ଟର ପାଇଥିବା ବେଳେ ଯାଜପୁର ର ସୁକିନ୍ଦା ରେ ୪ଟି କରି ଏବଂ ଦାନଗଦି ରେ ୩ଟିକରି ସେଣ୍ଟର ପାଇଛନ୍ତି ଏଠାରେ ପ୍ରଶ୍ନ ସେମାନେ ଭଦ୍ରକ ରେ ଆୟୁଷ ର ୩୨ SESSION ଓ NHM ର ୧୬ଟି ଝରଝଝଓଙଘ ତା ପରେ ସେହି ଗୋଟେ ଦିନରେ ୧୦୦ରୁ ଉର୍ଦ୍ଧ କିମି ଦୂର ଯାଜପୁର ର ସୁକିନ୍ଦାରେ ୩୨ଟି SESSION ଦାନଗଦି ର ୨୪ଟି ମୋଟରେ ୧୦୪ଟି session ମାନେ ୯୩୬୦ ମିନିଟ କେମିତି ନେଉଛନ୍ତି ତାହା ମନରେ ପ୍ରଶ୍ନ ଆଣୁଛି ବିଭାଗ ର ଅଧିକାରୀ ମାନେ ଏ ପ୍ରତି ଦୃଷ୍ଟି ଦେବାସହ ଦୃଢ କାର୍ଯ୍ୟାନୁଷ୍ଠାନ ନେଲେ ଆମ ସରକାରଙ୍କ ଏହି ଯୋଜନାଟି ଫଳପ୍ରଦ ହେବା ସହ ରାଜକୋଷ ବାଟମାରଣା ହୁଅନ୍ତାନାହିଁ ଆଉ ଏକ ଦୁଃଖ ର ବିଷୟ କି ସୁକିନ୍ଦା ଓ ଦାନଗଦି ର ସ୍ଥାନୀୟ ଯୋଗ ଶିକ୍ଷକ ଗୋଟେ ଦୁଇଟି ସେଣ୍ଟର ପାଇଛନ୍ତି।

# ଲୋୟର ସୁକତେଲ ଡ୍ୟାମ୍ ଅଞ୍ଚଳରେ ୧୬୩ ଧାରା ଲାଗୁ

ବଲାଙ୍ଗୀର,୩୧/୦୭: ବଲାଙ୍ଗୀର ସ୍ଥିତ ମାଗୁରବେଡାଠାରେ ଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଡ୍ୟାମ୍ ପରିସରରେ ନିରାପତ୍ତା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗୀର ଉପ-ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଆଲୋକ କୁମାର ପଟେଲ, 'ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩' ର ଧାରା ୧୬୩ (୧) ଅଧୀନରେ ପ୍ରକଳ୍ପ ଅଞ୍ଚଳରେ ନିଷେଧାଦେଶ ଜାରି କରିଛନ୍ତି।

ଗତ କିଛି ଦିନ ହେବ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ, ପର୍ଯ୍ୟଟକ ଏବଂ ଅନଧିକୃତ ବ୍ୟକ୍ତି ଡ୍ୟାମ୍ ?ର କାର୍ଯ୍ୟକ୍ଷେତ୍ର, ଜଳାଶୟ ଓ ସ୍ପିଲୱେ ଅଞ୍ଚଳକୁ ବିପଜ୍ଜନକ ଭାବେ ଯାତାୟାତ କରୁଥିବା ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟିକୁ ଆସିଥିଲା। ବର୍ତ୍ତମାନ ବର୍ଷା ଦିନିଆ ଜଳସ୍ତର ବୃଦ୍ଧି, ସ୍ପିଲୱେ ଗେଟ୍ ?ରୁ ତୀବ୍ର ବେଗରେ ଜଳ ନିଷ୍କାସନ ଏବଂ ଭାରୀ ଯନ୍ତ୍ରପାତିର କାର୍ଯ୍ୟ ଚାଲୁ ରହିଥିବାରୁ ଜନଜୀବନ ସୁରକ୍ଷା ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଛି। ବୁଡ଼ିଯିବା ଓ ଅନ୍ୟାନ୍ୟ ଅପ୍ରୀତିକର ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ତୁରନ୍ତ ପ୍ରତିଷେଧକ ମୂଳକ ପଦକ୍ଷେପ ନିଆଯାଇଛି। ଡ୍ୟାମ୍ ?ର ମୁଖ୍ୟ କାନ୍ଥ, ବନ୍ଧ, ସ୍ପିଲୱେ, ଜଳାଶୟ କୂଳ ଏବଂ ନିୟନ୍ତ୍ରଣ କକ୍ଷ ଅଞ୍ଚଳକୁ ସାଧାରଣ ଲୋକ, ପର୍ଯ୍ୟଟକ ଓ ବେସରକାରୀ ଯାନବାହାନର ପ୍ରବେଶ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଡ୍ୟାମ୍ ଓ ଜଳାଶୟ ନିକଟରେ ଗାଧୋଇବା, ପହଁରିବା, ଡଙ୍ଗା ଚଳାଇବା, ମାଛ ଧରିବା, ସେଲଫି ନେବା, ଭିଡିଓ ସୁଟିଂ କରିବା ଏବଂ ରୁଣ୍ଡ ହେବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ କରାଯାଇଛି। କେବଳ ଡ୍ୟାମ୍ ?ର ନିର୍ମାଣ, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ, ଇଞ୍ଜିନିୟର, ସୁରକ୍ଷା କର୍ମୀ ଓ ନିୟୋଜିତ କର୍ମଚାରୀଙ୍କ ପାଇଁ ଏହି ଆଦେଶ ଲାଗୁ ହେବ ନାହିଁ। ଏହି ଆଦେଶ ୩୧ ଜୁଲାଇ ୨୦୨୬ ରୁ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ। ଯଦି କୌଣସି ବ୍ୟକ୍ତି ଏହି ନିୟମର ଉଲ୍ଲଂଘନ କରନ୍ତି, ତେବେ 'ଭାରତୀୟ ନ୍ୟାୟ ସଂହିତା, ୨୦୨୩' ର ଧାରା ୨୨୩ ଏବଂ ପ୍ରସଙ୍ଗିକ ସୁରକ୍ଷା ଆଇନ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡ୍ୟାମ୍ ପରିସରରେ ସାବଧାନତା ସୂଚକ ସାଇନ୍ ?ବୋର୍ଡ ଏବଂ ବାରିକେଡ୍ ଲଗାଇବାକୁ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ, କାର୍ଯ୍ୟାଦେଶ ଅନୁପାଳନ କରିବା ଓ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ପୋଲିସ, ତହସିଲଦାର ଓ ବିଡିଓଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଚାରୋଟି ଶ୍ରମ ସଂହିତା ଉପରେ ସଚେତନତା ଓ କର୍ମଶାଳା

ପାରାଦୀପ,୩୧/୭:- ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଶ୍ରମ ଆଇନ ସଂସ୍କାର, ବୈଧାନିକ ଅନୁପାଳନ, ଶ୍ରମିକ କଲ୍ୟାଣ ଏବଂ କର୍ମକ୍ଷେତ୍ର ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହାର ନୂତନ ବୋର୍ଡ ରୁମରେ ଚାରୋଟି ଶ୍ରମ ସଂହିତା ଉପରେ ଏକ ସଚେତନତା ଓ କର୍ମଶାଳା ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗ ଦେଇଥିବା ବେଳେ ନୂଆଦିଲ୍ଲୀର ମୁଖ୍ୟ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କ କାର୍ଯ୍ୟାଳୟ ଅଧୀନରେ ଭୁବନେଶ୍ୱରର ଉପମୁଖ୍ୟ ଶ୍ରମ କମିଶନର (କେନ୍ଦ୍ରୀୟ) ଚିରଞ୍ଜୀବ ସାଇକିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଭୁବନେଶ୍ୱରର ଆଞ୍ଚଳିକ ଶ୍ରମ କମିଶନର (କେନ୍ଦ୍ରୀୟ) ଜୟନ୍ତ ପ୍ରସାଦ ବେହେରା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ପ୍ରମୁଖ ନିଯୁକ୍ତିଦାତା, ସ୍ଥାନୀୟ ଟ୍ରେଡ୍ ୟୁନିଅନ୍ ନେତା, ଠିକାଦାର, ନିଯୁକ୍ତିଦାତା, ଶ୍ରମ ବିଭାଗର ଅଧିକାରୀ, ଉପମୁଖ୍ୟ ଶ୍ରମ କମିଶନର (କେନ୍ଦ୍ର), ଭୁବନେଶ୍ୱରର ଅଧିକାରୀ, ବିଭାଗୀୟ ମୁଖ୍ୟ ଏବଂ ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପାରାଦୀପ ବନ୍ଦର ପ୍ରାଧିକରଣ ବିଶ୍ୱାସ, ଦାୟିତ୍ୱ ଏବଂ ଦଳଗତ କାର୍ଯ୍ୟର ନୀତି ଉପରେ କାର୍ଯ୍ୟ କରିବା ସହିତ ନିୟମିତ ଏବଂ ଚୁକ୍ତିଭିତ୍ତିକ ଶ୍ରମିକ ଉଭୟଙ୍କ କଲ୍ୟାଣ ନିମନ୍ତେ



କାର୍ଯ୍ୟ କରେ କ୍ଷ ଭାରତ ସରକାରଙ୍କ ଚାରୋଟି ଶ୍ରମ ସଂହିତା ସାମାଜିକ ସୁରକ୍ଷା, କର୍ମକ୍ଷେତ୍ର ସୁରକ୍ଷା ଏବଂ ଶ୍ରମିକଙ୍କ ଅଧିକାରକୁ ସୁଦୃଢ଼ କରିବା ସହିତ ଶ୍ରମ ଆଇନକୁ ସରଳ କରିବା ଲକ୍ଷ୍ୟ ଉପରେ ବନ୍ଦରାଧକ୍ଷ ଆଲୋକପାତ କରିଥିଲେ । ଏତଦବ୍ୟତୀତ ବନ୍ଦର କର୍ମଚାରୀ କଲ୍ୟାଣ ପଦକ୍ଷେପ ଉପରେ ଆଲୋକପାତ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ବର୍ଦ୍ଧିତ ସୁବିଧା, ପ୍ରତି ତିନି ବର୍ଷରେ ବାଧ୍ୟତାମୂଳକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ବହୁଭାଷୀ ସୁରକ୍ଷା ସଚେତନତା ପଦକ୍ଷେପ ଏବଂ ସରକାରୀ-ବେସରକାରୀ ସହଭାଗୀତା (ପିପିପି) ପ୍ରକଳ୍ପ ଅଧୀନରେ ନିୟୋଜିତ ଶ୍ରମିକମାନଙ୍କ ସମେତ ଶ୍ରମିକମାନଙ୍କ ପାଇଁ ଏକ ପୂର୍ଣ୍ଣ ପାଣ୍ଠି ବିଶିଷ୍ଟ ଏକ ସପ୍ତାହର ସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ଅନ୍ତର୍ଭୁକ୍ତ ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଚିରଞ୍ଜୀବ ସାଇକିଆ ପାରାଦୀପ ବନ୍ଦର ସକ୍ରିୟ ଭାବରେ କର୍ମଶାଳା ଆୟୋଜନ ପାଇଁ ପ୍ରଶଂସା କରିଥିଲେ ଏବଂ ଏହାକୁ ଶ୍ରମ ଆଇନ ଅନୁପାଳନକୁ ସୁଦୃଢ଼ କରିବା ଏବଂ ମାଲିକ ଏବଂ ଶ୍ରମିକଙ୍କ ମଧ୍ୟରେ ଗଠନମୂଳକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ । ବୈଷୟିକ ବିଶେଷଜ୍ଞମାନେ ଚାରୋଟି ଶ୍ରମ ସଂହିତା ଉପରେ ବିସ୍ତୃତ ଅଧିବେଶନ ପରିଚାଳନା କରିଥିଲେ ଏବଂ ପଞ୍ଜିକରଣ, ଲାଇସେନ୍ସ ଏବଂ ବୈଧାନିକ ରିଟର୍ଣ୍ଣ ପାଇଁ ଶ୍ରମ ସୁବିଧା ପୋର୍ଟାଲର ବ୍ୟବହାର ଏବଂ ଅଭିଯୋଗ ସମାଧାନ, ବିବାଦ ସମାଧାନ ଏବଂ ଦାବି ପାଇଁ ସମାଧାନ ପୋର୍ଟାଲର ବ୍ୟବହାର ପ୍ରଦର୍ଶନ କରିଥିଲେ।

ପାରାଦୀପ ବନ୍ଦର ସଚିବ କୃଷ୍ଣ ବାପି ରାଜୁ ଜି. ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଶ୍ରମ ସଂହିତାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ସଚେତନତା, ଅନୁପାଳନ ଏବଂ ସହଯୋଗୀ ପ୍ରୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । କୃଷ୍ଣ ବାପି ରାଜୁ ଜି. ମୁଖ୍ୟ ଅତିଥି, ବିଶିଷ୍ଟ ବ୍ୟକ୍ତି, ଅଧିକାରୀ, ନିଯୁକ୍ତିଦାତା, ଠିକାଦାର, ଟ୍ରେଡ୍ ୟୁନିଅନ୍ ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଏକ ସୁରକ୍ଷିତ, ଅନୁପାଳନକାରୀ ଏବଂ ଶ୍ରମିକ-ଅନୁକୂଳ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପାରାଦୀପ ବନ୍ଦର ର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ ।

# ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ,୩୧।୭: ପୂର୍ବତନ ମନ୍ତ୍ରୀ, ପୂର୍ବତନ ଭଟିଲି ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସୁଶାନ୍ତ ସିଂହଙ୍କ ଅକାଳ ବିୟୋଗରେ ଅନୁଗୋଳ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଗୋଳ ଜିଲ୍ଲା ବିଜେଡ଼ି ସଭାପତି ତଥା ମାନ୍ୟବର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଓଡ଼ିଶା ରାଜନୀତି ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ଜନନେତା ଓ ସମର୍ପିତ ଜନସେବକଙ୍କୁ ହରାଇଲା। ଜନସେବା ଓ ସାର୍ବଜନୀନ ଜୀବନରେ ତାଙ୍କର ଅତୁଳନୀୟ ଅବଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମାନ୍ୟବର ବିଧାୟକ ଆଠମଲ୍ଲିକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ସମସ୍ତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମସ୍ତ ଜୋନର ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଏବଂ ଜିଲ୍ଲା ବିଜେଡ଼ିର ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା' ହିଙ୍ଗୁଳା ତାଙ୍କ ଅମର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବାକୁ ଧୈର୍ଯ୍ୟ ଦିଅନ୍ତୁ।

# ଜେଏସଡବ୍ଲ୍ୟୁ ଖଣି ସମ୍ମୁଖରେ ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ତରଫରୁ ଗଣଧାରଣା

କୋଇଡା (ସୌମ୍ୟ ମହାନ୍ତି ): କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ବଳଡିହି ସ୍ଥିତ ଜେଏସଡବ୍ଲ୍ୟୁ ଖଣି ସମ୍ମୁଖରେ ସିଆଇଟିୟୁ ଅନୁବନ୍ଧିତ ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ଖଣି ସମ୍ମୁଖରେ ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ ଦାବିରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି।



ସ୍ଥାନୀୟ ୨୫୦ ଜଣ ବେକାରୀ ଯୁବକଙ୍କୁ ନିଯୁକ୍ତି, ଖଣି ରେ ଖାଲି ଥିବା ବୈଷୟିକ ପଦବୀ ଗୁଡିକ ର ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ପ୍ରାଥମିକତା, ବିଦ୍ୟାଳୟ ଗୁଡିକ ରେ ପିଡିସି ଶିକ୍ଷକ ନିଯୁକ୍ତି, ଗ୍ରାମବାସୀ ଙ୍କୁ ପାନୀୟ ଜଳ, ରାସ୍ତା, ଚିକିତ୍ସା ସୁବିଧା ପ୍ରଦାନ ଏବଂ ଖଣି ଖନନ ଓ ପରିବହନ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ପ୍ରାଥମିକତା ଦେବା ଆଦି ପ୍ରମୁଖ ଦାବୀ ଗୁଡିକ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍‌ଦୋଳନ ଜାରି ରହିବ ବୋଲି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସୂଚନା ଦେଇଛନ୍ତି ।ଏହି ଧାରଣ ରେ ପ୍ରମୋଦ ସାମଲ, ପ୍ରଭାତ ପଣ୍ଡା,ସୁରେଶ ନାଏକ,ସହଦେବ ନାଏକ,କୃଷ୍ଣ ଚନ୍ଦ୍ର ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

# ଟୁକୁଡା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଛେଣ୍ଡିପଦା ( ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଟୁକୁଡା ଉଚ୍ଚ ବିଦ୍ୟାଳୟ ରେ କାର୍ଯ୍ୟରତ ଥିବା ବିଜ୍ଞାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁଙ୍କୁ ପୁରାତନ ଛାତ୍ର ସଂସଦ ତଥା ଶିକ୍ଷକ କର୍ମଚାରୀ ଏବଂ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରାତନ ଛାତ୍ରସଂସଦ ପକ୍ଷରୁଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ର ସଂସଦ ସଭାପତି ଅପିନ୍ଦ୍ର ଦେହୁରୀ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ବିଦାୟୀ ବିଜ୍ଞାନ ଶିକ୍ଷକ




କୃଷ୍ଣ ଚନ୍ଦ୍ର ସାହୁଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ , ମାନପତ୍ର ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମସ୍ତ ପୁରାତନ ଛାତ୍ର, ଛାତ୍ରୀ, ଅଧ୍ୟୟନ ରତ ଛାତ୍ର ଛାତ୍ରୀ ମାନେ ସ୍ୱତନ୍ତ୍ର ଭାବେ ଉପଢୌକନ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ରାମ ଶଙ୍କର ସାହୁ, ସରପଞ୍ଚ ପ୍ରଶାନ୍ତ କୁମାର ସାହୁ , ହିନ୍ଦି ଶିକ୍ଷକ ରମାକାନ୍ତ ସାହୁ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଦାନନ୍ଦ ମୁଦୁଲି, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ପୁରାତନ ଛାତ୍ର ସଂସଦ ସଦସ୍ୟ ନାରାୟଣ ନାଏକ ସ୍ୱାଗତ ଅଭିଭାଷଣ ସାଙ୍ଗକୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏବଂ ଗୁରୁଜୀ ପଦ୍ମ ଲୋଚନ ସାହୁ ସଭା ମଞ୍ଚ ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀ ମାନେ ବିଦାୟ ସଙ୍ଗୀତ ପରିବେଷଣ କରିଥିଲେ ।ସେହିପରି ପୁରାତନ ଛାତ୍ର ସଂସଦ ସଦସ୍ୟ ସନ୍ତୋଷ କୁମାର ସାହୁ, ବାସୁଦେବ ଗଡ଼ନାୟକ , ରିଙ୍କୁ ପ୍ରଧାନ, ବାବୁଲା ସାହୁ, ପ୍ରିୟବ୍ରତ ସାହୁ, ସଞ୍ଜୟ କୁମାର ମୁଦୁଲି ଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ ।

# ରାଜଗାଙ୍ଗପୁର ବିଧାୟକଙ୍କ ଉର୍ସ ମେଳାରେ ଯୋଗଦାନ

ରାଜଗାଙ୍ଗପୁର: ରାଜଗାଙ୍ଗପୁର ପ୍ରସିଦ୍ଧ ଲାଲ ସା ବାବା ଙ୍କ ସୁବର୍ଣ୍ଣ ଜୟନ୍ତୀ ଉର୍ସ ମେଳା ପ୍ରଥମ ଦିନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ଯୋଗଦାନ କରି ଲାଲ ସା ବାବା ଙ୍କ ପବିତ୍ର ସମାଧିପୀଠ ଠାରେ ଚାଦର ଚଡାଇ ସର୍ବ ମଙ୍ଗଳ ଶାନ୍ତି କାମନା ନିମନ୍ତେ ପ୍ରାର୍ଥନା କରିଥିଲେ ।ମଜାର କମିଟି ପକ୍ଷରୁ ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ବ୍ଲକ ପ୍ରତିନିଧି ଅରୁଣ ସାମଳ ଜିଲ୍ଲା କଂଗ୍ରେସ କୋଷାଧକ୍ଷ ପବନ ଗଡୋଦିଆ ପୁର୍ବତନ ଉପ ନଗରପାଳ ପାକା ବାବୁ ଓ ଅନ୍ୟାନ୍ୟ ଅତିଥି ଙ୍କୁ ପାରମ୍ପରିକ ପଗଡ଼ି ପିନ୍ଧାଇ ସମ୍ମାନୀତ କରାଯାଇଥିଲା।



ସୁନ୍ଦରଗଡ଼ ଜିଲ୍ଲା ଏସପି ଅମ୍ରିତପାଳ କୋର ଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ତଥା ଜିଲ୍ଲା ର ବରିଷ୍ଠ ପୋଲିସ୍ ପ୍ରଶାସନ ରାଜଗାଙ୍ଗପୁର ଏଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ଓ ଥାନା ରେ କାର୍ଯ୍ୟରତ ପୋଲିସ ସୁରକ୍ଷା ବଳ ସହର ର ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ପୋଲିସ ପୋଟ୍ରୋଲିଂ କଡାକଡି କରାଯିବା ସହ ଶୋଭାଯାତ୍ରା ଓ ଉର୍ସ ମେଳା ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିଥିଲେ। ରାଜଗାଙ୍ଗପୁର ସହର ଓ ଆଖପାଖ ପଡୋଶୀ ରାଜ୍ୟ ଝାଡଖଣ୍ଡ ଛତିଶଗଡ ପଶ୍ଚିମବଙ୍ଗ ରୁ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ଗାଡ଼ି ରହଣି ନିମନ୍ତେ ସୁତାମିଲ ପଡ଼ିଆ ବ୍ୟବହାର କରାଯିବା ଓ ରାସ୍ତା ଘାଟ ଆଲୋକମୟ ହୋଇଥିଲା। ଏହି ଅବସରରେ କମିଟି ପକ୍ଷରୁ ଉପଦେଷ୍ଟା ଅଶୋକ ଦାସ ଜାଫର ମୋବିନ ନବାବ ବାବୁ ଜୁଲୁ ବାବୁ ଏତଷାମ ଅହମଦ ଏମିତି ଶାହୀଦ ଏମଡି ଇରଫାନ ଏମିତି ନସିମ ତିଗଲା ଏମଡି ଉମର ଏମଡି ଶାହୀଦ ଆଶିଫ ରାଜା ଏମଡି ଏଜାଜ ସୁରେଶ ବାରିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ବୁଦ୍ଧିଜୀବୀ ରାଜନୈତିକ ଦଳ ର ନେତା କର୍ମୀ ସାଧାରଣ ନାଗରିକ ଙ୍କ ଉପସ୍ଥିତିରେ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ଯୋଜନା କମିଟି ନିର୍ବାଚନରେ ବିଜେପିର ଚମକପ୍ରଦ ସଫଳତା, ୪ରୁ ୪ ଆସନ ଦଖଲ; ବିଜେଡିକୁ ଝଟକା

ଅନୁଗୋଳ : ଅନୁଗୋଳ ଜିଲ୍ଲା ଯୋଜନା କମିଟି (ଡିପିସି) ସଦସ୍ୟ ନିର୍ବାଚନ ଶୁକ୍ରବାର ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଛି। ୧୪ଟି ଆସନ ପାଇଁ ହୋଇଥିବା ଏହି ନିର୍ବାଚନରେ ବିଜେଡି ୧୦ଟି ଆସନରେ ବିଜୟୀ ହୋଇଥିବା ବେଳେ, ବିଜେପି ନିଜେ ପ୍ରାର୍ଥୀ ଦେଇଥିବା ସମସ୍ତ ୪ଟି ଆସନରେ ବିଜୟ ହାସଲ କରି ଚମକପ୍ରଦ ସଫଳତା ଅର୍ଜନ କରିଛି ।ବିଜେଡି ର ସାତ ଜଣ ଜିଲ୍ଲା ପରିଷଦ ସଦସ୍ୟ ଙ୍କ ସମର୍ଥନ ହାସଲ କରି ସଫଳ ହୋଇପାରିଛି

ଅନୁଗୋଳ ଜିଲ୍ଲା ର ଦ୍ରୁତ ବିକାଶ ପାଇଁ ରାଜ୍ୟ ସରକାର ଜିଲ୍ଲା ଯୋଜନା ବୋର୍ଡ ଗଠନ କରିଛନ୍ତି । ପୂର୍ବରୁ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ପାଲଲହଡା ର ବିଧାୟକ ଅଶୋକ ମହାନ୍ତି ଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି ।

ପୂର୍ବ ସରକାର ରେ ଜିଲ୍ଲା ଯୋଜନା ବୋର୍ଡ ସମ୍ପୂର୍ଣ୍ଣ ଭାବେ ଅଚଳ ଥିଲା ସରକାରୀ ବାବୁ ମାନଙ୍କ କଥା ରେ ଶାସନ ଚାଲୁଥିଲା, ଲୋକପ୍ରତିନିଧି ଙ୍କୁ ଗୌଣ କରି କ୍ଷମତା ବିହୀନ କରାଯାଇଥିଲା । ୨୦୩୬ ବିକଶିତ ଓଡିଶା, ବିକଶିତ ଅନୁଗୋଳ ଜିଲ୍ଲା ଗଠନ ଲକ୍ଷ ନେଇ ସାମଗ୍ରିକ ବିକାଶ ପାଇଁ ଜିଲ୍ଲା ଯୋଜନା କମିଟି ଗଠିତ ହୋଇଛି । ଜିଲ୍ଲା ଯୋଜନା କମିଟି ନିର୍ବାଚନ ଥିବା ବେଳେ ୧୪ ଜଣ ନିର୍ବାଚିତ ହୋଇଛନ୍ତି । ବିଜେପି ର ଜଣେ ମାତ୍ର ଜିଲ୍ଲା ପରିଷଦ ଥିବା ସତ୍ତ୍ୱେ ଜିଲ୍ଲା ଯୋଜନା କମିଟିକୁ ୪ ଜଣ ନିର୍ବାଚିତ ହୋଇ ବାଜିମାତ କରିଛି ବିଜେପି।

ଏହି ନିର୍ବାଚନରେ ବିଜେଡି ସମସ୍ତ ୧୪ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଅନ୍ୟପକ୍ଷରେ ବିଜେପି କେବଳ ୪ଟି ଆସନରେ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସେହି ସମସ୍ତ ଆସନରେ ବିଜୟ ହାସଲ



କରି ରାଜନୈତିକ ମହଲରେ ନିଜର ସଂଗଠନାତ୍ମକ ଶକ୍ତିର ପ୍ରଦର୍ଶନ କରିଛି ।ଉଲ୍ଲେଖଯୋଗ୍ୟ ଯେ, ୨୮ ସଦସ୍ୟ ବିଶିଷ୍ଟ ଅନୁଗୋଳ ଜିଲ୍ଲା ପରିଷଦରେ ବିଜେଡିର ୨୭ ଜଣ ଓ ବିଜେପିର ୧ ଜଣ ସଦସ୍ୟ ରହିଛନ୍ତି। ଏଭଳି ସଂଖ୍ୟାଗତ ଦୃଷ୍ଟିରୁ ବିଜେଡି ଅଧିକ ଶକ୍ତିଶାଳୀ ଥିଲେ ମଧ୍ୟ, ବିଜେପି ନିଜର ସମସ୍ତ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ସକ୍ଷମ ହୋଇଛି। ଫଳରେ ବିଜେପି ଶିବିରରେ ଉତ୍ସାହର ଲହରୀ ଦେଖାଦେଇଛି ।ବିଜୟୀ ବିଜେପି ପ୍ରାର୍ଥୀମାନେ ହେଲେ ଶ୍ରୀମତୀ ମୀରା ଗଡ଼ନାୟକ, ଶ୍ରୀ ଗୋପାଳ ଚନ୍ଦ୍ର ନାୟକ, ଶ୍ରୀ ଯଶୋବନ୍ତ ପ୍ରସାଦ ବେହେରା ଏବଂ ଶ୍ରୀମତୀ ରଶ୍ମିତା ବେହେରା।

ବିଜୟ ପରେ ନବନିର୍ବାଚିତ ସଦସ୍ୟମାନେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା , ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ ସେମାନଙ୍କ ନେତୃତ୍ୱ, ମାର୍ଗଦର୍ଶନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି ।ଅନ୍ୟପକ୍ଷରେ, ସଂଖ୍ୟାଗତ ଭାବେ ଅଧିକ ସୁବିଧାଜନକ ସ୍ଥିତିରେ ଥିବା ବିଜେଡି ସମସ୍ତ ୧୪ଟି ଆସନ ଜିତିବାର ସୁଯୋଗ ଥିଲେ ମଧ୍ୟ ତାହା ହାସଲ କରିପାରି ନଥିବାରୁ ଏହି ଫଳାଫଳକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ବିଜେପିର ଏହି ସଫଳତାକୁ ଦଳର କର୍ମୀମାନେ ସଂଗଠନର ଏକତା ଓ କୌଶଳର ବିଜୟ ବୋଲି ବର୍ଣ୍ଣନା କରୁଥିବା ବେଳେ, ବିଜେଡି ପାଇଁ ଏହା ଏକ ଅପ୍ରତ୍ୟାଶିତ ଝଟକା ବୋଲି ଚର୍ଚ୍ଚା ହେଉଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

● **Editor : Sarat Raut** **ସଂପାଦକ:** ଶରତ ରାଉତ